EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews




ବର୍ଷ-୨ ସଂଖ୍ୟା-୪୭ ୦୩ - ୦୯ ଡିସେମ୍ବର, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-47 03rd - 09th DECEMBER, 2018 BHUBANESWAR ₹ 5/- (8 Pages)

### ବିଜେପି ଛାଡ଼ିଲେ ଦିଲ୍ଲୀପ, ବିଜୟ

# ବୈଜୟନ୍ତ, ଜୁଏଲଙ୍କ ପାଇଁ କଣ୍ଟା !





**ଭୁବନେଶ୍ୱର :** ଗୋଟିଏ ଦିନରେ ଦଳ ଛାଡିଲେ ବରିଷ୍ଠ ନେତା ବିଜୟ ମହାପାତ୍ର ଓ ଦିଲ୍ଲୀପ ରାୟ। ଏ ଦୁଇ ନେତା ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ମିଳିତ ଭାବେ ଇସ୍ତଫା ପତ୍ର ପଠାଇଛନ୍ତି। ଉଭୟଙ୍କ ଇସ୍ତଫା ପତ୍ରରେ ସେମାନଙ୍କ ଦଳ ଛାଡ଼ିବା ପଛର ସମ୍ପୂର୍ଣ୍ଣ କାରଣ ଲିଖିତ ଭାବେ ଜଣାଇଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ପାଖେଇ ଆସୁଥିଲା ବେଳେ ରାଜ୍ୟ ବିଜେପି ପାଇଁ ଏହା ଶୁଭଙ୍କର ନୁହେଁ ବୋଲି ଜଣାପଡୁଛି। ସୂଚନାଯୋଗ୍ୟ, ଗତ ୨୭ ତାରିଖରେ ପୂର୍ବତନ ପ୍ରଶାସନିକ ଅଧିକାରୀ ଅପରାଜିତା ଷଡ଼ଙ୍ଗୀ ବିଜେପିରେ ମିଶିବା ପରେ ଦଳୀୟ ଶିବିରରେ ଉତ୍ସାହ ଖେଳିଯାଇଥିଲା। ମାତ୍ର ସମ୍ପ୍ରତି ବିଜୟ ଓ ଦିଲ୍ଲୀପଙ୍କ ପରି ଦୁଇଜଣ ତୁଙ୍ଗନେତା ଦଳ ଛାଡିବା ଏହି ଉତ୍ସାହରେ ଭଟ୍ଟା ପକାଇ ଦେଇଛି। ଗତ ଶୁକ୍ରବାର ପ୍ରଥମେ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ ଦିଲୀପ ରାୟ। ସେ ବିଧାନସଭାରେ ବାଚସ୍ପତି ପ୍ରଦୀପ ଅମାତଙ୍କୁ ଭେଟି ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ବିଧାନସଭାର ବିଧିବ୍ୟବସ୍ଥା ଅନୁଯାୟୀ ବିଧାୟକ ଶ୍ରୀ ରାୟଙ୍କ ଇସ୍ତଫା ଗ୍ରହଣ କରାଯାଇଛି ବୋଲି ବାଚସ୍ପତି ପ୍ରଦୀପ ଅମାତ ଘୋଷଣା କରିଥିଲେ। ଏହାପରେ ଟ୍ୱିଟ୍ କରି ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଶ୍ରୀ ରାୟ ସ୍ପଷ୍ଟ କରିଥିଲେ। ଇ-ମେଲ୍ ଯୋଗେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଛନ୍ତି ବୋଲି ଶ୍ରୀ ରାୟ ଟ୍ୱିଟ୍‌ରେ ଉଲ୍ଲେଖ କରିଥିଲେ। ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ଓ ଆଇଜିଏଚ୍‌କୁ ସୁପର ସ୍ପେଶାଲିଟି ହସ୍ପିଟାଲ୍ କରିବା ଦାବିରେ ସେ ଦୀର୍ଘ ଦିନ ଧରି ବିଜେପିର କେନ୍ଦ୍ରୀୟ ନେତୃତ୍ୱ ବିରୋଧରେ ମନ୍ତବ୍ୟ ଦେଇ ଆସୁଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହୋଇଛନ୍ତି ବୋଲି ଶ୍ରୀ ରାୟ କହିଥିଲେ। ➤ ପୃ-୬

## ଚାଷୀ ନେତାଙ୍କ ସହ ଆଲୋଚନା କରିବେ ସରକାର



**ଭୁବନେଶ୍ୱର :** ରାଜ୍ୟରେ ଚାଷୀଙ୍କ ସମସ୍ୟା ଦୂର କରିବାକୁ ଚାଷୀଙ୍କଠାରୁ ପରାମର୍ଶ ନେବେ ସରକାର। ଏନେଇ ଗତ ଗୁରୁବାର ଅନୁଷ୍ଠିତ ଆନ୍ତଃମନ୍ତ୍ରୀସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଛି। ଆସନ୍ତା ୭ ତାରିଖରେ କୃଷି ଭବନରେ ହେବାକୁ ଥିବା ବୈଠକରେ ମନ୍ତ୍ରୀସ୍ତରୀୟ କମିଟି ଚାଷୀ ନେତାମାନଙ୍କ ସହିତ ଋଷୀ ମାନଙ୍କର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିବେ। ସଚିବାଳୟରେ ଅନୁଷ୍ଠିତ ଚାଷୀ ସମ୍ପର୍କିତ ମନ୍ତ୍ରୀସ୍ତରୀୟ ବୈଠକ ପରେ ଅର୍ଥମନ୍ତ୍ରୀ ତଥା କମିଟି ଅଧ୍ୟକ୍ଷ ଶଶିଭୂଷଣ ବେହେରା କହିଛନ୍ତି, ଚାଷୀଙ୍କର ବହୁତ ସମସ୍ୟା ରହିଛି। ସେ ସମ୍ପର୍କରେ ରାଜ୍ୟର ବିଭିନ୍ନ ଚାଷୀ ସଂଗଠନଙ୍କଠାରୁ ପରାମର୍ଶ ନେବା ପାଇଁ ଆସନ୍ତା ୭ ତାରିଖ ଦିନ କୃଷି ଭବନଠାରେ ବୈଠକ ଅନୁଷ୍ଠିତ ହେବ। ଯେତେବେଳେ ରାଜ୍ୟରେ ଚାଷୀ ଆତ୍ମହତ୍ୟା କରୁଛନ୍ତି ଓ ଅଭାବୀ ବିକ୍ରିର ଶିକାର ହେଉଛନ୍ତି ସେତେବେଳେ ଏଭଳି ମନ୍ତ୍ରୀ ସ୍ତରୀୟ ବୈଠକ କରି ସରକାର ଚାଷୀଙ୍କୁ ତାସଲ୍ୟ କରୁଛନ୍ତି ବୋଲି ବିଜେପି ଅଭିଯୋଗ କରିଛି। ବିଜେପି ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି, ଚାଷୀ କୂଳକୁ ଭୂତାଇବା ପାଇଁ ସରକାର ଚକ୍ରାନ୍ତ କରୁଛନ୍ତି। ଆଉ କେମିତି ୨୦୧୯ ପୂର୍ବରୁ ଚାଷୀ ସଂଗଠନ ଆନ୍ଦୋଳନ ନକରୁ ସେନେଇ ଚାଷୀଙ୍କୁ ଡାକି ଆଲୋଚନା କରିବେ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି। ଚାଷୀଙ୍କୁ ଦେଖାଇବା ପାଇଁ ଏହି ବୈଠକ କରାଯାଉଛି। ସରକାର ସେମାନଙ୍କ ପାଇଁ ଚିନ୍ତିତ ବୋଲି ଦେଖାଇବା ପାଇଁ ମନ୍ତ୍ରୀସ୍ତରୀୟ ବୈଠକ କରାଯାଉଛି। ଏହା କେବଳ ଚାଷୀ ଆନ୍ଦୋଳନରୁ ବର୍ତ୍ତିବା ପାଇଁ ରାଜ୍ୟ ସରକାରଙ୍କର ଫାର୍ସ। ➤ ପୃ-୬

### ପାରାଦୀପ ପ୍ଲାଷ୍ଟିକ ପାର୍କ ପ୍ରସଙ୍ଗ
### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

## ପ୍ରକଳ୍ପ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ



**ନୂଆଦିଲ୍ଲୀ/ଭୁବନେଶ୍ୱର :** ଭାରତୀୟ ତୈଳ ନିଗମ ଓ ଓଡ଼ିଶା ସରକାରଙ୍କ ଇଡ୍‌କୋ ମଧ୍ୟରେ ପାରାଦୀପ ତୈଳ ବିଶୋଧନାଗାର ନିକଟରେ ପ୍ରସ୍ତାବିତ ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠା ମାମଲାରେ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରନ୍ତୁ ବୋଲି ଚିଠି ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ ଏଥିରେ ଉଲ୍ଲେଖ କରିଛନ୍ତି ଯେ, ଫେବୃଆରୀ ୨୦୧୯ ସୁଦ୍ଧା ପାରାଦୀପ ତୈଳ ବିଶୋଧନାଗାରରୁ ପଲି ପ୍ରପଲିନ ପ୍ରକଳ୍ପରୁ ଉତ୍ପାଦନ ଆରମ୍ଭ ହେବ। ➤ ପୃ-୬

# ହକି ବିଶ୍ୱକପ୍ : ଇତିହାସ ରଚିଲା କଳିଙ୍ଗ



**ଭୁବନେଶ୍ୱର :** ବିଶ୍ୱ କ୍ରୀଡ଼ା ଇତିହାସରେ ଯୋଡିହେଲା ନୂଆ ଫର୍ଦ୍ଦ। ଓଡ଼ିଶା ଇତିହାସ ରଚିଲା। କଳିଙ୍ଗ ଷ୍ଟାଡିୟମରେ ୧୪ଶ ପୁରୁଷ ବିଶ୍ୱ ହକି କପ୍ ଆୟୋଜନ କରି ଓଡ଼ିଶା ଏବେ ସାରା ବିଶ୍ୱରୁ ପ୍ରଶଂସା ସାଉଁଟୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ହକି ମହାକୁମ୍ଭକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୬ଟି ପ୍ରତିଯୋଗୀ ଦେଶର ଅଧିନାୟକ, କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ଆନ୍ତର୍ଜାତିକ ହକି ମହାସଂଘ ସଭାପତି ନରିନ୍ଦର ବାତ୍ରା ପ୍ରମୁଖ ଉପସ୍ଥିତ ରହିଥିଲେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଉଦ୍‌ଘାଟିତ ହୋଇଥିବା ହକି ବିଶ୍ୱକପ୍ ସମାରୋହରେ ଓସ୍କାର ବିଜୟୀ ସଙ୍ଗୀତଜ୍ଞ ଏଆର ରେହମନ, ବଲିଉଡ୍ ବାଦ୍‌ଶାହା ଶାହାରୁଖ ଖାନ୍ ଓ ଧକ୍ ଧକ୍ ଗାର୍ଲ ମାଧୁରୀ ଦୀକ୍ଷିତ୍ ପ୍ରମୁଖ ଯୋଗ ଦେଇଥିଲେ। ହକି ବିଶ୍ୱକପ୍ ଆୟୋଜନ ପାଇଁ ଓଡ଼ିଶାକୁ ସମସ୍ତେ ଧନ୍ୟବାଦ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ହକିର ଏନ୍ତୁଡିଶାଳ ଓଡ଼ିଶା ଆଜି ବିଶ୍ୱସ୍ତରୀୟ ଖେଳାଳି ସୃଷ୍ଟି କରି ଦେଶର ହକି ରାଜଧାନୀ ଭୁବନେଶ୍ୱର ନୂଆ ପରିଚୟ ସୃଷ୍ଟି କରିଛି।

## ବକ୍ରବାଣୀ



ଦେଖିଥିଲେ ସିଏ କେତେ ସପନ
କରିବେ ୟେଥର ରାଜ୍ୟ ଶାସନ
ଠିକଣା ବେଳକୁ ମ୍ୟାମ ଆଇଲେ
ଘୋଡାର ଲଗାମ ହାତେ ଧଇଲେ
ଡେଇଁ ଡେଇଁ ହନୁ ହାଲିଆ ହେଲା
ସବୁ କସରତ ଚୁଲିକି ଗଲା
ବଣେଇ ଭାଇଟା ଦାଉ ସାଧୁଛି
କଟା ଘାଆରେ ସେ ଚୁନ ମାରୁଛି
ମିଡିଆ ଆଗରେ ଥଟ୍ଟା କରୁଛି
ହସି ହସି ଆଜି ମଜା ନଉଛି।

—— ଟୁଟୁ

# 'ଉଚ୍ଚଶିକ୍ଷାର ପ୍ରମୁଖ କେନ୍ଦ୍ର ହେବ ଓଡ଼ିଶା'



**ଭୁବନେଶ୍ୱର :** ରାଜ୍ୟର ୧୦ଟି ବିଶ୍ୱବିଦ୍ୟାଳୟ ଓ ୫୨ଟି ସରକାରୀ କଲେଜରେ କ୍ୟାରିଅର୍ କାଉନ୍‌ସେଲିଂ ସେଣ୍ଟର ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏହାର ଶୁଭାରମ୍ଭ କରି ଛାତ୍ରଛାତ୍ରୀଙ୍କ ଦକ୍ଷତା ଏବଂ ରୋଜଗାର ବଢ଼ାଇବାରେ କ୍ୟାରିଅର୍ କାଉନ୍‌ସେଲିଂ ସେଣ୍ଟର୍ ସହାୟକ ହେବ ବୋଲି ମତପ୍ରକାଶ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜୟଦେବ ଭବନରେ ଆୟୋଜିତ ଉଚ୍ଚଶିକ୍ଷାର ଆନ୍ତର୍ଜାତିକସ୍ତରୀୟ କର୍ମଶାଳାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ଅଧ୍ୟବସାୟ ଓ ପ୍ରତିଶ୍ରୁତିବଦ୍ଧତା ଓଡ଼ିଶାର ଉଚ୍ଚଶିକ୍ଷାକୁ ବାସ୍ତବରେ ଆନ୍ତର୍ଜାତିକସ୍ତରୀୟ କରିବା ସହ ଦେଶରେ ଓଡ଼ିଶାକୁ ଏକ ଗୁଣାତ୍ମକ ଉଚ୍ଚଶିକ୍ଷା ହବ୍ ଭାବେ ଗଢ଼ି ତୋଳିବାରେ ସକ୍ଷମ ହେବ। ଗତ ଦୁଇ ଦଶନ୍ଧି ଧରି ଉଚ୍ଚଶିକ୍ଷା ଓ ଗବେଷଣାର ହବ୍ ଭାବେ ଓଡ଼ିଶା ଅଗ୍ରଗତି କରୁଛି। ଘରୋଇ, କେନ୍ଦ୍ରୀୟ ଏବଂ ରାଜ୍ୟ ଉଚ୍ଚଶିକ୍ଷାନୁଷ୍ଠାନ ସମେତ ଓଡ଼ିଶା ଜ୍ଞାନ ପ୍ରଦାନ କ୍ଷେତ୍ରରେ ଉତ୍କୃଷ୍ଟତାର ଲକ୍ଷ୍ୟ ନେଇ ଆଗେଇ ଚାଲିଛି। ଏଥିସହ ନୂତନ ଜ୍ଞାନ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ମନୋଭାବ ବିକଶିତ କରାଯାଇଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ଆୟୋଜିତ ଏକାଡେମିକ୍ ମିଟ୍‌ରେ ବିଶିଷ୍ଟ ଗବେଷକ, ପ୍ରଶାସକ, ଶିଳ୍ପପତି ଏକତ୍ର ହୋଇ ଉଚ୍ଚଶିକ୍ଷାର ପଦ୍ଧତି, ଗବେଷଣାରେ କ୍ଷମତା ନିର୍ମାଣ ଏବଂ ଅଭିନବୀକରଣ ତଥା ରାଜ୍ୟରେ ଗୁଣାତ୍ମକ ମାନବ ସମ୍ବଳ ସୃଷ୍ଟି ନିମନ୍ତେ ବିଭିନ୍ନ ଦିଗ ଉପରେ ପ୍ରସ୍ତାବମାନ ଦେଇଛନ୍ତି। ଗତ ପାଞ୍ଚବର୍ଷରେ ରାଜ୍ୟ ସରକାର ଉଚ୍ଚଶିକ୍ଷାର ଗୁଣବତ୍ତା ବୃଦ୍ଧି ଲାଗି ବହୁତ ସଂସ୍କାର ଆଣିଛନ୍ତି। ଓଡ଼ିଶାରେ ପାଞ୍ଚଟି ନୂତନ ବିଶ୍ୱବିଦ୍ୟାଳୟ, ➤ ପୃ-୬









## କେମିତି କଟିବ ଏ ସପ୍ତାହ

**ମେଷ** ସରକାରୀ କାମରେ ବାଧା ଦୂର ହେବ। ଧର୍ମପୁସ୍ତକ ପଢ଼ିବାରେ ଆଗ୍ରହ ବଢ଼ିବ। ବୈବାହିକ ଜୀବନ ସୁଖରେ କଟିବ। ଗୃହରେ ଶୁଭକାର୍ଯ୍ୟ ଅନୁଷ୍ଠିତ ହେବ। ବ୍ୟବସାୟୀଙ୍କୁ ପ୍ରଚୁର ଲାଭ ମିଳିବାର ସମ୍ଭାବନା ରହିଛି। ରାଜନୀତିରେ ସୁଯୋଗ ମିଳିପାରେ।

**ବୃଷ** ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ମହିଳାଙ୍କର ସାମାଜିକ ଗତିବିଧିର ସମ୍ମାନ ବୃଦ୍ଧି ହେବ। ଚାକିରି କ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ। ଧନପ୍ରାପ୍ତିର ସୁଯୋଗ ହାତଛଡ଼ା କରିବେ। ନୂତନ ଯାନ କ୍ରୟ କରିପାରନ୍ତି।

**ମିଥୁନ** ପୂଜା ପାଠରେ ଅଧିକ ସମୟ ବିତିବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ହାତଛଡା କରିବେ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ରାଜନୀତିରେ ଆଧିପତ୍ୟ ବଢ଼ିବ।

**କର୍କଟ** ଗୃହରେ ବନ୍ଧୁମିଳନରୁ ଶାନ୍ତି ଅନୁଭବ କରିବେ। ଧର୍ମ ଚର୍ଚ୍ଚାରେ ସମୟ କଟିବ। ବିଦ୍ୟାର୍ଥୀମାନେ ପରିଶ୍ରମର ଫଳ ପାଇବେ। ଗୃହରେ ବୟସ୍କ ବ୍ୟକ୍ତିଙ୍କ ଶରୀର ଅସୁସ୍ଥ ରହିବ। ପରିଶ୍ରମର ଫଳ ପାଇବେ।

**ସିଂହ** ନୂଆ ଚାକିରିର ପ୍ରସ୍ତାବ ମିଳିପାରେ। ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ଛାତ୍ରଛାତ୍ରୀମାନେ କିଛିମାତ୍ରାରେ ସଫଳତା ପାଇବେ। ଗାଡି କିଣିବା ପାଇଁ ମନ ବଢ଼ିବ। ଶରୀର ସୁସ୍ଥ ଓ ମନ ଖୁସି ରହିବ।

**କନ୍ୟା** ସମାଜରେ ମାନ-ସମ୍ମାନ ମିଳିବ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ନୂତନ ଗୃହ ନିର୍ମାଣ କାରବାର ସମୟ ଆସିବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମକରି ସଫଳ ହେବେ। ବିବାଦର ସମାଧାନ ହେବ।

**ତୁଳା** କଳା ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠିତ ହେବେ। କର୍ମକ୍ଷେତ୍ରରେ ଖୁବ୍‌ଶୀଘ୍ର ପରିବର୍ତ୍ତନ ହେବ। ପୁରସ୍କାର ମିଳିପାରେ। ବନ୍ଧୁଙ୍କଠାରୁ ଆର୍ଥିକ ସହଯୋଗ ମିଳିବ। ଶାରୀରିକ ଅସୁସ୍ଥତା ଲାଗି ରହିପାରେ।

**ବିଛା** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେଇ ପ୍ରଶଂସିତ ହେବେ। କ୍ରୀଡାବିତ୍‌ମାନେ ସଫଳତା ଅର୍ଜନ କରିବେ। ପାରିବାରକ ଜୀବନ ସୁଖମୟ ହେବ।

**ଧନୁ** ସାମାଜିକ କର୍ମରେ ସମୟ ବିତିବ। ଆର୍ଥିକ ଅବସ୍ଥା ବଦଳିବ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ସହଯୋଗ ପାଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାରରେ ଶାନ୍ତି ବଜାୟ ରହିବ।

**ମକର** କର୍ମକ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କ ପ୍ରିୟଭାଜନ ହେବେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ଯାନବାହନ ପ୍ରତି ସତର୍କତା ରହିବେ। ସନ୍ତାନଙ୍କ ପାଇଁ ଚିନ୍ତିତ ରହିବେ। ପୁରୁଣା ବିବାଦରୁ ଆପଣଙ୍କୁ ଆରାମ ମିଳିବ।

**କୁମ୍ଭ** ଚାକିରିରେ ନିଯୁକ୍ତି ପାଇବାର ସମୟ ଆସିବ। ଗୃହରେ ଆର୍ଥିକ ଅବସ୍ଥା ଧିରେଧିରେ ସୁଧୁରିବ। ବୈବାହିକ ଜୀବନ ସୁଖମୟ ହେବ। ପରିବାର ମଧ୍ୟରେ ଲାଗି ରହିଥିବା ବିବାଦରୁ ମୁକ୍ତି ମିଳିବ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ରହିବେ।

**ମୀନ** କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ପ୍ରଶଂସା ହେବ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ। ଶିକ୍ଷା କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କୁ ଶୁଭଫଳ ମିଳିବ। କଳାକାରମାନେ ଯଶ ଅର୍ଜନ କରିବେ। ଆଇନ୍ କାନୁନ୍ ମାମଲାରେ ସମାଧାନତା ହୋଇପାରେ।



**ଚନ୍ଦ୍ରଶେଖର ମିଶ୍ର**
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
**କାକଟପୁର, ପୁରୀ**
ମୋ-୯୭୭୭୦୬୩୪୧୧

## ୨୫ ବର୍ଷରୁ ଊର୍ଦ୍ଧ୍ୱ ଜେନେରାଲ ବର୍ଗ ଦେଇପାରିବେ ନିଟ୍

**ନୂଆଦିଲ୍ଲୀ :** ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆଗ୍ରହୀ ଥିବା ୨୫ ବର୍ଷରୁ ଊର୍ଦ୍ଧ୍ୱ ସାଧାରଣ ବର୍ଗର ଛାତ୍ରଛାତ୍ରୀ ଏବଂ ୩୦ ବର୍ଷରୁ ଊର୍ଦ୍ଧ୍ୱ ସଂରକ୍ଷିତ ବର୍ଗର ଛାତ୍ରଛାତ୍ରୀମାନେ 'ନିଟ୍ ୨୦୧୯' ପରୀକ୍ଷା ଦେଇ ପାରିବେ ବୋଲି ସୁପ୍ରିମକୋର୍ଟ ରୁଲିଂ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ଏଥିପାଇଁ ଆବେଦନ କରିବାର ଶେଷ ତାରିଖ ଏକ ସପ୍ତାହ ଅର୍ଥାତ୍ ଡିସେମ୍ବର ୭ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପୂର୍ବ ବ୍ୟବସ୍ଥା ଅନୁଯାୟୀ ବୟସ ଦୃଷ୍ଟିରୁ ଆବେଦନ କରିପାରି ନଥିବା ଛାତ୍ରଛାତ୍ରୀଙ୍କୁ ସୁବିଧା ଦେବାପାଇଁ କୋର୍ଟ ଏଭଳି ନିଷ୍ପତ୍ତି ନେଇଛନ୍ତି। ତେବେ ପୂର୍ବରୁ ଆବେଦନ କରିବାର ଶେଷ ତାରିଖ ଶୁକ୍ରବାର ଧାର୍ଯ୍ୟ ହୋଇଥିଲା। ସିବିଏସ୍‌ଇ ପକ୍ଷରୁ ନିଟ୍ (ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ) ପାଇଁ ଆବେଦନ କରିବାକୁ ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ଲାଗି ସର୍ବୋଚ୍ଚ ବୟସ ସୀମା ୨୫ ଓ ସଂରକ୍ଷିତ ବର୍ଗର ଛାତ୍ରଛାତ୍ରୀଙ୍କ ଲାଗି ୩୦ ବର୍ଷ ପୂର୍ବରୁ ଧାର୍ଯ୍ୟ କରିଥିଲା। ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ନିଟ୍‌ର ସର୍ବୋଚ୍ଚ ବୟସ ସୀମା ଧାର୍ଯ୍ୟ କରିବାକୁ ଭାରତୀୟ ମେଡିକାଲ କାଉନ୍‌ସିଲ୍ (ଏମ୍‌ସିଆଇ)ର ନିଷ୍ପତ୍ତି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ନିଟ୍-୨୦୧୯ ଅଫ୍ ଲାଇନ୍‌ରେ ମେ' ୫ ତାରିଖରେ ଅନୁଷ୍ଠିତ ହେବ।

### ଇସ୍ରୋକୁ ପୁଣି ଏକ ବଡ ସଫଳତା

## ୩୧ ସ୍ୟାଟେଲାଇଟ୍‌ର ସଫଳ ଉତ୍କ୍ଷେପଣ

**ନୂଆଦିଲ୍ଲୀ :** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)କୁ ପୁଣି ଏକ ବଡ଼ ସଫଳତା ମିଳିଛି। ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟା ମହାକାଶ କେନ୍ଦ୍ରରୁ ପିଏସ୍‌ଏଲ୍‌ଭି-ସି୪୩ ଯୋଗେ ହାଇପର୍ ସ୍ପେକ୍ଟ୍ରାଲ ଇମେଜିଂ ସ୍ୟାଟେଲାଇଟ୍ (ହାଇସିସ୍) ସମେତ ୩୧ଟି ସ୍ୟାଟେଲାଇଟ୍ (କୃତ୍ରିମ ଉପଗ୍ରହ) ସଫଳତାର ସହ ଉତ୍କ୍ଷେପଣ କରାଯାଇଛି। ୨୮ ଘଣ୍ଟାର କାଉଣ୍ଟଡାଉନ୍ ପରେ ପୂର୍ବାହ୍ନ ୯.୫୭ରେ ଇସ୍ରୋର ପ୍ରଥମ ଲଞ୍ଚପ୍ୟାଡ୍‌ରୁ ଏହା ଉତ୍କ୍ଷେପଣ ହୋଇଛି। ଠିକ୍ ୧୭ ମିନିଟ୍ ୨୭ ସେକେଣ୍ଡ୍ ପରେ ହାଇସିସ୍ କକ୍ଷପଥରେ ସ୍ଥାପିତ ହୋଇଛି। ଏହି ଅବସରରେ ଇସ୍ରୋର ବୈଜ୍ଞାନିକମାନଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଥିଲା। ଇସ୍ରୋ ମୁଖ୍ୟ ଡକ୍ଟର କେ ଶିବାନ୍ ହାଇସିସ୍‌କୁ ଦେଶର ସବୁଠାରୁ ଶକ୍ତିଶାଳୀ ଇମେଜିଂ ଉପଗ୍ରହ ବୋଲି କହିଛନ୍ତି। ହାଇସିସ୍ ସହ ୮ଟି ଦେଶର ୩୦ଟି ଅନ୍ୟ ସ୍ୟାଟେଲାଇଟ୍ (୧ ମାଇକ୍ରୋ ଓ ୨୯ଟି ନାନୋ) ଉତ୍କ୍ଷେପଣ ହୋଇଛି। ଚଳିତ ବର୍ଷ ପିଏସ୍‌ଏଲ୍‌ଭିର ଏହା ୬ଷ୍ଠ ଉତ୍କ୍ଷେପଣ। ଉପଗ୍ରହଗୁଡ଼ିକ ପୃଥିବୀପୃଷ୍ଠ ଠାରୁ ୬୩୬ କିମି ଉଚ୍ଚ କକ୍ଷପଥରେ ସ୍ଥାପନ କରାଯାଇଛି। ଗତକାଲି ସକାଳ ୫.୫୮ରୁ କାଉଣ୍ଟଡାଉନ୍ ଆରମ୍ଭ ହୋଇଥିଲା। ଚଳିତ ମାସରେ ଏହା ୨ୟ ଉତ୍କ୍ଷେପଣ। ଗତ ୧୪ ତାରିଖରେ ସଞ୍ଚାର ଉପଗ୍ରହ ଜିସ୍ୟାଟ୍-୨୯ ଉତ୍କ୍ଷେପଣ କରାଯାଇଥିଲା। ହାଇସିସ୍ ପୃଥିବୀ ପୃଷ୍ଠ ଅନୁଧ୍ୟାନ କରିବା ସହ ଚୁମ୍ବକୀୟ କ୍ଷେତ୍ର ଉପରେ ମଧ୍ୟ ନଜର ରଖିବ। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଉପଗ୍ରହକୁ ରଣନୀତିକ ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହାର କରାଯିବ। ଏହି ମହାକାଶ ଯାନର ମୋଟ୍ ଓଜନ ଥିଲା ୩୮୦ କିଲୋ। ରକେଟ୍ ଲଞ୍ଚ୍‌ର ୧୧୨ ମିନିଟ୍ ପରେ ମିଶନ୍ ସମ୍ପୂର୍ଣ୍ଣ ହୋଇଛି। ଭାରତ ବ୍ୟତୀତ ଅନ୍ୟ ଯେଉଁ ଦେଶର ଉପଗ୍ରହ ଉତ୍କ୍ଷେପଣ କରାଯାଇଛି, ସେଥିରେ ଆମେରିକାର ୨୩ ଉପଗ୍ରହ ଥିଲା ବେଳେ ଅଷ୍ଟ୍ରେଲିଆ, କାନାଡା, କଲମ୍ବିଆ, ଫିନ୍‌ଲାଣ୍ଡ, ମାଲେସିଆ, ନେଦରଲାଣ୍ଡ ଓ ସ୍ପେନ୍‌ର ଗୋଟିଏ ଲେଖାଏଁ ଉପଗ୍ରହ ରହିଛି। ହାଇସିସ୍ ସମ୍ପର୍କରେ ଇସ୍ରୋ ମୁଖ୍ୟ କେ ଶିବାନ୍ କହିଛନ୍ତି, ଏହା ସମ୍ପୂର୍ଣ୍ଣ ଭାବେ ସ୍ୱଦେଶ ନିର୍ମିତ। ଏହି ଜ୍ଞାନକୌଶଳ ବିଶ୍ୱର ଅଳ୍ପ କେତୋଟି ହାତ ଗଣତି ଦେଶ ପାଖରେ ରହିଛି। କେତେକ ଦେଶ ହାଇପର୍ ସ୍ପେକ୍ଟ୍ରାଲ କ୍ୟାମେରା ପଠାଇବାକୁ ଉଦ୍ୟମ କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ସଫଳ ହୋଇ ନାହାନ୍ତି। ଆସନ୍ତା ଡିସେମ୍ବରରେ ଇସ୍ରୋ ଜିଏସ୍‌ଏଲ୍‌ଭି ଯୋଗେ ଜିସ୍ୟାଟ୍-୭ଏ ଏବଂ ଆସନ୍ତା ବର୍ଷ ଚନ୍ଦ୍ରୟାନ-୨ ଲଞ୍ଚ୍ କରିବାର ଯୋଜନା ରଖିଛି ବୋଲି ଡକ୍ଟର ଶିବାନ୍ କହିଛନ୍ତି। ଇସ୍ରୋ ୨୦୨୨ରେ ମହାକାଶକୁ ମାନବ ପଠାଇବା ପାଇଁ ଯୋଜନା କରିଥିଲା ବେଳେ ଏହି ଲକ୍ଷ୍ୟ ହାସଲ ଲାଗି ଡିସେମ୍ବର ୨୦୨୦ ସୁଦ୍ଧା ମହାକାଶକୁ ପ୍ରଥମ ମାନବ ବିହୀନ ଯାନ ପଠାଇବାକୁ ଯୋଜନା କରୁଛି। ଯଦି ଏହା ସଫଳ ହୁଏ, ତାହାହେଲେ ଭାରତ ଏ କ୍ଷେତ୍ରରେ ବିଶ୍ୱର ୪ର୍ଥ ରାଷ୍ଟ୍ର ଭାବେ ଗଣାହେବ।

## ସାର୍କ ସମ୍ମିଳନୀରେ ଭାରତ ଯୋଗଦେବନି : ସୁଷମା

**ନୂଆଦିଲ୍ଲୀ :** ପାକିସ୍ତାନରେ ଅନୁଷ୍ଠିତ ହେବାକୁ ଯାଉଥିବା ସାର୍କ ଅଧିବେଶନରେ ଭାରତ ଯୋଗଦେବନି ବୋଲି କେନ୍ଦ୍ର ବିଦେଶ ମନ୍ତ୍ରୀ ସୁଷମା ସ୍ୱରାଜ କହିଛନ୍ତି। ପାକିସ୍ତାନର କର୍ତାରପୁର କରିଡର ଶିଳାନ୍ୟାସକୁ ସୁଷମା ସ୍ୱାଗତ କରିଥିଲେ



ମଧ୍ୟ ଆତଙ୍କବାଦ ବନ୍ଦ ନ କରିବା ପର୍ଯ୍ୟନ୍ତ ଭାରତ ପାକିସ୍ତାନର ଆମନ୍ତ୍ରଣକୁ ସ୍ୱୀକାର କରିବନି ବୋଲି ସ୍ପଷ୍ଟ କରିଛନ୍ତି। ହାଇଦ୍ରାବାଦରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ସୁଷମା କହିଲେ, ପାକିସ୍ତାନ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପ ବନ୍ଦ ନ କରିବା ପର୍ଯ୍ୟନ୍ତ ଆଲୋଚନାର ପ୍ରଶ୍ନ ଉଠୁନି। କର୍ତାରପୁର କରିଡର ଶିଳାନ୍ୟାସ ଉତ୍ସବରେ ଯୋଗଦେବା ପାଇଁ ପାକିସ୍ତାନର ଆମନ୍ତ୍ରଣକୁ ସୁଷମା ଅଗ୍ରାହ୍ୟ କରିଥିଲେ ମଧ୍ୟ ଦୁଇଜଣ ମନ୍ତ୍ରୀଙ୍କୁ ପଠାଇଥିଲେ। ସେ କହିଥିଲେ, ଯେଉଁ ମୁହୂର୍ତ୍ତରେ ପାକିସ୍ତାନ ଆତଙ୍କବାଦୀ କାର୍ଯ୍ୟକଳାପ ବନ୍ଦ କରିଥିବା ଜଣାପଡ଼ିବ, ଆଲୋଚନା ପାଇଁ ଆପେ ଆପେ ବାଟ ଫିଟିଯିବ। କର୍ତାରପୁର କରିଡର କରିଦେଲେ, ଆଲୋଚନା ପାଇଁ ବାଟ ଫିଟିଗଲା ଭାବିବା ମସ୍ତବଡ଼ ଭୁଲ। କଂଗ୍ରେସ ନେତା ନଭଜୋତ ସିଂ ସିଦ୍ଧୁ ପାକିସ୍ତାନ ଗସ୍ତ କରି କର୍ତାରପୁର କରିଡର ଶିଳାନ୍ୟାସ ଉତ୍ସବରେ ଯୋଗ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ହରଦୀପ ପୁରୀ ଓ ହର୍ସିମରାତ ବାଦଲ ମଧ୍ୟ ପାକିସ୍ତାନ ଗସ୍ତ କରିଛନ୍ତି। ସାର୍କ ସମ୍ମିଳନୀରେ ଯୋଗ ଦେବାକୁ ପାକିସ୍ତାନ ସରକାର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆମନ୍ତ୍ରଣ କରିବ ବୋଲି ମଙ୍ଗଳବାର ପାକ୍ ବୈଦେଶିକ ମୁଖପାତ୍ର ମହମ୍ମଦ ଫୈସଲ ସୂଚନା ଦେଇଥିଲେ। ଏଥିପୂର୍ବରୁ ୨୦୧୬ ସେପ୍ଟେମ୍ବରରେ ଜମ୍ମୁ-କଶ୍ମୀରର ଉରି ସେନା ଶିବିର ଉପରେ ଆତଙ୍କବାଦୀ ଆକ୍ରମଣ କାରଣରୁ ସେହିବର୍ଷ ଇସଲାମାବାଦରେ ଅନୁଷ୍ଠିତ ସାର୍କ ସମ୍ମିଳନୀକୁ ଭାରତ ବର୍ଜନ କରିଥିଲା। ଅନ୍ୟ ସଭ୍ୟ ରାଷ୍ଟ୍ର ବାଂଲାଦେଶ, ଭୁଟାନ ଓ ଆଫଗାନିସ୍ତାନ ମଧ୍ୟ ଉକ୍ତ ସମ୍ମିଳନୀରେ ଯୋଗ ଦେଇ ନଥିଲେ।

## ଦେଶରେ ନିର୍ମାଣ ହେବ ପ୍ରଥମ ଭାସମାନ ସୌରଶକ୍ତି ପ୍ରକଳ୍ପ

**ବେଙ୍ଗାଲୁରୁ :** ଆଗାମୀ ଦିନରେ ବିକଳ୍ପ ଶକ୍ତିର ଉତ୍ସ ଭାବେ ସୌରଶକ୍ତି ଉତ୍ପାଦନକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଦେଶର ପ୍ରଥମ ଭାସମାନ ବୃହତ ସୌରଶକ୍ତି ପ୍ରକଳ୍ପର କାର୍ଯ୍ୟାରମ୍ଭ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ଉତ୍ତର ପ୍ରଦେଶ ଏବଂ ମଧ୍ୟ ପ୍ରଦେଶ ସୀମାନ୍ତରେ ରିହାଣ୍ଡ ଡ୍ୟାମ ଉପରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ଭାରତର ଅନ୍ୟତମ ପ୍ରତିଷ୍ଠିତ ବ୍ୟାବସାୟିକ ଉଦ୍ୟୋଗ ସାପୁରଜି ପାଲୋନ୍‌ଜି ଗ୍ରୁପ୍ ସଫଳତା ହାସଲ କରିଛି। ଏହି ପ୍ରକଳ୍ପର ମୋଟ ଉତ୍ପାଦନ ପରିମାଣର ୧୫୦ ମେଗାୱାଟ ଶକ୍ତି ଉତ୍ପାଦନ ପାଇଁ ଉକ୍ତ କମ୍ପାନୀକୁ ପ୍ରଥମ ବ୍ଲକ ପ୍ରଦାନ କରାଯାଇଛି ବୋଲି ଭାରତୀୟ ସୌରଶକ୍ତି ନିଗମ ପକ୍ଷରୁ କୁହାଯାଇଛି। ଟେଣ୍ଡର ପ୍ରକ୍ରିୟାରେ ଏହି କମ୍ପାନୀ ପକ୍ଷରୁ ୟୁନିଟ୍ ପିଛା ୩ଟଙ୍କା ୨୯ ପଇସା ଦେୟ ରଖାଯାଇଥିବା ବେଳେ ରିଭର୍ସ ଅକ୍ସନ ବ୍ୟବସ୍ଥାରେ କମ୍ପାନୀକୁ ୧୫୦ ମେଗାୱାଟ୍ ଶକ୍ତି ଉତ୍ପାଦନ ପାଇଁ ଅନୁମୋଦନ ଦିଆଯାଇଛି। ଅନ୍ୟ କେତେକ ସଂସ୍ଥାମାନଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲେ ହେଁ ତାହା ସ୍ୱଳ୍ପ ପରିମାଣରେ ସୀମିତ ରହିଥିବା କୁହାଯାଇଛି। ବାକି ୧୦୦ ମେଗା ୱାଟ୍ ଉତ୍ପାଦନ ପାଇଁ ୫୦ ମେଗାୱାଟ୍ ଭାବେ ଦୁଇଟି ସଂସ୍ଥାଙ୍କୁ କାର୍ଯ୍ୟାଦେଶ ଦିଆଯିବ ବୋଲି ସୌରଶକ୍ତି ନିଗମ ପକ୍ଷରୁ କୁହାଯାଇଛି। ଏହି ପ୍ରକଳ୍ପ ମାଧ୍ୟମରେ ସୌରଶକ୍ତି ଉତ୍ପାଦନ ପାଇଁ ଦୁଇ ବର୍ଷ ପୂର୍ବେ ଟେଣ୍ଡର ପ୍ରକ୍ରିୟା କରିବାକୁ ନିଗମ ପକ୍ଷରୁ ଉଦ୍ୟମ



କରାଯାଇଥିବା ବେଳେ ସେତେବେଳେ ବିଭିନ୍ନ କମ୍ପାନୀ ପକ୍ଷରୁ ଉତ୍ପାଦନ ମୂଲ୍ୟ ୟୁନିଟ୍ ପିଛା ୭ ରୁ ୮ ଟଙ୍କା ପର୍ଯ୍ୟନ୍ତ ରଖାଯିବାରୁ ଟେଣ୍ଡର ପ୍ରକ୍ରିୟା ସ୍ଥଗିତ ରଖାଯାଇଥିଲା। ପରେ ପରେ ସୌରଶକ୍ତି ପ୍ରକଳ୍ପ କାର୍ଯ୍ୟକାରିତାର ରୂପରେଖ ବଦଳିବା ପରେ ୟୁନିଟ୍ ପିଛା ଉତ୍ପାଦନ ମୂଲ୍ୟ ମଧ୍ୟ ହ୍ରାସ ପାଇଥିଲା। ଏପରିକି ଉତ୍ପାଦନ ଖର୍ଚ୍ଚ ୟୁନିଟ୍ ପିଛା ୨.୫୦ ଟଙ୍କାରୁ ୩.୫୦ଟଙ୍କା ପର୍ଯ୍ୟନ୍ତ ଖସି ଆସିଥିଲା। ଫଳରେ ଏହି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା ବୋଲି ନିଗମ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶର ସର୍ବବୃହତ କୃତ୍ରିମ ହ୍ରଦ ଭାବେ ପରିଚିତ ଗୋବିନ୍ଦ ବଲ୍ଲଭପନ୍ଥ ସାଗର ଉପରେ ରିହାଣ୍ଡ ଡ୍ୟାମ୍ ନିର୍ମାଣ କରାଯାଇଥିବା ବେଳେ ଏହା ଉପରେ ଉପରୋକ୍ତ ପ୍ରକଳ୍ପ ପ୍ରତିଷ୍ଠା କରାଯାଉଛି। ଉତ୍ତରପ୍ରଦେଶ, ଛତିଶଗଡ଼ ଏବଂ ମଧ୍ୟପ୍ରଦେଶ ଭଳି ୩ଟି ରାଜ୍ୟକୁ ଲାଗି ରହିଥିବା ଏହି ବିଶାଳ ହ୍ରଦ ଉପରେ ନିର୍ମାଣ ହେବାକୁ ଯାଉଥିବା ଏହି ପ୍ରକଳ୍ପ ମାଧ୍ୟମରେ ବିଭିନ୍ନ ଅଞ୍ଚଳକୁ ଶକ୍ତି ଯୋଗାଇ ଦିଆଯାଇପାରିବ ବୋଲି ଜଣାପଡିଛି।

## ଫେବୃଆରୀ ସୁଦ୍ଧା କାର୍ଯ୍ୟକ୍ଷମ ହେବ ଦୁଇ ବିଶ୍ୱସ୍ତରୀୟ ରେଳ ଷ୍ଟେସନ

**ନୂଆଦିଲ୍ଲୀ :** ରେଳବାଇ କ୍ଷେତ୍ରର ଦ୍ରୁତ ବିକାଶ ସହ ଯାତ୍ରୀମାନଙ୍କ ସୁବିଧାରେ ବିପ୍ଳବାତ୍ମକ ପରିବର୍ତ୍ତନ ପାଇଁ ଗୁରୁତ୍ୱ ଦେଇଆସୁଛି କେନ୍ଦ୍ର ସରକାର। ଏଥିପାଇଁ ଗୋଟିଏ ପରେ ଗୋଟିଏ ନୂଆ ଯୋଜନା ଆରମ୍ଭ କରିଛନ୍ତି। ମୁମ୍ବାଇ-ଅହମ୍ମଦାବାଦ ରୁଟ୍‌ରେ ଭାରତର ପ୍ରଥମ ବୁଲେଟ୍ ଟ୍ରେନ ବ୍ୟବସ୍ଥା କରିବାକୁ କାର୍ଯ୍ୟ ଆରମ୍ଭ ହୋଇସାରିଥିଲା ବେଳେ ଏବେ ଭାରତର ପ୍ରଥମ ଇଞ୍ଜିନ୍ ବିହୀନ ଟ୍ରେନ ଚଳାଚଳ ପାଇଁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଏହାଛଡା ଆସନ୍ତା ଫେବୃଆରୀ ମାସ ଶେଷ ସୁଦ୍ଧା ମଧ୍ୟପ୍ରଦେଶର ହିବିବ୍‌ଗଞ୍ଜ ଏବଂ ଗୁଜରାଟର ଗାନ୍ଧୀନଗର ଭଳି ଦୁଇଟି ଷ୍ଟେସନକୁ ବିଶ୍ୱସ୍ତରୀୟ ରେଳ ଷ୍ଟେସନରେ ପରିବର୍ତ୍ତନ କରିବା ସହ ଏଗୁଡିକୁ ବିମାନ ବନ୍ଦର ସଦୃଶ କରିବାକୁ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ଭାରତୀୟ ରେଳ ଷ୍ଟେସନ ବିକାଶ ନିଗମ(ଆଇଆରଏସ୍‌ଡିସି)ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଏସ୍ କେ ଲୋହିଆ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏହି ଦୁଇଟି ଷ୍ଟେସନ୍‌ର ସଂପ୍ରସାରଣ କାର୍ଯ୍ୟ ଆଗେଇ ଚାଲିଥିବା




ବେଳେ ଆସନ୍ତା ଜାନୁଆରୀ ଶେଷ କିମ୍ବା ଫେବୃଆରୀ ସୁଦ୍ଧା ଏଗୁଡିକର ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସେ କହିଛନ୍ତି। ଜର୍ମାନୀର ପ୍ରସିଦ୍ଧ ହେଡେଲ୍‌ବର୍ଗ ଢାଞ୍ଚାରେ ହବିବ୍‌ଗଞ୍ଜ ଷ୍ଟେସନ୍‌ର ସଂପ୍ରସାରଣ ଓ ବିକାଶ କାର୍ଯ୍ୟ କରାଯାଉଥିବା ବେଳେ ଏହାକୁ ପିପିପି(ପବ୍ଲିକ-ପ୍ରାଇଭେଟ୍ ପାର୍ଟନରସିପ) ବ୍ୟବସ୍ଥାରେ ଏବଂ ପ୍ରାୟ ୪୫୦ କୋଟି ଟଙ୍କା ବ୍ୟୟରେ ବିକଶିତ କରାଯାଉଛି। ଏଥିମଧ୍ୟରୁ କେବଳ ୧୦୦ କୋଟି ଟଙ୍କା ଷ୍ଟେସନ ବିକାଶ ଲାଗି ବ୍ୟୟ କରାଯାଉଥିବା ବେଳେ ବାକି ୩୫୦ କୋଟି ଟଙ୍କା ବ୍ୟବସାୟିକ ସ୍ତରରେ ବିକାଶ ପାଇଁ ବ୍ୟୟ କରାଯାଉଥିବା କୁହାଯାଇଛି। ଏକ ଡୋମ୍ ଭଳି ଦୃଶ୍ୟମାନ ହେବାକୁ ଥିବା ଏହି ଷ୍ଟେସନ ସମ୍ପୂର୍ଣ୍ଣ ବିମାନ ବନ୍ଦର ସଦୃଶ ହେବା ସହ ଏଥିରେ ଟ୍ରାନ୍ସପୋର୍ଟ ହବ୍, ରିଟେଲ୍ ଏରିଆ, ଗେମ୍ ଏବଂ ମ୍ୟୁଜିୟମ ବ୍ୟବସ୍ଥା, ୱେଟିଂ ଲାଉଞ୍ଜ, ଫୁଡ୍ ପ୍ଲାଜା ଓ କାଫ୍‌ଟେରିଆ, ସ୍ୱଚ୍ଛ ଟଏଲେଟ୍ ବ୍ୟବସ୍ଥା ସାଙ୍ଗକୁ ଏଲଇଡି ଆଲୋକ ବ୍ୟବସ୍ଥା ରହିବ। ସେହିପରି ଗାନ୍ଧୀନଗର ଷ୍ଟସନ୍‌ରେ ଏକ ୫ତାରକା ହୋଟେଲ ବ୍ୟବସ୍ଥା ସହ ଯାତ୍ରୀମାନଙ୍କ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ରହିବ। ଗୁଜରାଟ ସରକାର ଏବଂ ଆଇଆରଏସ୍‌ଡିସି ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ସ୍ପେସାଲ ପରପୋଜ୍ ଭେଇକିଲ(ଏସ୍‌ପିଭି) ବ୍ୟବସ୍ଥାରେ ଏହାର ବିକାଶ କରାଯିବ। ଏଥିପାଇଁ ପ୍ରାୟ ୨୫୦ କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ବିମାନ ବନ୍ଦର ଭଳି ଏଥିରେ ଟ୍ରାଂଜିଟ ହଲ, ସପିଂ ବ୍ୟବସ୍ଥା, କିଓସ୍କ, ବହି ଦୋକାନ, ଫୁଡ୍ ଷ୍ଟଲ ଏବଂ ୬୦୦ ଯାତ୍ରୀ ବସିପାରୁଥିବା ଭଳି ହଲ୍ ବ୍ୟବସ୍ଥା କରାଯିବ ବୋଲି ଜଣାପଡିଛି।

### ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲା

## ଜେଲ୍ ଦଣ୍ଡାଦେଶ କାଏମ୍

**ନୂଆଦିଲ୍ଲୀ :** ଦିଲ୍ଲୀରେ ୧୯୮୪ରେ ସଂଘଟିତ ଶିଖ ବିରୋଧୀ ଦଙ୍ଗା ମାମଲାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ୮୮ ଜଣ ଆସାମୀଙ୍କ ଦଣ୍ଡାଦେଶକୁ କାଏମ୍ ରଖିଛନ୍ତି। ପୂର୍ବଦିଲ୍ଲୀର ତ୍ରିଲୋକପୁରୀ ଅଞ୍ଚଳରୁ ଗିରଫ ୮୮ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ତଳକୋର୍ଟ ପ୍ରତ୍ୟେକଙ୍କୁ ୫ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ କରିଥିଲେ। ଦଙ୍ଗା ସୃଷ୍ଟି, ଘରପୋଡ଼ି ଓ କର୍ଫ୍ୟୁ ଉଲ୍ଲଘଂନ ଅଭିଯୋଗରେ ସେମାନଙ୍କୁ ଅଭିଯୁକ୍ତ କରାଯାଇଥିଲା। ଜଷ୍ଟିସ୍ ଆରକେ ଗୌବା ମାମଲାର ଶୁଣାଣି କରି ଚାରି ସପ୍ତାହ ମଧ୍ୟରେ ୮୮ ଆସାମୀଙ୍କୁ ଆତ୍ମସମର୍ପଣ କରିବାକୁ ଆଦେଶ ଦେଇଛନ୍ତି। ଆସାମୀମାନେ ୧୯୯୬ ଅଗଷ୍ଟ ୨୭ରେ ତଳକୋର୍ଟଙ୍କ ରାୟକୁ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ। ୧୯୮୪ ନଭେମ୍ବର ୨ରେ ପୁଲିସ ୧୦୭ ଦଙ୍ଗା ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ସେମାନଙ୍କ ମଧ୍ୟରୁ ୮୮ ଜଣ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଆସାମୀଙ୍କ ପିଟିସନ୍‌କୁ ଖାରଜ କରି ଦିଲ୍ଲୀ




ହାଇକୋର୍ଟ ସବୁ ଦୋଷୀଙ୍କୁ ୫ ବର୍ଷ ଜେଲ ଭୋଗିବାକୁ ଆଦେଶ ଦେଇଥିଲେ। ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଆଇନଜୀବୀ ଏଚ୍.ଏସ୍ ଫୁଲକା କହିଛନ୍ତି, ଶିଖ ବିରୋଧୀ ଦଙ୍ଗା ସମୟରେ ସମ୍ପୃକ୍ତ ଅଞ୍ଚଳରୁ ୯୫ଟି ମୃତଦେହ ମିଳିଥିବା ସତ୍ତ୍ୱେ ଆସାମୀଙ୍କ ବିରୋଧରେ ଆଇପିସି ଧାରା ୩୦୨ ହତ୍ୟା ଅଭିଯୋଗ ଲଗାଯାଇ ନଥିଲା। କୋର୍ଟ ୨୨ ମୃତଦେହକୁ ଚିହ୍ନଟ କରି ହତ୍ୟା ମାମଲା ରୁଜୁ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଦଙ୍ଗା ପଛରେ କୌଣସି ରାଜନେତାଙ୍କ ସମ୍ପୃକ୍ତିକୁ କୋର୍ଟ ସମ୍ପୂର୍ଣ୍ଣ ଖଣ୍ଡନ କରିନାହାନ୍ତି।

### କର୍ତ୍ତାରପୁର କରିଡର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କଲେ ଇମ୍ରାନ

## ୨୦୧୯ରେ ଶେଷ ହେବ ନିର୍ମାଣ

**ଇସଲାମାବାଦ :** ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ କର୍ତାରପୁର କରିଡର ପାଇଁ ଶିଳାନ୍ୟାସ କରିଛନ୍ତି। ଏହି କରିଡର କାର୍ଯ୍ୟକାରୀ ହେଲେ, ଶିଖ ତୀର୍ଥଯାତ୍ରୀମାନେ ବିନା ଭିସାରେ କର୍ତାରପୁର ଗୁରୁଦ୍ୱାର ଦରବାର ସାହିବ ପୀଠକୁ ଯାଇପାରିବେ। ସୋମବାର ଭାରତର ଉପ-ରାଷ୍ଟ୍ରପତି ଏମ୍ ଭେଙ୍କୟା ନାଇଡୁ ଓ ପଞ୍ଜାବ ମୁଖ୍ୟମନ୍ତ୍ର ଅମରିନ୍ଦର ସିଂହ କର୍ତାରପୁର କରିଡର ଅନ୍ତର୍ଗତ ଗୁରୁଦାସପୁର ଜିଲ୍ଲାର ଡେରା ବାବା ନାନକ ସହରରେ ଶିଳାନ୍ୟାସ କରିଥିଲେ। ଆଜକୁ ୨୦ ବର୍ଷ ପୂର୍ବେ ଏହି କରିଡର ନିର୍ମାଣ କରିବାକୁ ଭାରତ ପାକିସ୍ତାନକୁ ପ୍ରସ୍ତାବ ଦେଇଥିଲା। ଗତ ଅଗଷ୍ଟରେ ଭାରତର କ୍ରିକେଟିୟରରୁ ରାଜନେତା ପାଲଟିଥିବା ପଞ୍ଜାବ ମନ୍ତ୍ରୀ ନଭଜୋତ ସିଂ ସିଦ୍ଧୁ ଇମ୍ରାନ୍ ଖାନ୍‌ଙ୍କ ପ୍ରଧାନମନ୍ତ୍ରୀ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ସମୟରେ ଏହି ପ୍ରସଙ୍ଗ ମୁଣ୍ଡ ଟେକିଥିଲା। ଉଭୟ ପାକିସ୍ତାନ ଓ ଭାରତ ଏହି କରିଡର ପାଇଁ ରାସ୍ତା ନିର୍ମାଣ କରିବେ ବୋଲି ଦୁଇଦେଶର ସରକାର ଘୋଷଣା କରିଛନ୍ତି। ପାକିସ୍ତାନର ନରୋୱାଲ ଜିଲ୍ଲାରେ ରାବୀ ନଦୀକୂଳରେ କର୍ତାରପୁର ଗୁରୁଦ୍ୱାର ଦରବାର ଅବସ୍ଥିତ। ଲାହୋରଠାରୁ ୧୨୦ କିଲୋମିଟର ଦୂରରେ ପ୍ରତିଷ୍ଠିତ ଏହି ପୀଠରେ ଗୁରୁ ନାନକ ଶିଖ ସମ୍ପ୍ରଦାୟକୁ ଏକତ୍ରିତ କରିଥିଲେ। ବର୍ତ୍ତମାନ ଯେଉଁ ସ୍ଥାନରେ ଗୁରୁଦ୍ୱାର ନିର୍ମିତ ହୋଇଛି, ସେଠାରେ ଡେରା ବାବା ନାନକ ଦେହତ୍ୟାଗ କରିଥିଲେ ବୋଲି ଶୁଣିବାକୁ ମିଳେ। ୧୫୨୨ରେ ଗୁରୁଦ୍ୱାର କର୍ତାରପୁର ସାହିବ ନିର୍ମାଣ କରାଯାଇଥିଲା। ଭାରତ-ପାକିସ୍ତାନ ସୀମାନ୍ତରେ ପ୍ରତିଷ୍ଠିତ ଏହି ଗୁରୁଦ୍ୱାରଟି



ଭାରତ ସୀମାନ୍ତରୁ ସ୍ପଷ୍ଟ ଦେଖାଯାଏ। ନାନକଙ୍କ ଜନ୍ମଦିନରେ ସୀମାନ୍ତରେ ଠିଆ ହୋଇ ଶିଖ ଶ୍ରଦ୍ଧାଳୁମାନେ ଗୁରୁଦ୍ୱାରକୁ ଦର୍ଶନ କରନ୍ତି। ଡେରାସାହେବ ରେଳଷ୍ଟେସନଠାରୁ ମାତ୍ର ଚାରି କିଲୋମିଟର ଦୂରରେ ଏହି ଗୁରୁଦ୍ୱାର ଅଛି। କର୍ତାରପୁର ଗୁରୁଦ୍ୱାର ନିର୍ମାଣ କରିବାକୁ ଲକ୍ଷେ ୩୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଏହି ଅର୍ଥ ପାଟିଆଲା ମହାରାଜା ସର୍ଦ୍ଦାର ଭୁପିନ୍ଦର ସିଂହ ଦାନ କରିଥିଲେ। ୧୯୯୫ରେ ପାକିସ୍ତାନ ସରକାର ଏହି ପୀଠକୁ ମରାମତି କରିଥିଲେ। ପରେ ୨୦୦୪ରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପାକ୍ ସରକାର ଏହି ପୀଠର ନବକଳେବର କରିଥିଲେ। କର୍ତାରପୁର ଗୁରୁଦ୍ୱାରରେ ଅବସ୍ଥାନ କରିବାର ୧୮ ବର୍ଷ ପରେ ଅର୍ଥାତ୍ ୧୫୩୯ ସେପ୍ଟେମ୍ବର ୨୨ରେ ଗୁରୁ ନାନକ ଦେବ ଦେହତ୍ୟାଗ କରିଥିଲେ। ଆସନ୍ତା ବର୍ଷ ଗୁରୁ ନାନକଙ୍କର ୫୫୦ତମ ଜନ୍ମବାର୍ଷିକୀ ଅନୁଷ୍ଠିତ ହେବ। ତା' ପୂର୍ବରୁ କର୍ତାରପୁର କରିଡର ନିର୍ମାଣ କାମ ସାରିବାକୁ ଉଭୟ ରାଷ୍ଟ୍ର ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ୨୦୧୭ ମେ'ରେ ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଏନ୍‌ଜିଓ 'ଇକୋଶିଖ' କର୍ତାରପୁର ଗୁରୁଦ୍ୱାର ଚାରିପାଖେ ଥିବା ୧୦୦ ଏକର ପରିମିତ କ୍ଷେତ୍ରକୁ ପବିତ୍ର ବନାନୀ ଘୋଷଣା କରିଛି।

# ତିତ୍‌ଲି ସତ, ରାଜଧାନୀରେ ମନ୍ତ୍ରୀ ଓ ଅଧିକାରୀଙ୍କ ନାଟ : ବିଜେପି

**ଭୁବନେଶ୍ୱର :** ବିଜେପିର ଏକ ଉଚ୍ଚସ୍ତରୀୟ ପ୍ରତିନିଧିଦଳ ତିତିଲି ବାତ୍ୟା ଜନିତ କ୍ଷୟକ୍ଷତିର ଆକଳନ ଏବଂ ରିଲିଫ କାର୍ଯ୍ୟର ତଦାରଖ କରିବା ସହ ସରଜମିନ ତଦନ୍ତ କରି ଫେରିଛି । ଏହି ପ୍ରତିନିଧୀ ଦଳ ଗଂଜାମ ଜିଲ୍ଲା ପାତ୍ରପୁର ବ୍ଲକର କୁମାରଡିହ ଗ୍ରାମ, ଗଜପତି ଜିଲ୍ଲାର ରାୟଗଡ ବ୍ଲକ ଅର୍ନ୍ତଗତ ମଡା, ସିନ୍ଦିଲିଙ୍ଗ, ରାଇଘର, କଇଁପୁର ଗ୍ରାମ ସହ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସରଜମିନ ତଦନ୍ତ କରିବା ସହ କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରିଛନ୍ତି । ସରଜମିନ ସ୍ତରରେ ରାଜ୍ୟସରକାରଙ୍କ ରିଲିଫ ବଣ୍ଟନଠୁ ଆରମ୍ଭ କରି ଲୋକଙ୍କୁ ଥଇଥାନ କରିବା ପର୍ଯ୍ୟନ୍ତ କାର୍ଯ୍ୟ ସଂପୂର୍ଣ୍ଣ ଭାବେ ଫେଲ୍ ମାରିଛି । ତିତ୍‌ଲି କ୍ଷୟକ୍ଷତିକୁ ନେଇ ରାଜ୍ୟସରକାରଙ୍କ ତଥ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତିତ୍‌ଲି ସତ, ରାଜଧାନୀରେ ମନ୍ତ୍ରୀ ଓ ଅଧିକାରୀଙ୍କ ନାଟ ବୋଲି ରାଜ୍ୟ ବିଜେପି ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ତିତିଲିର କ୍ଷୟକ୍ଷତି ପରର ଦୃଶ୍ୟ ସହ ଲୋକଙ୍କ ଦୁର୍ଦ୍ଦଶା ଏବଂ ରିଲିଫ ନପହଂଚିଥିବାରୁ କ୍ଷତିଗ୍ରସ୍ତ ପ୍ରପୀଡିତ ଲୋକଙ୍କ ପ୍ରତିକ୍ରିୟାକୁ ଏକ ଭିଡିଓ କ୍ଲିପ ମାଧ୍ୟମରେ ଗଣମାଧ୍ୟମ ଆଗରେ ଉପସ୍ଥାପନା କରାଯାଇଥିଲା । ଗଜପତି ଏବଂ ଗଞ୍ଜାମ ଜିଲ୍ଲାରେ ତିତିଲି ପ୍ରଭାବରେ ଅନେକ କ୍ଷୟକ୍ଷତି ହୋଇଛି । ରାଜ୍ୟ



ସରକାର ଜିରୋ କାଜୁଆଲିଟିର କଥା କହି ୭୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ବଞ୍ଚାଇବାରେ ବିଫଳ ହୋଇଥିଲେ । ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଯାଇ କୋଟି କୋଟି ଟଙ୍କା ହେରଫେର କରିବା ସହ ଦଳୀୟ ଭିତିରେ ରିଲିଫ ବଣ୍ଟଟନ କରାଯାଇଛି । ଏହାର ଅଭିଯୋଗ ମିଳିବା ପରେ ଗତକାଲି ବିଜେପିର ଏକ ପ୍ରତିନିଧି ଦଳ ସରଜମିନ ତଦନ୍ତ କରି ଯେଉଁ ଦୃଶ୍ୟ ଦେଖିଛି ତାହା ଅତ୍ୟନ୍ତ ଦୁଃଖଦପୂର୍ଣ୍ଣ ଏବଂ ଅବର୍ଣ୍ଣନୀୟ ବୋଲି ଶ୍ରୀ ପୁରୋହିତ କହିଛନ୍ତି । ଶ୍ରୀ ପୁରୋହିତ କହିଛନ୍ତି ଯେ, ଏବେ ବି ଅନେକ ସ୍ଥାନରେ ରିଲିଫ ପହଂଚି ପାରିନାହିଁ । ଗମନାଗମନ କ୍ଷେତ୍ରରେ ସୁଧାର ଆସିନାହିଁ । ଚାଷୀମାନଙ୍କ ଫସଲର ସଠିକ କ୍ଷୟକ୍ଷତି ଆକଳନ କରାଯାଇନାହିଁ । ଘର ଭାଙ୍ଗି ଯାଇଥିବାରୁ ଲୋକମାନେ ହାଡଭଙ୍ଗା ଶୀତରେ ଥରୁଛନ୍ତି । ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ବୁରୁତାଲ ଗ୍ରାମରେ ଘର ଗୁଡିକ କ୍ଷତି ହୋଇଥିବା ସହ ସ୍କୁଲ ଘର କ୍ଷତିଗ୍ରସ୍ତ ହୋଇଛି । ଏବେ ବି ଗ୍ରାମବାସୀମାନେ ପଲିଥିନ ଟାଣି ରହୁଛନ୍ତି । ପୂରିଆସାହି ଜଳସେଚନ ପରିଯୋଜନା ଯାହାର ନାମ ପର୍ଶୁରାମ କୁଣ୍ଡ ତାହା ସଂପୂର୍ଣ୍ଣ ଭାବେ ତିତିଲି ଯୋଗୁଁ ଧୋଇ ହୋଇଯାଇଛି । ଜମି ଭୂସ୍ଖଳନରେ ବୁରତାଲ, ଅଙ୍କୁଲୀ ଏବଂ ତୁମ୍ବା ଗ୍ରାମରେ ୧୧ ଜଣ ମୃତ୍ୟୁବରଣ କରଥିଲେ ମଧ୍ୟ ତାଙ୍କୁ ଏଯାବତ୍ କୌଣସି ସହାୟତା କାହିଁକି ଦିଆଯାଇ ନାହିଁ ବୋଲି ଶ୍ରୀ ପୁରୋହିତ ପ୍ରଶ୍ନ କରିଛନ୍ତି । ସେହିପରି ଗଜପତି ଜିଲ୍ଲା ରାୟଗଡ ବ୍ଲକ ମାଦ ଗାଁ ସମ୍ପୂର୍ଣ୍ଣ ଭାସିଯାଇଥିବା ବେଳେ ଗ୍ରାମବାସୀମାନେ ସ୍କୁଲ୍ ଘରକୁ ନିଜର ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରୁଛନ୍ତି । ରାଜ୍ୟସରକାର ଯୋଗାଉଥିବା ଚାଉଳ ସମୁଦ୍ରକୁ ଶଙ୍ଖେ ବୋଲି ସ୍ଥାନୀୟ ବାସିନ୍ଦାମାନ ବିଜେପିର ଏହି ପ୍ରତିନିଧି ଦଳ ପାଖରେ ଅଭିଯୋଗ କରିଛନ୍ତି । ଗାଁର ୧୫ ଟି ପରିବାରର ରାସର୍ନ କାର୍ଡ ନଥିବାରୁ ଖାଦ୍ୟ ଯୋଗାଣରୁ ବଂଚିତ ଅଛନ୍ତି । ସୁନିଲ ରାଇତ (୧୩)ବର୍ଷ ଏବଂ ପୂର୍ଣ୍ଣମୀ ମଣ୍ଡଳ (୭)ବର୍ଷ ଏବେ ବି ସୁଦ୍ଧା ନିଖୋଜ ଅଛନ୍ତି । ପରିବାର ଲୋକେ ଏମାନଙ୍କୁ ମୃତ ବୋଲି କହୁଥିବାବେଳେ ରାଜ୍ୟ ସରକାର ସେମାନଙ୍କୁ କାହିଁକି ଖୋଜୁ ନାହାଁନ୍ତି ବୋଲି ଶ୍ରୀ ପୁରୋହିତ ପ୍ରଶ୍ନ କରିଛନ୍ତି । ବାତ୍ୟାରେ ସମସ୍ତ ଗୃହ ଭାଙ୍ଗିଯାଇଛି ଏବଂ ଅନେକ ଗାଈ ଗୋରୁ ,ଛେଳି ମରିଯାଇଥିବା ବେଳେ ଏଯାବତ୍ କୌଣସି ସହାୟତା ଯୋଗାଇ ଦିଆଯାଇ ନାହିଁ । ରାୟଗଡ ବ୍ଲକ କାଇପୁର ପଞ୍ଚାୟତ ବୁରସୁଣ୍ଡା ଗାଁରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଛି । ଏହି ଅଞ୍ଚଳରେ ଗୋରୁ ଗାଈ ସବୁ ମୃତ୍ୟୁବରଣ ସହ ବହୁ ପଶୁଧନ ନଷ୍ଟ ହୋଇଛି । ଏପରିକି ଏହି ଅଞ୍ଚଳରେ ଥିବା ବୁରସୁଣ୍ଡା ଚେକ୍ ଡ୍ୟାମଟି ଧୋଇ ହୋଇ ନଷ୍ଟ ହୋଇଯାଇଛି ବୋଲି ଶ୍ରୀ ପୁରୋହିତ କହିଛନ୍ତି ।

## କୋଣାର୍କ ମନ୍ଦିର ତଥ୍ୟ ରାଜ୍ୟ ସରକାରଙ୍କୁ ଦେବ ଏଏସ୍ଆଇ



**ଭୁବନେଶ୍ୱର :** ଶୁକ୍ରବାର ପୂର୍ବାହ୍ଣରେ ପର୍ଯ୍ୟଟନ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମାଙ୍କ ସହିତ ନୂଆଦିଲ୍ଲୀରେ ଏକ ବୈଠକରେ କୋଣାର୍କ ସମ୍ପର୍କରେ ଆଲୋଚନା କରିଥିଲେ । ବିଶ୍ୱ ଐତିହ୍ୟ ପ୍ରସିଦ୍ଧ କୋଣାର୍କ ମନ୍ଦିର ତଥା କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତିଗୁଡ଼ିକର ସଂରକ୍ଷଣ ବାବଦରେ ଦେଖାଦେଇଥିବା ଅଭିଯୋଗ ଏବଂ ସମସ୍ୟା ନେଇ ଆଲୋଚନା କରିଥିଲେ । ଆଲୋଚନା ସମୟରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ । ଆସନ୍ତା ଡିସେମ୍ବର ୧୦ରେ ଭୁବନେଶ୍ୱରରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ କୋଣାର୍କ ସମ୍ପର୍କରେ ବ୍ୟାପକ ଆଲୋଚନା ହେବ । ଏହି ଆଲୋଚନାରେ ୧୯୯୭ ଓ ୨୦୧୦ରେ ଅନୁଷ୍ଠିତ ଆନ୍ତର୍ଜାତିକ ସମ୍ମିଳନୀରେ ପ୍ରଦତ୍ତ ବିଭିନ୍ନ ସୁପାରିଶ ନେଇ ହୋଇଥିବା କାର୍ଯ୍ୟାନୁଷ୍ଠାନ ବାବଦରେ ମତବିନିମୟ ହେବ । ଏହି ସୁପାରିଶ ଜାତୀୟ କୋଠାବାଡ଼ି ଗବେଷଣା ପ୍ରତିଷ୍ଠାନକୁ ଦିଆଯାଇଥିବା ରିପୋର୍ଟ ଆଧାରରେ ମଧ୍ୟ ଆଲୋଚନା କରାଯିବ । ବୈଠକରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶର୍ମା ଅଧକ୍ଷତା କରିବେ ବୋଲି ଜଣାପଡ଼ିଛି । ଶୁକ୍ରବାର ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶର୍ମାଙ୍କ ସହିତ ମନ୍ତ୍ରୀ ଶ୍ରୀ ପଣ୍ଡା ଆଲୋଚନା କରିବା ସମୟରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସମେତ ଲୋକସଭା ସଦସ୍ୟ ଡ. ପ୍ରସନ୍ନ ପାଟ୍ଟଶାଣୀ, ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାସ, କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ, କେନ୍ଦ୍ର ପୁରାତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ମାହନିର୍ଦ୍ଦେଶକ, କେନ୍ଦ୍ର ସରକାରଙ୍କ ସଂସ୍କୃତି ନିର୍ଦ୍ଦେଶକ, ଓଡ଼ିଶା ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ ନାୟକ ଉପସ୍ଥିତ ଥିଲେ ।

## ଅସିତ୍ ତ୍ରିପାଠୀ ନୂଆ ଉନ୍ନୟନ କମିଶନର

**ଭୁବନେଶ୍ୱର :** ଗୃହ ସଚିବ ଅସିତ ତ୍ରିପାଠୀ ଆଜି ନୂଆ ଉନ୍ନୟନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଉନ୍ନୟନ କମିଶନର ଭାବେ କାର୍ଯ୍ୟ କରୁଥିବା ଆର୍ ବାଲାକ୍ରିଷ୍ଣନ ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି । ଶ୍ରୀ ବାଲାକ୍ରିଷ୍ଣନଙ୍କ ଅବସର ପରେ ଗୃହ ସଚିବ ଶ୍ରୀ ତ୍ରିପାଠୀଙ୍କୁ ଉନ୍ନୟନ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏଣିକି ରାଜ୍ୟ ପ୍ରଦୂଷଣ ବୋର୍ଡ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିବେ । ଏହା ସହ ସମବାୟ ସଚିବ ରଞ୍ଜନା ଚୋପ୍ରାଙ୍କୁ ରାଜ୍ୟ ପଣ୍ୟାଗାର ନିଗମ 'ଓଏସ୍‌ଡବ୍ଲୁସି' ଅଧ୍ୟକ୍ଷ ରୂପେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ୧୯୮୬ ବ୍ୟାଚର ଆଇଏଏସ୍ ଅଫିସର୍ ଅସିତ୍ ତ୍ରିପାଠୀ ଅପରାଧ ଆଇନ, ପୁଲିସ୍, ସୁରକ୍ଷା ବଳ ପରିଚାଳନା, ଶିଳ୍ପ, ପର୍ଯ୍ୟଟନ ସହ ସବୁ କ୍ଷେତ୍ରରେ ଅଭିଜ୍ଞତା ଥିବା ଜଣେ ଦକ୍ଷ ଅଫିସର୍ । ୩୦ ବର୍ଷର ଚାକିରି କାଳ ମଧ୍ୟରେ ସେ ବହୁତ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଛନ୍ତି । ୧୯୬୦ ଡିସେମ୍ବର ୨୩ରେ ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ରେ ଜନ୍ମ ଗ୍ରହଣ କରିଥିଲେ ଶ୍ରୀ ତ୍ରିପାଠୀ । ରାଜନୀତି ବିଜ୍ଞାନରେ ଏମ୍‌ଫିଲ୍ କରିବା ପରେ ଏମ୍‌ବିଏ ମଧ୍ୟ କରିଛନ୍ତି । ସେ ଜଣେ ଗଲ୍ଫ ଖେଳାଳି । ଭୁବନେଶ୍ୱର ଗଲ୍ଫ କ୍ଲବର ସେ ସଭାପତି ଥିଲେ । ଓଡ଼ିଶା ଟେନିସ୍ ଆସୋସିଏସନର ସଭାପତି ଏବଂ ଜାତୀୟ ଟେନିସ୍ ଆସୋସିଏସନର କାର୍ଯ୍ୟକାରୀ ସଭ୍ୟ ଥିଲେ ଶ୍ରୀ ତ୍ରିପାଠୀ ।

## ରେଳ ଯାତ୍ରୀଙ୍କୁ ଶାଳପତ୍ର, ଶିଆଳି ପତ୍ରରେ ଦିଆଯିବ ଖାଦ୍ୟ

**ଭୁବନେଶ୍ୱର :** ରାଜ୍ୟରେ ଶାଳପତ୍ର ଓ ଶିଆଳି ପତ୍ରକୁ ନେଇ ଏକ ଲାଭବାନ ବ୍ୟବସାୟ କରିବା ଲାଗି ରାଜ୍ୟ ସରକାର ଚିନ୍ତା କରୁଛନ୍ତି । ରାଜ୍ୟରେ ଶାଳପତ୍ର ଓ ଶିଆଳିପତ୍ର ସଂଗ୍ରହକାରୀମାନେ ଯେପରି ଉପଯୁକ୍ତ ଲାଭବାନ ହୋଇପାରିବେ ସେଥିଲାଗି ରାଜ୍ୟ ସରକାର ଆଗ୍ରହ ପ୍ରକାଶ କରିଛନ୍ତି । ଏନେଇ ରାଜ୍ୟରେ ରେଳଗାଡ଼ିଗୁଡ଼ିକରେ ଯାତ୍ରୀଙ୍କୁ ଖାଦ୍ୟ ପରଷା ପାଇଁ ଶାଳପତ୍ର ଓ ଶିଆଳି ପତ୍ରରେ ଥାଳି ଓ ଗିନା ଆଦି ବ୍ୟବହାର କରିବା ଲାଗି ଚିନ୍ତା ମଧ୍ୟ କରିଛନ୍ତି । ରେଳରେ ଏହି ପତ୍ରରେ ପ୍ରସ୍ତୁତ ଥାଳି ଓ ଗିନା ଆଦିକୁ ବ୍ୟବହାର କରିବା ପାଇଁ ପୂର୍ବତନ ରେଳବାଇକୁ ପ୍ରସ୍ତାବ ଦେବା ଲାଗି ଯୋଜନା କରିଛନ୍ତି । ଏ ସଂକ୍ରାନ୍ତରେ ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓଡ଼ିଶା ବନ ଉନ୍ନୟନ ନିଗମକୁ ପତ୍ର ଲେଖିଛନ୍ତି । ପୂର୍ବତନ ରେଳବାଇ କର୍ତ୍ତୃପକ୍ଷଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମ ପକ୍ଷରୁ ଏହି ପ୍ରସ୍ତାବ ଦେବା ଲାଗି ମନ୍ତ୍ରୀ ଶ୍ରୀ ମଲ୍ଲିକ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଶାଳ ଓ ଶିଆଳି ପତ୍ରକୁ ସଂଗ୍ରହ



କରାଯାଇଥାଏ । ଏହି ପତ୍ରଗୁଡ଼ିକୁ ପରେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ସେଥିରୁ ଉନ୍ନତମାନର ଥାଳି, ଗିନା ଓ ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ ହେଉଛି । ଏହା ପରିବେଶ ଦୃଷ୍ଟିରୁ ମଧ୍ୟ ଅତ୍ୟନ୍ତ ଅନୁକୂଳ । ଏହାକୁ ବହୁଳ ଭାବରେ ଯଦି ରେଳରେ ବ୍ୟବହାର କରାଯିବ ତାହାଲେ ଆଦିବାସୀ ଓ ଗରିବ ଲୋକମାନେ ରୋଜଗାର ପାଇ ଉପକୃତ ହୋଇପାରିବା ସହିତ ସେମାନଙ୍କ ଆର୍ଥିକ ସଙ୍କଟ ଦୂର ହୋଇପାରିବ । ଜଙ୍ଗଲରୁ ସହଜରେ ମିଳୁଥିବା ଏହି ସାମଗ୍ରୀର ବ୍ୟବହାର ପାଇଁ ରାଜ୍ୟ ସରକାରୀ ସ୍ତରରେ ତାଲିମ୍ ସହିତ ବିଭିନ୍ନ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି । ବର୍ତ୍ତମାନ ଗାଁ ଗହଳିରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟମାନେ ଏହି କାର୍ଯ୍ୟ କରି ଭଲ ରୋଜଗାର କରୁଛନ୍ତି ।

**କୋଣାର୍କ ମନ୍ଦିର ସୁରକ୍ଷା ପ୍ରସଙ୍ଗ**

## '୧୦ ସୁଦ୍ଧା ଜବାବ ଦାଖଲ କର'

**କଟକ :** କୋଣାର୍କର ବିଶ୍ୱ ପ୍ରସିଦ୍ଧ ସୂର୍ଯ୍ୟ ମନ୍ଦିର ମରାମତି ଓ ସୁରକ୍ଷା ପ୍ରସଙ୍ଗରେ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି କରି ଆସନ୍ତା ୧୦ ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ ଅଦାଲତ କେନ୍ଦ୍ର ସରକାର, ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ଆଇନଜୀବୀ ଦିଲୀପ୍ ମହାପାତ୍ରଙ୍କ ପକ୍ଷରୁ ଦାଖଲ ମିସ୍‌କେଶ୍‌ର ଶୁଣାଣି କରି ମୁଖ୍ୟ ବିଚାରପତି କେ.ଏସ୍ ଜାଭେରୀ ଓ ବିଚାରପତି କେ.ଆର୍ ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେବା ସହ ପ୍ରତ୍ନତତ୍ତ୍ୱ ବିଭାଗ ଓ ଏବଂ ଆଞ୍ଚଳିକ ବିକାଶ ପରିଷଦକୁ ମଧ୍ୟ ଜବାବ ଦାଖଲ କରିବାକୁ କହିଛନ୍ତି । ଅର୍କକ୍ଷେତ୍ର କୋଣାର୍କର ସୂର୍ଯ୍ୟ ମନ୍ଦିର ରକ୍ଷଣାବେକ୍ଷଣା ପ୍ରସଙ୍ଗରେ ଆବେଦନକାରୀ ତଥା ଆଇନଜୀବୀ ଶ୍ରୀ ମହାପାତ୍ର ମୂଳ ମାମଲାକାରୀ ଥିଲେ । ଏଥିରେ ମନ୍ଦିର ପରିସରରେ ବର୍ଷା ଜଳ ଜମିବାରୁ ଏହାର ରକ୍ଷଣାବେକ୍ଷଣାକୁ ନେଇ ବ୍ୟାପକ ଅବ୍ୟବସ୍ଥା ତଥା ଅନିୟମିତତା କରାଯାଉଥିବା ଦର୍ଶାଇଥିଲେ । ଏ ସମ୍ପର୍କରେ ୧୯୯୩ ମସିହାରୁ ୨୦୧୦ ମସିହା ମଧ୍ୟରେ ବିଭିନ୍ନ କମିଟି ଦେଇଥିବା ରିପୋର୍ଟକୁ କାର୍ଯ୍ୟକାରୀ କରାଯାଇ ନାହିଁ ବୋଲି ମଧ୍ୟ ସେ ଅଭିଯୋଗ କରିଥିଲେ । ଏହି ମାମଲାରେ କେନ୍ଦ୍ର ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କୋଣାର୍କ ମନ୍ଦିରର ରକ୍ଷଣାବେକ୍ଷଣା ନିମନ୍ତେ ଦେଢ଼ କୋଟି ଟଙ୍କାରୁ ଅଧିକ ଟଙ୍କା ଖର୍ଚ୍ଚ କରିବା ନିମନ୍ତେ ପ୍ରସ୍ତାବ ରଖିଥିବା ଦର୍ଶାଯାଇଥିଲା । ଏହା ପରେ ବିଭାଗ ପକ୍ଷରୁ ମନ୍ଦିରର ରକ୍ଷଣାବେକ୍ଷଣା ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପର ଓ ମନ୍ଦିରର ସ୍ଥିତି ସମ୍ପର୍କରେ ସବିଶେଷ ତଥ୍ୟ ଦାଖଲ କରାଯାଇଥିଲା । ଏସବୁ ସତ୍ତ୍ୱେ ମଧ୍ୟ ସୂର୍ଯ୍ୟ ମନ୍ଦିରର ସୁରକ୍ଷା ଓ ରକ୍ଷଣାବେକ୍ଷଣା ଠିକ୍ ହେଉ ନଥିବା ଦର୍ଶାଇ ପୁଣି ଥରେ ଆବେଦନକାରୀଙ୍କ ପକ୍ଷରୁ ଏକ ମିସ୍‌କେଶ୍ ଦାଖଲ ହୋଇଥିଲା । ଏଥିରେ ମନ୍ଦିର ସୁରକ୍ଷାରେ ଉଭୟ କେନ୍ଦ୍ର ସରକାର, ରାଜ୍ୟ ସରକାର ବିଫଳ ହୋଇଥିବା କୁହାଯାଇଥିଲା । ଭବିଷ୍ୟତରେ ମନ୍ଦିରର ଉପଯୁକ୍ତ ସୁରକ୍ଷା ନିଆ ନ ଗଲେ ଏହି ଐତିହାସିକ କିର୍ତ୍ତୀରାଜିର ବିଲୋପ ଘଟିବ ବୋଲି ଦର୍ଶାଇ କେନ୍ଦ୍ର ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ, ରାଜ୍ୟ ସରକାର ପ୍ରମୁଖଙ୍କୁ ଆବେଦନକାରୀ ପକ୍ଷଭୁକ୍ତ କରିଥିଲେ । ହାଇକୋର୍ଟ ଏହାର ଶୁଣାଣି କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନିର୍ଦ୍ଦେଶ ଦେବା ସହ ଆସନ୍ତା ଡିସେମ୍ବର ୧୦ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରିଛନ୍ତି ।

## ଖଣି ରୟାଲଟି ବୃଦ୍ଧି ପାଇଁ କେନ୍ଦ୍ର ନେଉନି ପଦକ୍ଷେପ

**ଭୁବନେଶ୍ୱର :** ଓଡ଼ିଶା ତରଫରୁ କେନ୍ଦ୍ରକୁ ୪ଟି ଚିଠି ଲେଖା ସରିଲାଣି । ମାତ୍ର ଖଣି ରୟାଲଟି ବୃଦ୍ଧି କରାଯିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ୨୦୧୧ ଠାରୁ ଚଳିତ ୨୦୧୮ ମଧ୍ୟରେ ରାଜ୍ୟ ସରକାର ୪ଟି ଚିଠି ଲେଖିଛନ୍ତି । ୨୦୧୧ ମସିହା ଫେବ୍ରୁଆରି ୨୨, ୨୦୧୬ ମେ ୨୪ ଜୁଲାଇ ୫ ସହିତ ଚଳିତ ବର୍ଷ ମେ ୧୦ ଓ ଜୁନ୍ ୨୬ରେ ରାଜ୍ୟ ସରକାର ଖଣି ରୟାଲଟି ବୃଦ୍ଧି ପାଇଁ କେନ୍ଦ୍ରକୁ ଚିଠି ଲେଖିଛନ୍ତି । ମାତ୍ର ରୟାଲଟି ବୃଦ୍ଧି ଦିଗରେ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି । ୨୦୧୩-୧୪ରୁ ୨୦୧୮-୧୯ ଆର୍ଥିକ ବର୍ଷ ମଧ୍ୟରେ ଖଣି ଲିଜଧାରୀମାନେ ଲାଭ ହାସଲ କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ୨୦୧୩-୧୪ରେ ଲୁହାର ସର୍ବାଧିକ ଉତ୍ପାଦନ ମୂଲ୍ୟ ଟନ୍ ପ୍ରତି ୧୨୦୧ ଟଙ୍କା ଥିଲା ବେଳେ ସର୍ବାଧିକ ବିକ୍ରୟ ମୂଲ୍ୟ ୩୭୮୦ ଟଙ୍କା ରହିଛି । ସେହିପରି ୨୦୧୪-୧୫ରେ ଉତ୍ପାଦନ ମୂଲ୍ୟ ୧୩୬୨ ଟଙ୍କା ଥିଲା ବେଳେ ବିକ୍ରୟ ମୂଲ୍ୟ

**ରାଜ୍ୟ ଦେଲାଣି ୪ ଚିଠି**

୩୯୭୬ ଟଙ୍କା ରହିଛି । ୨୦୧୫-୧୬ରେ ଉତ୍ପାଦନ ମୂଲ୍ୟ ୧୨୦୨ ଟଙ୍କା ଥିଲା ବେଳେ ବିକ୍ରୟ ମୂଲ୍ୟ ୩୧୩୬ ଟଙ୍କା ରହିଛି । ୨୦୧୬-୧୭ରେ ଉତ୍ପାଦନ ମୂଲ୍ୟ ୧୦୪୮ ଟଙ୍କା ଥିଲା ବେଳେ ବିକ୍ରୟ ମୂଲ୍ୟ ୨୭୧୨ ଟଙ୍କା ରହିଛି । ୨୦୧୭-୧୮ରେ ଉତ୍ପାଦନ ମୂଲ୍ୟ ୨୧୩୧ ଟଙ୍କା ଥିଲା ବେଳେ ୪୨୭୪ ଟଙ୍କା ରହିଛି । ମାତ୍ର ବକ୍ସାଇଟ୍ ଉତ୍ତୋଳନ କ୍ଷେତ୍ରରେ ଲିଜ୍‌ଧାରୀ କୌଣସି ତଥ୍ୟ ଦେଇନାହାନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି, ଲିଜଧାରୀମାନେ ଦାଖଲ କରିଥିବା ରିଟର୍ଣ୍ଣରେ ଉତ୍ତୋଳନ ବ୍ୟୟ ଓ ଏହାର ବିକ୍ରୟ ମୂଲ୍ୟ ପ୍ରଦାନ କରିଛନ୍ତି । ତେବେ ଅଧିକାଂଶ ଖଣିଜ ପଦାର୍ଥ ଉପରେ ରୟାଲଟି 'ଆଡଭାଲୋରେମ୍' ଆଧାରରେ ଆଦାୟ ହୋଇଥାଏ । ଯାହାକି ନିର୍ଦ୍ଦିଷ୍ଟ ଖଣିଜ ଦ୍ରବ୍ୟ ବିକ୍ରି ମୂଲ୍ୟର ନିର୍ଦ୍ଦିଷ୍ଟ ଅନୁପାତରେ ନିର୍ଦ୍ଧାରଣ କରାଯାଇଥାଏ । ତେଣୁ ଖଣିଜ ପଦାର୍ଥ ବିକ୍ରି ମୂଲ୍ୟ ବୃଦ୍ଧି ହେଲେ ରୟାଲଟି ଦେୟ ସେହି ଅନୁପାତରେ ବୃଦ୍ଧି ହୋଇଥାଏ । ତେବେ ରାଜ୍ୟ ସରକାର ରୟାଲଟି ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କୁ ବାରମ୍ବାର ଚିଠି ଲେଖି ଦାବି ଜଣାଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ।

## 'ଲିସିନିଂ ୱିଣ୍ଡୋ' ଉନ୍ମୋଚିତ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା 'ଲିସିନିଂ ୱିଣ୍ଡୋ' ଉନ୍ମୋଚିତ ହୋଇଯାଇଛି । ଯୋଜନା ଓ ସମନ୍ୱୟ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ନଲେଜ୍ ହବ୍ ଲେକଚର୍ ସିରିଜ୍ ଭାବେ ପ୍ରକାଶିତ ଏହି ପୁସ୍ତକରେ ପ୍ରସିଦ୍ଧ ବ୍ୟକ୍ତିମାନଙ୍କ ଉଦ୍‌ବୋଧନ ରହିଛି । ପୁସ୍ତକଟିକୁ ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ନୀତି ନିର୍ଦ୍ଧାରକ, ପ୍ରଶାସକ ଓ ଛାତ୍ରଛାତ୍ରୀମାନଙ୍କୁ ଏହି ପୁସ୍ତକ ପ୍ରେରଣା ଯୋଗାଇବ । ଓଡ଼ିଶା ନଲେଜ୍ ହବ୍ ସିରିଜ୍‌ରେ ବିଭିନ୍ନ କ୍ଷେତ୍ରର ୧୮ ଜଣ ପ୍ରସିଦ୍ଧ ବକ୍ତା ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଛନ୍ତି । ଏହି ପୁସ୍ତକରେ ସେମାନଙ୍କ ବକ୍ତବ୍ୟର ସଙ୍କଳିତ ରୂପ ରହିଛି । ଏଭଳି ଏକ ଅଭିନବ ପରିକଳ୍ପନା ପାଇଁ ଉନ୍ନୟନ କମିଶନର ଆର୍ ବାଲକ୍ରିଷ୍ଣନଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ । ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧ୍ୟକ୍ଷ ଡ. ସୁବ୍ରତୋ ବାଗ୍‌ଚୀ କହିଥିଲେ, ପ୍ରସିଦ୍ଧ ବ୍ୟକ୍ତିଙ୍କ ବକ୍ତବ୍ୟ ସର୍ବଦା ଚିନ୍ତାଧାରାକୁ ପ୍ରସାରିତ କରିଥାଏ । ଏହି ଲେକଚର୍ ସିରିଜ୍ ପୁସ୍ତକ ଓଡ଼ିଶାର ବ୍ରାଣ୍ଡକୁ ପ୍ରମାଣିତ କରିଛି । କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ କହିଥିଲେ, ଓଡ଼ିଶା ନଲେଜ୍ ହବ୍‌ର ଲେକ୍‌ଚର୍ ସିରିଜ୍ ବୃତ୍ତିଗତ କ୍ଷେତ୍ରରେ ଅନେକ ସହାୟକ ହେବ । କାର୍ଯ୍ୟକ୍ରମରେ ଯୋଜନା ଓ ସମନ୍ୱୟ ସଚିବ ଚିତ୍ରା ଅରୁମୁଗମ୍ ଉପସ୍ଥିତ ଥିଲେ । ଏହି ଅବସରରେ ଓଡ଼ିଶା ନଲେଜ ହବ୍ ସମ୍ପର୍କରେ ଏକ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା ।

## ଦଳିତ, ପଛୁଆବର୍ଗର ବିକାଶରେ ଦେଶର ବିକାଶ : କଂଗ୍ରେସ

**ଭୁବନେଶ୍ୱର :** ଓଡ଼ିଶାରେ ଦଳିତମାନ ଅତି ଦୟନୀୟ ଅବସ୍ଥାରେ ଅଛନ୍ତି । ସେମାନେ ଉପରେ ବାରମ୍ବାର ଆକ୍ରମଣ ଓ ନିର୍ଯ୍ୟାତନା ଦିଆଯାଉଛି । ଫଳରେ ଦଳିତମାନେ ବର୍ତ୍ତମାନ ରାଜ୍ୟରେ ଭୟ ଓ ଆତଙ୍କିତ ଅବସ୍ଥାରେ ଜୀବନ ବିତାଉଛନ୍ତି । କେନ୍ଦ୍ରର ଏନଡିଏ ସରକାର ହେଉ ବା ରାଜ୍ୟର ବିଜେଡି ସରକାର କେହି ବି ଦଳିତ କଥା ଚିନ୍ତା କରୁନାହାନ୍ତି । କେବଳ ଭୋଟ ନେବା ପାଇଁ ଭୂତାଉଛନ୍ତି । ଦଳିତଙ୍କୁ ଅଧିକାର ହାସଲ କରବାକୁ ହେଲେ ରାସ୍ତାକୁ ଓହ୍ଲାଇବାକୁ ପଡ଼ିବ । ନିଜ ଦାବି ଓ ସମ୍ମାନ ହାସଲ ପାଇଁ ଦଳିତ ସମାଜ ଏକ ହେବାକୁ ଦଳିତ ନେତା ତଥା ଗୁଜରାଟର ବିଧାୟକ ଜିଗ୍ନେଶ ମେୱାନି ଆହ୍ୱାନ କରିଛନ୍ତି । କେନ୍ଦ୍ରର ଏନଡିଏ ସରକାର ହେଉ କିମ୍ବା ରାଜ୍ୟର ବିଜେଡି ସରକାର କେହି ଦଳିତ ପାଇଁ ଚିନ୍ତା କରୁନାହାନ୍ତି । କେବଳ ଭୋଟ ନେବା ପାଇଁ ଭୂତାଉଛନ୍ତି । ଦଳିତଙ୍କୁ ଅଧିକାର ହାସଲ କରବାକୁ ହେଲେ ରାସ୍ତାକୁ ଓହ୍ଲାଇବାକୁ ପଡ଼ିବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ, କୁନ୍ଦୁଲି ପୀଡ଼ିତା ସରକାରଙ୍କୁ ନ୍ୟାୟ ମାଗିଥିଲା । ସେ ଦଳିତ ଝିଅ ବୋଲି ତାକୁ ନ୍ୟାୟ ଦେଲେ ନାହିଁ । ଯେଉଁଥିପାଇଁ ସେ ଆତ୍ମହତ୍ୟା କରିବାକୁ ବାଧ ହେଲା । ଯେ ପର୍ଯ୍ୟନ୍ତ କୁନ୍ଦୁଲି ପୀଡ଼ିତାକୁ ନ୍ୟାୟ ନ ମିଳିଛି ସେ ପର୍ଯ୍ୟନ୍ତ ସେ ବାରମ୍ବାର ଓଡ଼ିଶା ଆସିବେ ବୋଲି କହିଛନ୍ତି । ଗୁଜରାଟରେ ୨୫ ବର୍ଷ ଧରି ଭୂମିହୀନ ଦଳିତଙ୍କୁ ପଟ୍ଟା ମିଳିଥିଲେ ମଧ୍ୟ ଜମି ମିଳୁନଥିଲା । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ସମୟରେ ପ୍ରତିବାଦ ସ୍ୱର ରାସ୍ତାରେ ଶୋଇବାରୁ ୩୦୫ ଏକର ଜମି ଗରିବ ଦଳିତ ପାଇଥିଲେ । ସମୟ ଆସିଛି ଅଧିକାର ପାଇଁ ଆଦିବାସୀ, ଦଳିତ ଓ ପଛୁଆ ବର୍ଗ ରାସ୍ତାକୁ ଆସିବା ଦରକାର । କେବଳ ସିପିଆଇ, ସିପିଏମ, ବହୁଜନ ସମାଜ ପାର୍ଟି, ଆରଜେଡି ଓ କଂଗ୍ରେସ ଏକାଠି ହୋଇଛନ୍ତି । ଦଳିତଙ୍କୁ ଅଧିକାର ଦେବା ପାଇଁ ଏକଜୁଟ ହୋଇ ନ୍ୟାୟ ଦେଇପାରିଲେ ଏକାଠି ହେବାର ସାର୍ଥକତା ହେବ ବୋଲି ସେ କହିଛନ୍ତି । ଏହି ସମାବେଶରେ ପୂର୍ବତନ ସାଂସଦ ବିଭୂ ତରାଇ ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ, ଦଳିତ, ଆଦିବାସୀ ଓ ପଛୁଆ ବର୍ଗର ବିକାଶ ନ ହେଲେ ଦେଶର ବିକାଶ ଅସମ୍ଭବ । ସାମାଜିକ, ଆର୍ଥିକ କ୍ଷେତ୍ରରେ ରହିଥିବା ପଛୁଆ ବର୍ଗର ଉନ୍ନତି ପାଇଁ କଂଗ୍ରେସ ସଦାସର୍ବଦା ତା'ର ସଂଗ୍ରାମ ଜାରି ରଖି ଆସିଛି । ଜାତିର ପିତା ମହାତ୍ମା ଗାନ୍ଧୀଙ୍କଠାରୁ




ଆମ୍ବେଦକରଙ୍କ ପର୍ଯ୍ୟନ୍ତ ଦଳିତ, ଆଦିବାସୀ ଓ ପଛୁଆ ବର୍ଗର ଉନ୍ନତି ପାଇଁ ଯେଉଁ ସାମ୍ବିଧାନିକ ବ୍ୟବସ୍ଥା କରି ଦେଇଯାଇଛନ୍ତି, ବର୍ତ୍ତମାନ କେନ୍ଦ୍ରରେ ଥିବା ଏନଡିଏ ସରକାର ସେମାନଙ୍କୁ ଅଧିକାରରୁ ବଂଚିତ କରୁଛି । କଂଗ୍ରେସର ଅନୁସୂଚିତ ଜନଜାତି ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସମାବେଶରେ ଯୋଗଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଯେ ପର୍ଯ୍ୟନ୍ତ ଜାତିପ୍ରଥା ରହିବ ସେ ପର୍ଯ୍ୟନ୍ତ ଦଳିତଙ୍କୁ ଉପଯୁକ୍ତ ସମ୍ମାନ ମିଳିବ ନାହିଁ । ଏକଥା ଆମ୍ବେଦକର ଓ ଗାନ୍ଧୀ ଦେଶବାସୀଙ୍କୁ ଏହି ବାର୍ତ୍ତା ଦେଇଥିଲେ । ସ୍ୱାଧୀନତା ପରେ କଂଗ୍ରେସ ଦଳ ଆମ୍ବେଦକରଙ୍କୁ ସମ୍ବିଧାନ ସଭାର ମୁଖ୍ୟ କରିଥିଲା । ଭାରତର ସମ୍ବିଧାନ ପ୍ରତ୍ୟେକ ଲୋକଙ୍କୁ ସମ୍ମାନ ଦିଏ ଓ ଆଇନ ଆଖିରେ ବି ସମାନ ଅଧିକାର ଦେଇଛି । ସମ୍ବିଧାନରେ ସଂସ୍କାର ବ୍ୟବସ୍ଥା ରହିଥିବାବେଳେ ଏହାକୁ ଆରଏସଏସ ବିରୋଧ କରୁଛି । ସ୍ୱାଧୀନତା ପରେ ଦଳିତମାନେ ମୁଖ୍ୟତଃ କଂଗ୍ରେସ ସାଥୀରେ ଥିଲେ । କାରଣ କଂଗ୍ରେସ ହେଉଛି ଧର୍ମନିରପେକ୍ଷତାର ଦଳ । କଂଗ୍ରେସ ବିନା ଦଳିତର ଅଧିକାର ବିଜେପି ହାତରେ ଦୁର୍ବଳ ହୋଇଥିବାବେଳେ ଅତ୍ୟାଚାର ବୃଦ୍ଧି ପାଇଛି । କେବଳ ସେତିକି ନୁହେଁ ସଂରକ୍ଷଣ ବ୍ୟବସ୍ଥା ଉଠାଇବାକୁ ଷଡଯନ୍ତ୍ର ଅବ୍ୟାହତ ରହିଥିବାବେଳେ ଆଇନର ପରିବର୍ତ୍ତନ କରିବାକୁ ଚକ୍ରାନ୍ତ ଶେଷ ହୋଇନାହିଁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଓଡ଼ିଶାରେ ଦଳିତମାନେ ଅର୍ଥନୈତିକ ଦୃଷ୍ଟିକୋଣରୁ ଅନେକ ପଛରେ ଅଛନ୍ତି । କେବଳ ଏକ ଜାତିଭିତିକ ପ୍ରଶ୍ନ ନୁହେଁ ଦଳିତର ବିକାଶ ନ ହେଲେ ଓଡ଼ିଶାର ବିକାଶ ସମ୍ଭବ ନୁହେଁ ବୋଲି ବକ୍ତାମାନେ କହିଥିଲେ । ସମାବେଶରେ କଂଗ୍ରେସର ଦଳିତ ସେଲ୍ ଅଧ୍ୟକ୍ଷ ବିଭୁ ତରାଇ ଅଧ୍ୟକ୍ଷତା କରିଥିବାବେଳେ ଜିଗ୍ନେଶ ପଟେଲ ମୁଖ୍ୟ ବକ୍ତା ଭାବେ ଦେଶରେ ଦଳିତଙ୍କ ଉପରେ କିଭଳି ଅତ୍ୟାଚାର ବିଜେପି ଶଶସନରେ ବଢ଼ିଛି, ତାହା ଉଲ୍ଲେଖ କରିଥିଲେ । ଏହି ସମାବେଶରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା, ଶରତ ପଟ୍ଟନାୟକ ଯୋଗଦେଇଥିବା ବେଳେ ଦଳର କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି, ସିଆଇର ବରି ନେତା ରାମକୃଷ୍ଣ ପଣ୍ଡା, ସିପିଏମ୍‌ର ଜନାର୍ଦ୍ଦନ ପତି, ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରା ପ୍ରମୁଖ ଦଳିତ ଓ ପଛୁଆ ବର୍ଗକୁ ନ୍ୟାୟ ଦେବା ପାଇଁ ସଂଗ୍ରାମ ଜାରି ରହିବ ବୋଲି ଆହ୍ୱାନ ଦେଇଥିଲେ ।




EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର


ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

ଭୁବନେଶ୍ୱର, ୦୩ - ୦୯ ଡିସେମ୍ବର, ୨୦୧୮

# ହକି ପାଇଁ ନୂଆ ଇତିହାସ

୧୪ଶ ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରି ଓଡ଼ିଶା ସମଗ୍ର ବିଶ୍ୱରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ହକିର ଅନ୍ତୁଡିଶାଳ ଓଡ଼ିଶା ହକି କ୍ରୀଡ଼ା ପ୍ରତି ପୂର୍ଣ୍ଣ ସମର୍ପିତ ବୋଲି ଏହା ପ୍ରମାଣ ହୋଇଛି। ଏଥିପାଇଁ ରାଜ୍ୟ ସରକାର ଯେଭଳି ଉଦ୍ୟମ କରିଛନ୍ତି ତାହାକୁ ଦେଶ, ଜାତି ତଥା ବିଶ୍ୱ ମନେ ରଖିବ। କ୍ରୀଡ଼ା ଯେ ବିଶ୍ୱକୁ ଭାତୃତ୍ୱ ଭାବରେ ବାନ୍ଧି ରଖିବାର ଏକ ମାଧ୍ୟମ ତାହା ପ୍ରମାଣିତ କରିଛି ଏହି ହକି ମହାକୁମ୍ଭ। ଏହାର ସମସ୍ତ ଶ୍ରେୟ ଆମର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଯିବ ନିଶ୍ଚିତ। କାରଣ ଯୁବଶକ୍ତିକୁ ଉତ୍ସାହୀ ଓ ଉଦ୍‌ଯୋଗୀ କରିବା ନିମନ୍ତେ ଏଭଳି ଏକ ପ୍ରଚେଷ୍ଟା ନିଶ୍ଚୟ ପ୍ରଶଂସନୀୟ। କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ ଆୟୋଜନ ହେବା ଦ୍ୱାରା ଓଡ଼ିଶାର ନୂତନ ଏକ ପରିଚୟ ବିଶ୍ୱ ଦେଖିଲା। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଏହାକୁ ଯେବେ ଠିକ୍ ଭାବେ ଅନୁଧ୍ୟାନ କରାଯିବ ତେବେ ଏହା ନିଶ୍ଚିତ ରାଜ୍ୟ ପାଇଁ ଗୌରବର ବିଷୟ। କଳିଙ୍ଗ କ୍ରୀଡା ମହାକୁମ୍ଭ ଯେ ଅଲିମ୍ପିକ୍ସର ସମକକ୍ଷ ଏଥିରେ ଦ୍ୱିମତ ହେବାର ନାହିଁ। ବିଶ୍ୱସ୍ତରର ଖେଳାଳି ସୃଷ୍ଟି କରିଥିବା ଆମ ରାଜ୍ୟ ଏବେ ଦେଶରେ କ୍ରୀଡ଼ାର ରାଜଧାନୀ। ହକି ବିଶ୍ୱକପ ଉଦ୍‌ଘାଟନ ଅବସରରେ କଳିଙ୍ଗ ଷ୍ଟାଡିୟମ ପ୍ରେମରେ ବାନ୍ଧି ହୋଇଗଲେ ଓସ୍କାର ବିଜୟୀ ସଙ୍ଗୀତଜ୍ଞ ଏଆର ରହମନ, ବଲିଉଡ଼ ବାଦଶାହା ଶାହାରୁଖ ଖାନ ଓ ଧକ୍ ଧକ୍ ଗାର୍ଲ ମାଧୁରୀ ଦୀକ୍ଷିତ୍। ସେହିଭଳି ବାରବାଟୀ ଷ୍ଟାଡିୟମରେ ମଧ୍ୟ ବିଶ୍ୱକପ୍ ହକି ଉଦ୍‌ଘାଟନୀ ଉତ୍ସବରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲିଉଡ୍ ସୁପରଷ୍ଟାର ସଲମାନ୍ ଖାନଙ୍କ ଯୋଗଦାନ ଫଳରେ ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ଆୟୋଜନ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ। ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ପ୍ରସଙ୍ଗ ଥିଲା ପ୍ରାଚ୍ୟ ଓ ପାଶ୍ଚାତ୍ୟର ମିଳନ। ଯେଉଁଥିପାଇଁ 'ଦି ଆର୍ଥ ସଙ୍ଗ' ନାମକ ଗୀତର ପରିକଳ୍ପନା କରାଯାଇଥିଲା। ୧୬ଟି ପ୍ରତିଯୋଗୀ ଦେଶର ହକି ଖେଳାଳିମାନେ ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିବା କିଛି କମ୍ କଥା ନୁହେଁ। ଭବ୍ୟ ଆୟୋଜନ ସାଙ୍ଗକୁ ଖେଳାଳିମାନଙ୍କ ରହିବା ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ରାଜ୍ୟ ସରକାର ଯେଭଳି ଧ୍ୟାନ ଦେଇଛନ୍ତି ତାହା ସବୁ ଦିଗରୁ ସ୍ୱାଗତଯୋଗ୍ୟ। ହକି ବିଶ୍ୱକପ ଆୟୋଜନ ବାସ୍ତବରେ ଏକ ଚ୍ୟାଲେଞ୍ଜ ଓ ଏହାକୁ ସାମ୍ନା କରିଛି ଓଡ଼ିଶା। ଆହ୍ୱାନକୁ ସାମ୍ନା କଲେ ସଫଳତା ମିଳେ ବୋଲି ପ୍ରମାଣ କରିପାରିଛନ୍ତି ମୁଖ୍ୟମନ୍ତ୍ରୀ। ଡୁନ୍ ସ୍କୁଲର ଛାତ୍ର ଥିଲା ବେଳେ ନବୀନ ହକି ଟିମ୍‌ର ଗୋଲକିପର ଥିଲେ ବୋଲି ଜାଣିପାରିଛନ୍ତି ରାଜ୍ୟବାସୀ। ପ୍ରକୃତିପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ହକି ପ୍ରୀତି ଯୋଗୁ ନୂଆ ଇତିହାସ ରଚିଛି ଓଡ଼ିଶା।

# ରାଜନୀତିରେ ପ୍ରଶାସନିକ ଅଧିକାରୀଙ୍କ ଆବଶ୍ୟକତା

ସମ୍ପାଦକୀୟ

ତାରକ ମହାନ୍ତି



ସମ୍ପ୍ରତି ଦେଶର ରାଜନୀତିରେ ରାଜନେତାଙ୍କ ପରିଭାଷା ବଦଳି ଯାଇଛି। ଆଗରୁ ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଏବଂ ଜନସେବକମାନେ ଗଣତାନ୍ତ୍ରିକ ବ୍ୟବସ୍ଥା ଅନୁସାରେ ରାଜନୀତି କ୍ଷେତ୍ରରେ ପ୍ରବେଶ କରୁଥିଲେ। ନୀତି, ଆଦର୍ଶ ଓ ବ୍ୟକ୍ତିତ୍ୱର ପରାକାଷ୍ଠା ନେଇ ସେମାନେ ନିର୍ବାଚନ ରଣକ୍ଷେତ୍ରରେ ଅବତୀର୍ଣ୍ଣ ହେଉଥିଲେ। ନିର୍ବାଚନରେ ହାର ଜିତ୍ ଆଦୌ ଗୁରୁତ୍ୱପୂର୍ଣ୍ଣ ନଥିଲା। ଭୋଟର ଯାହାକୁ ଅଧିକ ଭଲ ପାଉଥିଲେ ବା ବିଶ୍ୱାସ କରୁଥିଲେ ସେମାନଙ୍କ ସପକ୍ଷରେ ମତଦାନ କରୁଥିଲେ। ନିର୍ବାଚନରେ ଜିତିଥିବା ପ୍ରାର୍ଥୀ ଓ ପରାଜୟ ବରଣ କରିଥିବା ପ୍ରାର୍ଥୀ ସେଭଳି କିଛି ନକାରାତ୍ମକ ଦୃଷ୍ଟିକୋଣର କାର୍ଯ୍ୟ କରୁନଥିଲେ। ଯଦିଓ ମତ ପାର୍ଥକ୍ୟ ରହୁଥିଲା ମନାନ୍ତର କମ୍ ଥିଲା। ଯାହା ବର୍ତ୍ତମାନ ବଦଳି ଯାଇଛି। ରାଜନୀତି ସେବା ବଦଳରେ ଏବେ ବୃତ୍ତି ପାଲଟିଯାଇଛି। ଯେଉଁଥିପାଇଁ ଯେନତେନ ପ୍ରକାରେଣ କ୍ଷମତା ଦଖଲ କରିବା ଚିନ୍ତାରେ ନିର୍ବାଚନକୁ ବ୍ୟୟବହୁଳ କରାଇ ଭୋଟରଙ୍କୁ ପ୍ରଭାବିତ କଲା ଭଳି ଅନେକ କାର୍ଯ୍ୟକ୍ରମ ଚାଲିଛି। ଏଥିରେ କ୍ଷମତାର ଦୁରୂପଯୋଗ ଓ ଅର୍ଥ ବଳର କରାମତି ସ୍ପଷ୍ଟ ଜଣାପଡୁଛି। ଯେଉଁଥିପାଇଁ ଏସବୁର ସାମ୍ନା କରିପାରୁ ନଥିବା ଅତ୍ୟନ୍ତ ଭଦ୍ର, ଅମାୟିକ ଓ ଶିକ୍ଷିତ ଶ୍ରେଣୀର ବ୍ୟକ୍ତିମାନେ ରାଜନୀତି କ୍ଷେତ୍ରକୁ ପ୍ରବେଶ କରିପାରୁନାହାନ୍ତି। ଏଭଳି ପରମ୍ପରା ବଢ଼ିଚାଲିବା ଦ୍ୱାରା ସେବା ମନୋବୃତ୍ତି ରଖିଥିବା ବ୍ୟକ୍ତିବିଶେଷ ରାଜନୀତିରୁ ଦୂରେଇ ଯାଉଥିଲେ। ଯେଉଁଥିପାଇଁ ବିତ୍ତଶାଳୀ ଓ କ୍ଷମତା ଦଖଲର ଦମ୍ଭ ରଖିଥିବା ବ୍ୟକ୍ତିବିଶେଷ ରାଜନୀତି କ୍ଷେତ୍ରକୁ ପ୍ରବେଶ କରି ଏହାକୁ ଏକ ବିପୁଳ ରୋଜଗାର କ୍ଷେତ୍ର ବୋଲି ମନେ କରିବା ଦ୍ୱାରା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଛି। କିନ୍ତୁ ବିଗତ କିଛିବର୍ଷ ହେବ ଦେଖାଯାଉଛି ଯେ, ଲୋକଙ୍କ ମାନସିକତାରେ ବ୍ୟାପକ ପରିବର୍ତ୍ତନ ଆସିଛି। ସେମାନେ ଯଦିଓ ଅର୍ଥ ଲୋଭ କିମ୍ବା ଅନ୍ୟାନ୍ୟ ସ୍ୱାର୍ଥ୍ୟ ପ୍ରତି ଦୁର୍ବଳତା ରଖି ପ୍ରଭାବୀ ପ୍ରାର୍ଥୀଙ୍କୁ ନିର୍ବାଚିତ କରୁଥିଲେ ଏବେ ସେଥିରେ ପରିବର୍ତ୍ତନର ଆଭାସ ମିଳିଛି। ରାଜନେତାମାନେ ଅଧିକ ମାତ୍ରାରେ ଦୁର୍ନୀତିଗ୍ରସ୍ତ ହୋଇପଡିବା ଫଳରେ ଦେଶ ହେଉ କି ରାଜ୍ୟ ବିକାଶ କ୍ଷେତ୍ରରେ ପଛେଇ ଯିବା ସହିତ ସାଧାରଣ ଲୋକ ଅକଥନୀୟ ଅତ୍ୟାଚାରର ସମ୍ମୁଖୀନ ହେଉଛନ୍ତି। ଯେଉଁଥିପାଇଁ ଭୋଟରଙ୍କ ମନରେ ଏବେ ଘୋର ପରିବର୍ତ୍ତନ ଦେଖାଦେଇଛି। ସେମାନେ ଆଉ ଗୁଣ୍ଡାଶ୍ରେଣୀର ବ୍ୟକ୍ତି ବିଶେଷଙ୍କୁ ନିର୍ବାଚିତ କରି ଶୋଷିତ ହେବାକୁ ଚାହୁଁନାହାନ୍ତି। ଏତିକିବେଳେ ରାଜନୀତି କ୍ଷେତ୍ରରେ ଏକ ନୂଆ ଧାରା ସୃଷ୍ଟି ହେବାକୁ ଯାଉଛି। ବର୍ତ୍ତମାନ ରାଜନୀତିକୁ ଶିଳ୍ପପତି, ବିଚାରପତି, ପ୍ରଶାସକ, ଶିକ୍ଷାବିତ୍ ଏବଂ ଅଭିନେତା, ଅଭିନେତ୍ରୀମାନେ ପ୍ରବେଶ କରିପାରୁଛନ୍ତି। ମନ ପସନ୍ଦର ପ୍ରାର୍ଥୀ ମିଳିଲେ ଭୋଟର ଯେ ସେମାନଙ୍କ ପ୍ରତି ନିଶ୍ଚୟ ଆକୃଷ୍ଟ ହେବେ ଏହା ପ୍ରମାଣିତ କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ। ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ଆମ୍ ଆଦ୍‌ମୀ ପାର୍ଟି ଗଠନ କରି ଦେଶର ରାଜନୀତିରେ ସେ ଯେଭଳି ଚର୍ଚ୍ଚିତ ହୋଇପଡିଲେ ତାହା ଆଲୋଚନାର ବିଷୟ। ସାମ୍ପ୍ରତିକ ରାଜନୀତିରେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ପାରନ୍ତି ବୋଲି ତାହା ସେ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ରାଜନୀତିରେ ରୁଚି ରଖୁଥିବା ବହୁ ପ୍ରଶାସନିକ ଅଧିକାରୀ ଏବେ ଧିରେ ଧିରେ ସାମ୍ନାକୁ ଆସୁଛନ୍ତି। ଯଦିଓ ତୃଣମୂଳ ସ୍ତରରୁ ସାଧାରଣ ଲୋକମାନଙ୍କ ସହିତ ସେମାନଙ୍କ ସମ୍ପର୍କ ନାହିଁ ତଥାପି ନିଜର ବ୍ୟକ୍ତିତ୍ୱ ତଥା କାର୍ଯ୍ୟ ଦକ୍ଷତା ଆଧାରରେ ନିର୍ବାଚନରେ ସଫଳତା ହାସଲ କରିବାକୁ ସମର୍ଥ ହୋଇପାରୁଛନ୍ତି। ଓଡ଼ିଶା ବିଜେପିରେ ସମ୍ପ୍ରତି ଏଭଳି କିଛି ଦେଖିବାକୁ ମିଳିଛି। ବରିଷ୍ଠ ପ୍ରଶାସିକା ଅପରାଜିତା ଷଡଙ୍ଗୀ ସ୍ୱେଚ୍ଛାକୃତ ଅବସର ନେଇ ଭାରତୀୟ ଜନତା ପାର୍ଟିରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ଅପରାଜିତା ରାଜନୀତି କ୍ୟାରିୟର ଆରମ୍ଭ ପରେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ରାଜନୀତି କ୍ଷେତ୍ରକୁ ପ୍ରବେଶ କରି ସେ ବହୁତ ଉତ୍ସାହିତ ଅଛନ୍ତି। ଆଗାମୀ ଦିନରେ ଓଡ଼ିଶାରେ ବିଜେପିକୁ ଶକ୍ତିଶାଳୀ କରିବା ପାଇଁ ସେ ନିଜକୁ ନିୟୋଜିତ କରିବେ। ଉଲ୍ଲେଖଯୋଗ୍ୟ, ଅପରାଜିତା ଭୁବନେଶ୍ୱର ମହାନଗର ନିଗମ କମିଶନର ଥିଲା ବେଳେ ତଳସ୍ତରର ଲୋକଙ୍କ ସହ ସାଧାରଣ ଲୋକଙ୍କ ପାଇଁ ଅନେକ ଆଖିଦୃଶିଆ କାର୍ଯ୍ୟ କରିଥିଲେ।


ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ଓଡ଼ିଶାରେ ପୁଞ୍ଜିନିବେଶର ସମ୍ଭାବନା



ବାଦଲ ଭୂୟାଁ

ଓଡ଼ିଶାରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ସଫଳତା ପାଇଥିବାବେଳେ ସବୁଠାରୁ ବଡ଼ କଥା ହେଉଛି ପନ୍ଦରଟି କ୍ଷେତ୍ରରେ ପୁଞ୍ଜିନିବେଶ କରିବା ଲାଗି ଦେଶର ପ୍ରମୁଖ ଶିଳ୍ପ ସଂସ୍ଥାମାନେ ଆଗ୍ରହ ଦେଖାଇଛନ୍ତି। ରାଜ୍ୟ ସରକାରଙ୍କ ଇପ୍‌ସିତ ଲକ୍ଷ୍ୟ ଠାରୁ ଢ଼େର ଆଗକୁ ଯାଇ ୧୮୩ଟି ପ୍ରକଳ୍ପରେ ପୁଞ୍ଜିନିବେଶ ପାଇଁ ୪.୨୦ ଲକ୍ଷ କୋଟିର ନିବେଶ ଆଶା ସୃଷ୍ଟି ହୋଇଛି। ରାଜ୍ୟକୁ କିଛି ବର୍ଷ ମଧ୍ୟରେ ୪ଲକ୍ଷ ୧୯ ହଜାର ୫୭୪କୋଟି ୫୩ଲକ୍ଷ ଟଙ୍କା ପୁଞ୍ଜି ଆସି ପାରିବା ସହ ୫ଲକ୍ଷ ୯୧ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ଖଣିଜ ଧାତୁ ଓ ଆନୁସଙ୍ଗିକ କ୍ଷେତ୍ରରେ ୨,୩୬,୪୩୫,୫୧ କୋଟି ଟଙ୍କାର ନିବେଶ ସହ ଏଥିରେ ୧,୮୮,୬୩୫ର ନିଯୁକ୍ତି ସମ୍ଭାବନା ରହିଛି। ଏଥିପାଇଁ ୫୩ଟି ପ୍ରସ୍ତାବ ରହିଛି। ସେହିପରି ସାର, ରିଫାଇନାରୀ, ପେଟ୍ରୋକେମିକାଲ୍‌ସ, ରସାୟନ ଓ ପ୍ଲାଷ୍ଟିକ କ୍ଷେତ୍ରରେ ୧,୩୫,୩୦୯,୩୧ କୋଟିର ନିବେଶ ଯେଉଁଥିରେ ନିଯୁକ୍ତି ଆଶା ରହିଛି ୭୩,୨୦୫। ସେହିପରି କ୍ରମାନ୍ୱୟରେ ଲଜିଷ୍ଟିକ୍ ଓ ଭିତ୍ତିଭୂମି କ୍ଷେତ୍ରରେ ୧୯,୧୨୪,୧୦ କୋଟିର ନିବେଶ ସହ ୨୫,୭୩୧ ନିଯୁକ୍ତି, ଶିଳ୍ପପାର୍କ କ୍ଷେତ୍ରରେ ୮୪୩୨କୋଟି ନିବେଶ ସହ ୧୪୧୮୦୦ ନିଯୁକ୍ତି ଆଶା ରହିଛି, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୫୨୨୫, ୯୨ କୋଟି ନିବେଶରେ ୪୧,୬୭୦ ନିଯୁକ୍ତି ଆଶା, ଆଇଟି ଓ ଇଏସ୍‌ଡିଏମ୍ କ୍ଷେତ୍ରରେ ୩୯୧୮୯୫ କୋଟିର ନିବେଶ, ୪୨୩୭୩ ନିଯୁକ୍ତି, ଗ୍ଲାସ କ୍ଷେତ୍ରରେ ୩୩୦୦କୋଟିରେ ୨୩,୪୦୦ ନିଯୁକ୍ତି, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୨୯୧୪୯୫ ନିବେଶ କୋଟିରେ ୩୩୬୫ ନିଯୁକ୍ତିର ସମ୍ଭାବନା ସୃଷ୍ଟି ହୋଇଛି। ଶକ୍ତି ଓ ଅକ୍ଷୟ ଶକ୍ତି କ୍ଷେତ୍ରରେ ୨୦୨୫ କୋଟି ନିବେଶରେ ୧୭୯୧୫ ନିଯୁକ୍ତି, ପ୍ରତିରକ୍ଷା କ୍ଷେତ୍ରରେ ୧୬୫୦ କୋଟିରେ ୧୧୨୦୦ ନିଯୁକ୍ତି, ବୟନ ଓ ପୋଷାକ କ୍ଷେତ୍ରରେ ୫୮୯,୪୦ କୋଟିରେ ୧୮୮୦୫ ନିଯୁକ୍ତି, ପର୍ଯ୍ୟଟନ କ୍ଷେତ୍ରରେ ୨୮୪.୯୮କୋଟି ନିବେଶରେ ୨୪୪୧ ନିଯୁକ୍ତି, ବିଦ୍ୟୁତ ଯାନ କ୍ଷେତ୍ରରେ ୨୦୨.୪୧ କୋଟିରେ ୫୪୨ଜଣଙ୍କର ନିଯୁକ୍ତି ସମ୍ଭାବନା ରହିଛି। ଗବେଷଣା ଓ ଦକ୍ଷତା ବିକାଶରେ ୧୧୦କୋଟି ନିବେଶ ୨୫୦ ଜଣଙ୍କ ନିଯୁକ୍ତି ଆଶା ଓ ବର୍ଜ୍ୟ ବସ୍ତୁ ପରିଚାଳନା କ୍ଷେତ୍ରରେ ୫୨କୋଟିର ନିବେଶ ସହ ୭୫ଜଣଙ୍କର ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ସର୍ବାଧିକ ପୁଞ୍ଜିନିବେଶ କରିବାର ପ୍ରତିଶ୍ରୁତି ଦେଇଥିବା ଶ୍ରେଷ୍ଠ ପାଞ୍ଚଟି କମ୍ପାନୀ ମଧ୍ୟରେ ହଳଦିଆ ପେଟ୍ରୋକେମିକାଲ୍ସ ୭୦ ହଜାର କୋଟି ଟଙ୍କା, ଜେଏସ୍‌ପିଏଲ ୬୦,୯୫୦କୋଟି ଟଙ୍କା, ଏମ୍‌ସିଏଲ ୫୮ ହଜାର କୋଟି ଟଙ୍କା, ତାଇୱାନ ୪୩ ହଜାର କୋଟି ଟଙ୍କା ଓ ସେଲ୍ ୪୧ ହଜାର କୋଟି ଟଙ୍କାର ପୁଞ୍ଜି ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ନାଲ୍‌କୋ ୩୭ ହଜାର ୮୬୧ କୋଟି ଟଙ୍କା, ବେଦାନ୍ତ ୧୫ ହଜାର ୬୭୮ କୋଟି ଟଙ୍କା, ଆଦିତ୍ୟ ବିର୍ଲା ୧୪,୫୦୦ କୋଟି ଟଙ୍କା, ଇଣ୍ଡିଆନ୍ ଅଏଲ ୧୦୨୭୩ କୋଟି ଟଙ୍କା ଓ ଟାଟା ଷ୍ଟିଲ ୧୦ ହଜାର କୋଟି ଟଙ୍କା ନିବେଶର ଆଶା ଦେଖାଇଛନ୍ତି। ଏହି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ଦ୍ୱିତୀୟ ସଂସ୍କରଣରେ ୧୯ଟି ଦେଶ ଓ ୨୧ ରାଜ୍ୟର ୫୦୭୪ ଜଣ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ।

ଭାରତର ଅନ୍ୟତମ ଦ୍ରୁତ ଅଭିବୃଦ୍ଧି ସମ୍ପନ୍ନ ଓ ବିଶାଳ ପ୍ରଗତିର କ୍ଷେତ୍ର ସମ୍ଭାବନା ସୃଷ୍ଟି କରିଥିବା ଆରଏସ୍‌ବି ଟ୍ରାନ୍ସମିସନ କମ୍ପାନୀ ହେଉଛି ନିର୍ଭରଯୋଗ୍ୟ ସର୍ବବୃହତ୍ତ ପ୍ରକଳ୍ପ କ୍ଷେତ୍ର। ଗାଡ଼ି ମୋଟର ଓ ଅଟୋ ଯନ୍ତ୍ରାଂଶ ପ୍ରସ୍ତୁତ କରୁଥିବା ଏହି କମ୍ପାନୀର ଗ୍ରାହକ ତାଲିକାରେ ରହିଛନ୍ତି ଟାଟା ମୋଟର୍ସ, ଅଶୋକ ଲିଲାଣ୍ଡ, ମହେନ୍ଦ୍ରା, ଟେଲକନ୍, ଜନ୍‌ଡିୟର, ଟାଟା କୋମିନସ୍ ପରି ଅନ୍ତରାଷ୍ଟ୍ରୀୟ କମ୍ପାନୀ। ଆରଏସ୍‌ବି ଗ୍ରୁପର ବିଭିନ୍ନ ୟୁନିଟ ଝାଡ଼ଖଣ୍ଡର ଜାମସେଦପୁର, ପୁନା, କର୍ଣ୍ଣାଟକର ଧାରୱାର୍ଡ଼, ଚେନ୍ନାଇ, ଲକ୍ଷ୍ନୌ, ଉତ୍ତରାଖଣ୍ଡର ପନ୍ତନଗର, ଓଡ଼ିଶାରେ କଟକର ଚୌଦ୍ୱାର ଠାରେ ଓ ବିଦେଶରେ ବେଲିଜିୟମ, ଆମେରିକାର ମିଚିଗାନ ଓ ଜର୍ମାନୀରେ ଏହି ସଂସ୍ଥାର ପ୍ରକଳ୍ପ କ୍ଷେତ୍ର ରହିଛି। ଏହାର ଚେୟାରମ୍ୟାନ ଭାବେ ବିଶିଷ୍ଟ ଶିଳ୍ପପତି ରବୀନ୍ଦ୍ର କୁମାର ବେହେରା, ଭାଇସ୍‌ଚେୟାର ମ୍ୟାନ ଓ ଏମ୍‌ଡି ଭାବେ ଶୁଭେନ୍ଦ୍ର କୁମାର ବେହେରା। ଓଡ଼ିଶାର ମାଟି, ପାଣି, ପବନ ଓ ରାଜ୍ୟର ବ୍ୟାପକ ଶିଳ୍ପ ବିକାଶ ସହ ସମଗ୍ର ଭାରତରେ ନିଜ ପ୍ରକଳ୍ପର କର୍ମକ୍ଷେତ୍ର ସୃଷ୍ଟି କରିଥିବା ଏହି ବିଶାଳ ହୃଦୟର ବ୍ୟକ୍ତିତ୍ୱ ସବୁବେଳେ ଦେଶ, ରାଜ୍ୟ ଓ ନିଜ କର୍ମଚାରୀଙ୍କ ସାମଗ୍ରୀକ ପ୍ରଗତିକୁ ପ୍ରାଥମିକତା ଦେଇଥାନ୍ତି। ତାଙ୍କ ନିଷ୍ଠାପର ଓ ଆଦର୍ଶଣୀୟ ବ୍ୟକ୍ତିତ୍ୱର ସହଯୋଗିତାରେ ବିଶେଷକରି ଝାଡ଼ଖଣ୍ଡର ଟାଟା ନଗରରେ ପ୍ରବାସୀ ଓଡ଼ିଆ ମାନଙ୍କ ସାମଗ୍ରୀକ ବିକାଶ ଓ ସେହି ରାଜ୍ୟର ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଯେଉଁ ଆଦର୍ଶ ଓ ନିଃସ୍ୱାର୍ଥପର କର୍ମ ସଂସ୍କୃତିର ପରମ୍ପରା ସୃଷ୍ଟି କରିଛନ୍ତି ତାହା ଭାରତର ଅନ୍ୟ ଶିଳ୍ପ ସଂସ୍ଥା ପାଇଁ ନିଶ୍ଚିନ୍ତ ଭାବରେ ଆଦର୍ଶର ଆଲୋକବର୍ତ୍ତିକା। ସରଳ ଜୀବନ ଅଥଚ ବିଶାଳ ଶିଳ୍ପପ୍ରଗତିର ଅଭିବୃଦ୍ଧି ଚିନ୍ତନକୁ ଏହି ଶିଳ୍ପ ସଂସ୍ଥାନ ତାଙ୍କ କର୍ତ୍ତବ୍ୟ ପରାୟଣତାରେ ପ୍ରତିପାଦନ କରିଛନ୍ତି। ଭୁବନେଶ୍ୱରରେ ଅନୁଷ୍ଠିତ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭରେ ଯୋଗ ଦେଇଥିଲେ ଆରଏସ୍‌ବି ଗ୍ରୁପ୍‌ର ରବୀନ୍ଦ୍ର କୁମାର ବେହେରା। ନିଶିତ ବେହେରା ସଭା ପରିଚାଳନା କରିଥିଲେ। ସ୍ୱଳ୍ପ ପୁଞ୍ଜିରେ ସତୁରୀ ଦଶକରେ ଆରମ୍ଭ ହୋଇଥିବା ଆଜିର ଏହି ଆରଏସ୍‌ବି ଶିଳ୍ପ ସଂସ୍ଥାଟି କେବଳ ଭାରତ ବର୍ଷ ନୁହେଁ ସମଗ୍ର ବିଶ୍ୱ ବଜାରର ଗାଡ଼ି ମୋଟରର ଯନ୍ତ୍ରାଂଶ ନିର୍ମିତ ଗୁଣାତ୍ମକ ସୃଷ୍ଟିର ସଂସ୍ଥା।

ଭୁବନେଶ୍ୱରରେ ଶିଳ୍ପ ମହାକୁମ୍ଭ ଭିତରେ ଅନେକ ଶିଳ୍ପପତିମାନେ ଓଡ଼ିଶାରେ ସେମାନଙ୍କ ସମ୍ପର୍କର ସ୍ମୃତି ଚାରଣ ଭିତରେ କିମ୍ବଦନ୍ତୀ ଜନନାୟକ ବିଶାଳ ହୃଦୟର କୋଟି ଓଡ଼ିଆଙ୍କ ମଉଡମଣି ବିଜୁ ପଟ୍ଟନାୟକଙ୍କ ସମ୍ପର୍କ ବିଷୟରେ କହିବା ପାଇଁ କେହି ଭୁଲି ନଥିଲେ। ସର୍ବପ୍ରଥମେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ତାଙ୍କ ଅଭିଭାଷଣରେ ବାପା ଧୀରୁ ଭାଇ ଅମ୍ବାନୀଙ୍କର ବିଜୁ ବାବୁଙ୍କ ସହ ଥିବା ନିବିଡ଼ ଓ ବ୍ୟକ୍ତିଗତ ସମ୍ପର୍କରେ ସ୍ମୃତିଚାରଣ କରି ଏହି ଦୁଇଜଣଙ୍କ ବିଶାଳ ହୃଦୟ ତାଙ୍କୁ ଉଦ୍‌ବୁଦ୍ଧ କରିଛି। ସେହିପରି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡର ଅଧ୍ୟକ୍ଷ ନବୀନ ଜିନ୍ଦଲ ତାଙ୍କ ବାପା ପ୍ରଖ୍ୟାତ ଶିଳ୍ପପତି ଓ.ପି.ଜିନ୍ଦଲଙ୍କ ବିଜୁ ବାବୁଙ୍କ ସମ୍ପର୍କର ନିବିଡ଼ତା ଭିତରେ କହିଥିଲେ ତିରିଶ ବର୍ଷ ପୂର୍ବେ ବିଜୁ ବାବୁ ତାଙ୍କ ବାପାଙ୍କୁ ଓଡ଼ିଶାରେ ଏକ ନିୟୁତ ଟନ୍ କ୍ଷମତାର ଏକ ଇସ୍ପାତ ଶିଳ୍ପ କରିବାକୁ ପ୍ରସ୍ତାବ ଦେଇଥିଲେ। ସେତେବେଳେ ନବୀନ ଜିନ୍ଦଲ ଆମେରିକାରେ ପାଠ ପଢୁଥିଲେ। ଯଦିଓ ବିଜୁବାବୁଙ୍କ ସେ ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରି ନଥିଲା ପନ୍ଦର ବର୍ଷ ପରେ ଏବେ ଛଅ ନିୟୁତ ଟନ୍ କ୍ଷମତାର ଇସ୍ପାତ ପ୍ରକଳ୍ପ ଓଡ଼ିଶାରେ ଜିନ୍ଦଲ ଗ୍ରୁପ୍ କରିଛି। ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ ବିଜୁ ବାବୁଙ୍କୁ ମନେପକାଇ ନିଜକୁ ଜଣେ ଗର୍ବିତ ଓଡ଼ିଶା ମାଟିର ପୁଅ ବୋଲି କହିଥିଲେ। ୧୯୯୪ରେ ବିଜୁ ବାବୁଙ୍କୁ ଭେଟିବା ପରେ ସମ୍ପର୍କ ଘନିଷ୍ଠ ହୋଇଥିଲା। ବିଜୁବାବୁ ତାଙ୍କ ଘରେ ଅଗ୍ରୱାଲଙ୍କୁ ଡାକି ପଛୁଆ କଳାହାଣ୍ଡି ଜିଲ୍ଲାର ବିକାଶ କଥା କହିଥିଲେ। ବେଦାନ୍ତ ଆଜି କଳାହାଣ୍ଡିରେ ପ୍ରକଳ୍ପ କରି ଏହି ଜିଲ୍ଲାରେ ବିକାଶର ପ୍ରମୁଖ ଭାଗିଦାର ସାଜିଛି। ରାଜ୍ୟରେ ବ୍ୟାପକ ବିକାଶ ପାଇଁ ଏହି ଶିଳ୍ପ ମହାକୁମ୍ଭ ନିଶ୍ଚିନ୍ତ ଦ୍ରୁତ ଅଭିବୃଦ୍ଧି ପାଇଁ ସହାୟକ ହେବ ଏହା ହିଁ କାମନା। ଓଡ଼ିଶା ପୂର୍ବଭାରତର ବିନିର୍ମାଣ ହବ୍ ହେବାକୁ ଯାଉଥିବାବେଳେ ନିବେଶକ ମାନଙ୍କ ଆସ୍ଥା ଓ ବିଶ୍ୱାସ ଏହାକୁ ଆଗକୁ ନେବ। ସରକାର ଭିଜନ ୨୦୨୫ରେ ବିନିର୍ମାଣ କ୍ଷେତ୍ରରେ ଯେଉଁ ୨୫୦ଲକ୍ଷ କୋଟିର ନିବେଶ ସହ ୩୦ଲକ୍ଷ ନୂଆ ନିଯୁକ୍ତି ସମ୍ଭାବନାର ଆଶା ରଖିଛନ୍ତି ତାହା ମଧ୍ୟ ସଫଳ ହେବ।


*ପୁରୁଣା ସୋନାରୀ, ଜାମସେଦପୁର*
*ମୋ : ୭୪୮୮୯୯୮୫୩୨*


# ଦୁର୍ଘଟଣା ପ୍ରବଣ ସଡ଼କ




ଅଲେଖ ଚନ୍ଦ୍ର ସାମଲ
ଓଏଫଏସ୍-୧


ମହାନଦୀର ଅଭାବନୀୟ ଘଟଣାକ୍ରମରେ ଜଗନ୍ନାଥ ନାମକ ବସ୍ ଦୁର୍ଘଟଣା ଗ୍ରସ୍ତ ହୋଇ ଦଶଜଣଙ୍କ ଜୀବନ ନେଇଛି। ଏହା ଯେତିକି ମର୍ମନ୍ତୁଦ ତତୋଧିକ ଦୁଃଖଦାୟକ। ପ୍ରତିବର୍ଷ ନିୟମିତ ଭାବେ ବସ୍ ଦୁର୍ଘଟଣା ଗ୍ରସ୍ତ ହେଉଛି। ପ୍ରତିବର୍ଷ ପୃଥିବୀରେ ପାଖାପାଖି ୧୨ଲକ୍ଷ ଲୋକଙ୍କ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜୀବନ ଦୀପ ନିର୍ବାପିତ ହେଉଛି। ସବୁଠୁ ଦୁଃଖଦ କଥା ହେଉଛି ଏମାନଙ୍କ ଭିତରୁ ଅଧିକାଂଶ ହେଉଛନ୍ତି ଯୁବବର୍ଗ। ଏହି ଭୟାବହ ସଡ଼କ ଦୁର୍ଘଟଣା ଅନେକଙ୍କୁ ସାରା ଜୀବନ ପାଇଁ ଭିନ୍ନକ୍ଷମ କରିଦେଉଛି। ବର୍ତ୍ତମାନ ସଡ଼କ ଦୁର୍ଘଟଣାକୁ ଏକ ପ୍ରକାର ମହାମାରୀ ବ୍ୟାଧି କହିଲେ ଅତ୍ୟୁକ୍ତି ହେବନାହିଁ। ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ଦୃଷ୍ଟିରୁ ଭାରତ ବିଶ୍ୱରେ ଦୁଇ ନମ୍ବର। ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ଚୀନ୍‌ରେ ସର୍ବାଧିକ। ତେବେ ବିଡ଼ମ୍ବନାର ବିଷୟ ହେଲା, ଚୀନ୍‌ରେ ବର୍ଷକୁ ବର୍ଷ ଦୁର୍ଘଟଣା ସଂଖ୍ୟା କମି ମୃତ୍ୟୁ ସଂଖ୍ୟା ହ୍ରାସ ପାଇଚାଲିଛି । ଅଥଚ, ଭାରତରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ଲାଗାତାର ବର୍ଷକୁ ବର୍ଷ ବୃଦ୍ଧି ପାଉଛି । ଭାରତରେ ୨୦୦୬ରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ଥିଲା ୧ ଲକ୍ଷ ୫ ହଜାର । ୨୦୧୨ ବେଳକୁ ତାହା ବୃଦ୍ଧି ପାଇଁ ୧ଲକ୍ଷ ୪୦ ହଜାରରେ ପହଞ୍ଚିଛି । ଗୋଟିଏ ପକ୍ଷରେ ଅର୍ଥନୈତିକ ଅଭିବୃଦ୍ଧି ସହ ଯାନବାହାନ ସଂଖ୍ୟା ବୃଦ୍ଧି ପାଇ ଚାଲିଛି, କିନ୍ତୁ ଅନ୍ୟ ପକ୍ଷରେ ତା ସହ ତାଳ ଦେଇ ରାସ୍ତା ଅବସ୍ଥାରେ ଉନ୍ନତି ହେଉନାହିଁ କି ସଡ଼କ ସୁରକ୍ଷା ନେଇ ସଚେତନତା ସ୍ତର ମଧ୍ୟ ବଢୁ ନାହିଁ । ପରିଣତି ସ୍ୱରୂପ ଦୁର୍ଘଟଣା ଏବଂ ତଦ୍‌ଜନିତ ମୃତାହତଙ୍କ ସଂଖ୍ୟା ବଢ଼ି ଚାଲିଛି । ସଡ଼କ ସୁରକ୍ଷା ପ୍ରସଙ୍ଗରେ ରାସ୍ତାର ଅବସ୍ଥା ସଚେତନତା ଓ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ନିର୍ଣ୍ଣାୟକ। ଜନସଂଖ୍ୟା ଅନୁପାତରେ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ଦୃଷ୍ଟିରୁ ୟୁରୋପ ସହ ଭାରତକୁ ତୁଳନା କଲେ ଏହା ସ୍ପଷ୍ଟ ଜଣାପଡ଼େ । ୟୁରୋପରେ ୧ ଲକ୍ଷ ଜନସଂଖ୍ୟାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୦ ଥିବା ବେଳେ ଭାରତରେ ଏହା ୧୮ରୁ ଅଧିକ । ଭାରତୀୟ ସଡ଼କରେ ଅଧିକ ଜୀବନ ହାନି ଘଟେ, ଏଥିପାଇଁ ଯେ ଏଠାରେ ୟୁରୋପ ତୁଳନାରେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଏହା ସହିତ ଅଧିକାଂଶ ସହରରେ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ଏବଂ ଲୋକଙ୍କ ମଧ୍ୟରେ ନିୟମ ନ ମାନିବାର ପ୍ରବଣତା ସମସ୍ୟାକୁ ସାଂଘାତିକ ରୂପ ଦେଇଛି। ରାସ୍ତା ଡ଼ିଜାଇନ୍ ଏବଂ ନିର୍ମାଣରେ ତ୍ରୁଟି ଯୋଗୁଁ ମଧ୍ୟ ଅନେକ ସ୍ଥାନର ରାସ୍ତା ଅସ୍ୱାଭାବିକ ଭାବେ ଦୁର୍ଘଟଣା ପ୍ରବଣ ହୋଇ ପଡ଼ିଛି । ଓଡ଼ିଶାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁହାର ୪୧ ପ୍ରତିଶତ ଥିବାବେଳେ ଜାତୀୟ ହାର ୩୨ ପ୍ରତିଶତ ରହିଛି। ସମଗ୍ର ଦେଶରେ ବର୍ଷକୁ ଦେଢ଼ଲକ୍ଷଙ୍କ ଜୀବନ ହାନୀ ହେଉଥିବାବେଳେ ଓଡ଼ିଶାରେ ବର୍ଷକୁ ପାଖାପାଖି ୫ହଜାର। ୨୦୧୫ରେ ସମଗ୍ର ଦେଶରେ ୪ଲକ୍ଷ ୬୪ହଜାର ସଡ଼କ ଦୁର୍ଘଟଣା ଘଟିଥିଲା। ଏଥିରେ ୧ଲକ୍ଷ ୪୮ହଜାର ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪ଲକ୍ଷ ୮୨ ହଜାର ଆଘାତ ପ୍ରାପ୍ତ ହୋଇଥିଲେ। ଏହି ବର୍ଷ ଓଡ଼ିଶାରେ ୧୦୫୪୨ଟି ଦୁର୍ଘଟଣା ଘଟିଥିଲା ଯେଉଁଥିରେ ୪୩୦୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୦୪୦୬ଜଣ ଆହାତ ହୋଇଥିଲେ। ସମଗ୍ର ବିଶ୍ୱରେ ସଡ଼କ ଦୁର୍ଘଟଣା ନିୟନ୍ତ୍ରଣ କରିବା ଦିଗରେ ବିଭିନ୍ନ ରାଷ୍ଟ୍ର କିଛି ସ୍ୱତନ୍ତ୍ର ଉପାୟ କାର୍ଯ୍ୟକାରୀ କରୁଛନ୍ତି ଯଥା ଘାନାପରି ଏକ ଛୋଟିଆ ରାଷ୍ଟ୍ର ଗତି ନିୟନ୍ତ୍ରଣ ନିମନ୍ତେ ହମ୍ପସ ନିର୍ମାଣ କରି ୩୫ ପ୍ରତିଶତ ଦୁର୍ଘଟଣା କମାଇପାରିଛି। ଅଷ୍ଟ୍ରେଲିଆରେ ମାଦକ ଦ୍ରବ୍ୟ ସେବନ କରି ଗାଡ଼ି ଚଳାଇବା ଉପରେ କଟକଣା ଲାଗୁ କରାଯିବା ପରେ ସେଠାରେ ୪୦ ପ୍ରତିଶତ ଦୁର୍ଘଟଣାଜନିତ ମୃତ୍ୟୁ କମିଥିବା ଜଣାପଡ଼ିଛି। ଏହି କ୍ରମରେ କୋରିଆରେ ସିଟ୍ ବେଲ୍‌ଟ ମାଧ୍ୟମରେ ମୃତ୍ୟୁହାର ୫୯ ପ୍ରତିଶତ କମାଯାଇଥିବା ବେଳେ ଥାଇଲାଣ୍ଡରେ ହେଲମେଟ ଦ୍ୱାରା ୬୦ ପ୍ରତିଶତ ମୃତ୍ୟୁହାର କମାଯାଇପାରିବ, ତେଣୁ ସଚେତନତା ମାଧ୍ୟମରେ ଏହି ଦୁର୍ଘଟଣାକୁ କମାଯାଇପାରିବ।

ତେଣୁ ଦୁର୍ଘଟଣା ସଂଖ୍ୟା କମାଇବା ପାଇଁ ରାସ୍ତାର ଉନ୍ନତି ଯେତିକି ଆବଶ୍ୟକ ସଡ଼କ ସୁରକ୍ଷା ସଚେତନତା ଏବଂ ଟ୍ରାଫିକ ନିୟମ ପାଳନ ତା ଠାରୁ ଅଧିକ ଜରୁରୀ । ସଡ଼କ ଦୁର୍ଘଟଣା ବିଷୟ ଆଲୋଚନା ବେଳେ ସାମୂହିକ ଭାବେ ଦେଶର ଅର୍ଥନୀତି ଏବଂ ନିର୍ଦ୍ଦିଷ୍ଟ ଭାବେ ଦୁର୍ଘଟଣାରେ ମୃତାହତଙ୍କ ପରିବାରର ଆର୍ଥିକ ସ୍ଥିତି ଉପରେ ଏହାର ପ୍ରତିକୂଳ ପ୍ରଭାବକୁ ଅଣଦେଖା କରାଯାଇନପାରେ । ଦୁର୍ଘଟଣା ଯୋଗୁଁ ସାମୂହିକ ଭାବେ ଦେଶ ପାଇଁ କ୍ଷତିର ପରିମାଣ ବାର୍ଷିକ ପ୍ରାୟ ୫୫ ହଜାର କୋଟି ଟଙ୍କା । ଏହା ଜିଡ଼ିପିର ୩ ପ୍ରତିଶତ। ତେବେ ଦେଶ ପାଇଁ ଅର୍ଥନୈତିକ ଦୃଷ୍ଟିରୁ ଏ ବିପୁଳ କ୍ଷତି ଠାରୁ ମୃତାହତଙ୍କ ପରିବାର ପାଇଁ କ୍ଷତିର ପରିମାଣ ବହୁଗୁଣ ଅଧିକ। ଦୁର୍ଘଟଣାର ଶିକାର ଅନେକ ବ୍ୟକ୍ତିଙ୍କ ପରିବାର ଉଚ୍ଛନ୍ନ ହୋଇଯାଆନ୍ତି। କେତେକ କ୍ଷେତ୍ରରେ ଆହତଙ୍କ ଚିକିତ୍ସା ଖର୍ଚ୍ଚର ବୋଝ ସଂପୃକ୍ତ ପରିବାରକୁ ତଳିତଳାନ୍ତ କରି ଦେଉଛି । ଅନ୍ୟ କେତେକ କ୍ଷେତ୍ରରେ ଆହତ ବ୍ୟକ୍ତି ସ୍ଥାୟୀ ଭାବେ ଶାରୀରିକ ଅକ୍ଷମ ହୋଇ ପରିବାର ପାଇଁ ବୋଝ ସାଜୁଛନ୍ତି । ରାସ୍ତା ଅବସ୍ଥାରେ ଉନ୍ନତି, ଉନ୍ନତ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା ପ୍ରତି ପ୍ରାଥମିକତା ଦିଆଯାଉ। କିନ୍ତୁ ଯାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତା ହେଲା ସଡ଼କ ସୁରକ୍ଷା ନେଇ ଜନ ସଚେତନତା ଏବଂ ସତର୍କତା। ବାଧ୍ୟବାଧକତାର ନୁହେଁ, ସ୍ୱଇଚ୍ଛାରେ ଟ୍ରାଫିକ୍ ନିୟମ ପାଳନ କରି ପ୍ରତ୍ୟେକ ନାଗରିକ ଦୁର୍ଘଟଣା ସଂଖ୍ୟା କମାଇବାରେ ନିଜର ଯୋଗଦାନ ଦେଇ ପାରିବେ ।


*ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର*
*ମୋ : ୯୪୩୭୨୫୭୧୨୩*


# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୩୩

*"ସଂସାରର ସୁଖ ଛାଡ଼ିଣ କିମ୍ପାଇ*
*ଯୋଗୀ ଯେ ତୁମ୍ଭେ ହୋଇଲ।*
*ଆସ ତୁମ୍ଭେ ଆମ୍ଭେ ପୀରତି କରିବା*
*ମୋର ଚିତ୍ତକୁ ମୋହିଲ ॥"*

ତହିଁପର ଦିନ ପ୍ରାତଃରୁ ହାଡ଼ିପା କହିଲେ- ବସ୍ ଗୋବିନ୍ଦ, ମା'ଭୈରବୀଙ୍କ ମନ୍ଦିରର ପଶ୍ଚାତ୍‌ଭାଗରେ ବହି ଯାଉଥିବା ଝରଣାଜଳରେ ସ୍ନାନସାରି ମା'ଙ୍କର ଆଶୀର୍ବାଦ ଭିକ୍ଷା କର। ତାପରେ ଆମେ ଯାତ୍ରା ଆରମ୍ଭ କରିବା। ଗୁରୁଙ୍କ ବଚନ ଶୁଣି ଗୋବିନ୍ଦ ଝରଣାରେ ସ୍ନାନକରିବା ପାଇଁ ଚାଲିଗଲେ। ଝରଣାରେ ବୁଡ଼ପକାଇ ବାହାରିବା ବେଳକୁ ଦେଖିଲେ ଜଣେ ଅତ୍ୟନ୍ତ ସୁନ୍ଦରୀ ଯୁବତୀ ଝରଣାକୂଳରେ ତାଙ୍କୁ ଚାହିଁ ବସିଛନ୍ତି ! ଗୋବିନ୍ଦ ସେଇ ବାଟ ଦେଇ ଫେରୁଥିବା ବେଳେ ଗୋବିନ୍ଦଙ୍କୁ ନିକଟରେ ପାଇ ଯୁବତୀ କହିଲେ, ହେ'ସ୍ୱାମୀ, ମୋ କଥା ଟିକେ ଶୁଣ। ତୁମ କନ୍ଦର୍ପ ରୂପ ଦେଖି ତୁମକୁ ବିବାହ କରିବା ପାଇଁ ମନ ବଳାଇଛି। ତୁମେ ମୋତେ ପତ୍ନୀରୂପେ ଗ୍ରହଣ କର। ମନମୋହନ ରୂପ ଧରି ଜନ୍ମିଛ। ସଂସାରସୁଖ ଛାଡ଼ି ଯୋଗୀବେଶ କ'ଣ ପାଇଁ ଧରିଲ ମୋତେ ବୁଝାଇ କହ। ତୁମ ଭଳି ସୁପୁରୁଷ ଯୋଗପଥ ପାଇଁ ଅଯୋଗ୍ୟ। ନାରୀ ମନୋହାରି ରୂପକାନ୍ତି ଦେଖି କେଉଁ ଯୁବତୀ ବା ସମ୍ଭାଳ ଧରିବ! ମୋର ସେଇ ଅବସ୍ଥା,ଯାହା ନାରୀମାନେ ମୁଖରେ ପ୍ରକାଶ କରିପାରନ୍ତି ନାହିଁ! ତୁମେ ମୋତେ ପତ୍ନୀ ଭାବରେ ସ୍ୱୀକାର କର। ଏଇ ନିର୍ଜନ ବଣମୂଳକରେ କେହି ଦେଖିବାକୁ ନାହିଁ। ଆସ ଆମେ ପୀରତିରେ ମଜ୍ଜିଯିବା। ଏପରି ପ୍ରଲୋଭିତ ବାକ୍ୟ ଶ୍ରବଣ କରି ଗୋବିନ୍ଦ ଯୁବତୀର ହସ୍ତ ଛିଟାଂଡ଼ି ଚାଲିଗଲେ। ଓଦାବସ୍ତ୍ରରେ ମା'ଭୈରବୀଙ୍କ ପୟରରେ ପଡ଼ି କଲ୍ୟାଣ ମାଗିଲେ। ତହିଁପରେ ଗୁରୁଙ୍କ ନିକଟରେ ପହଚିଂଲେ। ଗୋବିନ୍ଦଙ୍କ ପଶ୍ଚାତ୍‌ଧାବନ କରି ଯୁବତୀଟି ହାଡ଼ିପାଙ୍କ ନିକଟରେ ପହଚିଂ କହିଲା, ହେ'ଗୁରୁ, ଝରଣାଜଳରେ ମୁଁ ଗାଧୋଉଥିବା ବେଳେ ଓଦାବସ୍ତ୍ରରେ ମୋର ରୂପକାନ୍ତି ଦେଖି ତୁମ ଶିଷ୍ୟ ମୋତେ ବିବାହ ପ୍ରତିଶ୍ରୁତି ଦେଲେ। ହାତଗଣ୍ଠି ନ ପଡ଼ଣୁ କୋଉ ସତୀନାରୀ ଅବା ଦେହଦାନ କରିଦେବ! ସେ ମୋତେ ବାଧ୍ୟ କରି ଅସଦାଚରଣ ପ୍ରଦର୍ଶନ କରିଛନ୍ତି। ମୋର ନାରୀଜୀବନରେ କଳଙ୍କ ଲାଗିଲା। ଅତି ଦୁଃଖରେ ମୋର ଚକ୍ଷୁରୁ ଅଶ୍ରୁଧାର ବନ୍ଦ ହେଉ ନାହିଁ। ଏବେ ନ୍ୟାୟ ପାଇବା ଆଶାରେ ତୁମ ନିକଟକୁ ଆସିଛି। ଯଦି ତୁମ ଶିଷ୍ୟ ମୋତେ ବିବାହ ନ କରନ୍ତି, ତେବେ ଫଳ ବଡ଼ ଭୟଙ୍କର ହେବ! ଏଇ ଭୈରବୀପୀଠ କମ୍ପମାନ ହେବ। ସେଇ କମ୍ପନରେ ତୁମେ ଗୁରୁଶିଷ୍ୟ ଦୁହେଁ ମୃତ୍ୟୁ ମୁଖରେ ପଡ଼ିବ!

ଯୁବତୀର ବାକ୍ୟ ଶ୍ରବଣ କରି ହାଡ଼ିପା ଚିନ୍ତିତ ହୋଇ ପଡ଼ିଲେ! ମନରେ ଭାଳିହେଲେ, ସ୍ୱର୍ଗର ଅପ୍‌ସରା ସର୍ବସୁନ୍ଦରୀ ବନଚାରୀ କକ୍ଷରେ ରହି ଗୋବିନ୍ଦ ଯେଉଁ ସଂଯମତା ପ୍ରାପ୍ତ ହୋଇଛି, ତାହାକୁ ଅନ୍ୟକେହି ଟଳାଇ ପାରିବେ ନାହିଁ। ତେବେ ଏଇ ଯୁବତୀ କିଏ! କାହିଁକି ଏପରି ଜାଲ ବିଛାଇଲା? ହାଡ଼ିପା ଗୋବିନ୍ଦଙ୍କ ମୁଖକୁ ଚାହିଁବାରୁ ଗୋବିନ୍ଦ କହିଲେ ଗୁରୁଦେବ, ସେପରି ନିନ୍ଦିତ କର୍ମ କିଛି କରି ନାହିଁ। ଏଇ ମା' ଭ୍ରମରେ ପଡ଼ି ଏପରି କହୁଛନ୍ତି। ଏଇ ମା' ମନ୍ଦିର ପଛଭାଗରେ ଥାଇ ମୋର ହାତ ଧରି ପକାଇଲେ। କହିଲେ, ତୁମକୁ ବିବାହ କରିବି। ମା' ସାଙ୍ଗରେ ପୁତ୍ରର କେବେ ବିବାହ ହୋଇଥିବା ସେ ଜାଣିଛନ୍ତି କି? ଏତକ କହି ଗୋବିନ୍ଦ ସେଇ ଯୁବତୀର ପାଦତଳେ ପଡ଼ିଗଲେ। ସାଷ୍ଟାଙ୍ଗେ ପ୍ରଣିପାତ କରି ଉଠିବା ବେଳକୁ ଦେଖିଲେ ଯୁବତୀ ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି! ଗୋବିନ୍ଦ ଚକିତ ନୟନରେ ଗୁରୁଙ୍କ ମୁଖକୁ ଚାହିଁଲେ! ହାଡ଼ିପା କହିଲେ, ତୁମେ ଧନ୍ୟ ହୋଇଗଲ ଗୋବିନ୍ଦ। ଭୈରବୀରୂପୀ ମା'ବନଦୁର୍ଗା ତୁମର ଅମରପଥକୁ କୁସୁମିତ କରିବା ଉଦ୍ଦେଶ୍ୟରେ ପରୀକ୍ଷଣ କରୁଥିଲେ। ତୁମେ ସେଥିରେ ଉତୀର୍ଣ୍ଣ ହୋଇଛ ଗୋବିନ୍ଦ! ଶିବଙ୍କ ଦରବାରରେ ତୁମର ଶୁଭବିଚାର ମା'ଅବଶ୍ୟ କରିବେ। ହେ'ଗୋବିନ୍ଦ, ଏ ଜଗତର ଶ୍ରେଷ୍ଠ ଆକର୍ଷଣ କାମନା! ସେଇ କାମନା ଭିତରେ ଅତିଶୟ ଦୁଃଖ ଭୋଗୁଥିବା ମନୁଷ୍ୟ କାମନାକୁ ତ୍ୟାଗ କରି ପାରନ୍ତି ନାହିଁ। ଅନେକ ମନୁଷ୍ୟ ଭାବନ୍ତି ମଦ୍ୟ ଓ ନାରୀ ସୁଖର ଗନ୍ତାଘର। ମାତ୍ର ତାହା ଓଲଟ ଫଳବୃକ୍ଷ ଯାହା ଅକାଳମୃତ୍ୟୁର କାରଣ ହୋଇଥାଏ। ସୂର୍ଯ୍ୟ ଆସିବା ପରେ ଅନ୍ଧକାର ଆପଣାଛାଏଁ ଚାଲିଯିବା ପରି କାମନାର ବିନାଶ ପରେ ସୁଖ ଆପଣାଛାଏଁ ଆସିଥାଏ। ସୁଖ ହେଉ ଅବା ଦୁଃଖ ମନୁଷ୍ୟ ନିଜସ୍ୱ ବୁଦ୍ଧି ବୃତ୍ତିର ଫଳ ନିଜେ ଭୋଗ କରିଥାଏ! ଈଶ୍ୱର ଦେଇଥିବା ବୁଦ୍ଧିକୁ ଯିଏ ଯେପରି କର୍ମରେ ଲଗାନ୍ତି, ସେପରି ଫଳ ଭୁଞ୍ଜନ୍ତି! ତୁମେ ଅମରତ୍ୱ ଦିଗରେ ଗତି କରୁଥିବାରୁ ଦେବାଦେବୀ ତୁମ ପରୀକ୍ଷଣ ନେବା ପାଇଁ ବାଟଘାଟ ଓଗାଳୁଛନ୍ତି। ଅନେକ ନାରୀ ତୁମର ସଂଯମ ଆଚରଣକୁ ନଷ୍ଟଭ୍ରଷ୍ଟ କରିବା ନିମନ୍ତେ ସାମନାକୁ ଚାଲି ଆସିବେ। ମୋକ୍ଷପଥରେ ଗତି କରୁଥିବା ମନୁଷ୍ୟଙ୍କୁ କାମନା ସର୍ବଶ୍ରେଷ୍ଠ ପ୍ରତିବନ୍ଧକ। ନାରୀମାୟା ଯୋଗମାୟାଙ୍କ ପ୍ରୟୋଗାତ୍ମକ ବିଦ୍ୟା ଯାହା ସାଧନାପଥକୁ ଅନ୍ଧକାର କରିଦିଏ!

ହାଡ଼ିପା ହର୍ଷିତ ବଦନରେ ପୁଣି କହିଲେ- ହେ'ବସ୍ସ, ତୁମର ସର୍ବ ଶୁଭଲକ୍ଷଣ ଦେଖି ତୁମମାତା ମୁକ୍ତାଦେଈଙ୍କର ଇଚ୍ଛାପୂରଣ ହୋଇଛି ବୋଲି ମୋର ହୃଦ୍‌ବୋଧ ହୋଇଛି! ତୁମ ମୃତ୍ୟୁବେଳାର ତିଥି ବାର ସେ ମୋତେ ସୂଚାଇ ଦେଇଛନ୍ତି। ସେଇ ସମୟ ପୂର୍ବରୁ ତୁମେ ଯୋଗପଥରେ ଦ୍ରୁତଗତିରେ ଧାବିତ ହୁଅ! ଏଇ ମାୟାଜଗତରେ ମୃତ୍ୟୁ ତ ବାରମ୍ବାର ଆସେ, ମାତ୍ର ମୋକ୍ଷପ୍ରାପ୍ତି ଥରଟିଏ ଆସିଥାଏ! ସ୍ଥୂଳଶରୀରରୁ ଆତ୍ମା ମୁକ୍ତହେବାର ଉପାୟ ସାଧନା! ସତ୍ୟସାଧନା ବଳରେ ଇଚ୍ଛାମୃତ୍ୟୁ, ଇଚ୍ଛାଜନ୍ମ ପ୍ରାପ୍ତିର ନାମ 'ମୋକ୍ଷ'! ମହାବିଷ୍ଣୁଙ୍କ କରୁଣାରୁ ମୋକ୍ଷପ୍ରାପ୍ତ ହେବା ପରେ ତାଙ୍କରି ବିଶ୍ୱକର୍ମ ପାଇଁ ଶୁଦ୍ଧଆତ୍ମାଗଣ ଇଚ୍ଛା କରି ଜନ୍ମ ହୋଇଥାନ୍ତି! ପୁଣି କର୍ମ ସରିଲେ ଇଚ୍ଛାମତେ ଶରୀର ତ୍ୟାଗ କରି ଶୂନ୍ୟରେ ବିଚରଣ କରିଥାନ୍ତି! ଯମ ଯନ୍ତ୍ରଣାରୁ ପାର ହୋଇ ମହାଆନନ୍ଦରେ ଭିନ୍ନଭିନ୍ନ ଲୋକ ଭ୍ରମଣ କରନ୍ତି! ଯେଉଁ ଆତ୍ୟନ୍ତିକ ସୁଖ ପାଇଁ ତୁମେ ଅତିଶୟ ଦୁଃଖ ଭୋଗ କରୁଛ, ତାହା ରୂପାନ୍ତର ପ୍ରକ୍ରିୟାର ଦୁଃଖଯାତନା! ଭୋକଶୋଷର ଦୁଃଖମୟ ସଂସାରରୁ ତୁମକୁ ଉର୍ଦ୍ଧ୍ୱକୁ ଉଠାଇ ନେବା ନିମନ୍ତେ ମୋର ସକଳ ପ୍ରୟାସ ଜାରି ରହିଛି। ଏବେ ଆସ, ଆମେ ମାଳବଦେଶ ଅଭିମୁଖେ ଯାତ୍ରା ଆରମ୍ଭ କରିବା। ହରି ଓଁ ସତ୍!

*ଦୂରଭାଷ-୯୬୬୮୬୩୧୨୫୭*

# ପିଲାଙ୍କ ଦୁନିଆ






ସାନ୍ଭି ସାହୁ
ଷ୍ଟାଣ୍ଡାର୍ଡ-୨
କେମ୍ବ୍ରିଜ୍ ସ୍କୁଲ, ମୁମ୍ବାଇ



ସୋନାଲ ସାହୁ
ଷ୍ଟାଣ୍ଡାର୍ଡ-୭
କେମ୍ବ୍ରିଜ୍ ସ୍କୁଲ, ଠାକୁର କମ୍ପ୍ଲେକ୍ସ, ମୁମ୍ବାଇ

# ଅଭିଶପ୍ତ ସଂଧ୍ୟା



ମମତା ରଣସିଂହ



ହୁଏତ ଆଉ କିଛି ସମୟର ବ୍ୟବଧାନ ପରେ
ସମସ୍ତେ ପହଞ୍ଚିଥାନ୍ତେ ନିର୍ଦ୍ଦିଷ୍ଟ ସ୍ଥାନରେ
ତା'ପରେ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତେ।
ବିଧିର ବିଧାନ କିନ୍ତୁ ଥିଲା ସମ୍ପୂର୍ଣ୍ଣ ଭିନ୍ନ
ଯମ ପରି ମାଡି ଆସିଲା କଳା ମଇଁଷିଟେ
ଯିଏ କି କାଳର ଫାଶ ଧରି ଠିଆ ହୋଇଥିଲା
କିଛି କ୍ଷଣରେ ଓଲଟପାଲଟ ହୋଇଗଲା ସବୁକିଛି
ସେଦିନର ସେହି ଅଭିଶପ୍ତ ସଞ୍ଜରେ।
ମହାନଦୀର ବାଲୁକା ଶଯ୍ୟାରେ ସତେଯେମିତି
ହୋଇଗଲା ତୀବ୍ର ଭୂମିକମ୍ପ
ପୋଲର ବାଡାଭାଙ୍ଗି ଖସିପଡିଲା ବସ୍‌ଟି
ତା'ପରେ ବିକଟ କରୁଣ ଆର୍ତ୍ତଚିତ୍କାର
ଅନ୍ଧକାରରେ ହଜି ଯାଉଥିଲା ଜୀବନ ଯନ୍ତ୍ରଣା
ମାଟିର ମଣିଷ ମିଶି ଯାଉଥିଲେ ବାଲିର ଆଁରେ।

ରକ୍ତାକ୍ତ ଶରୀର ସବୁ ଲୋଟୁଥିଲା ମହାନଦୀ ବାଲୁକା ଶେଯରେ
ନିଜ ଲୋକଙ୍କୁ କିଏ କିଏ ଅଣ୍ଡାଳୁଥିଲେ ଘୋର ଅନ୍ଧାରରେ
ପାଣି ଟୋପେ ପାଇଁ ଆକୁଳ ଚିତ୍କାର ତ'
କିଏ ଖୋଜୁଥିଲା ମା' ବାପା ଆତ୍ମୀୟ ସୋଦର
ସୀମନ୍ତିନୀ କପାଳରୁ ହଜି ଯାଉଥିଲା ସିନ୍ଦୁର ଟୋପାଟେ
ଯିଏ ଦୁଇମାସ ତଳେ ଝିଅ ବାହାଘର କରି
ଋଣଗ୍ରସ୍ତ ହୋଇ ବଞ୍ଚିଥିଲା ଶୁଝିବା ଚିନ୍ତାରେ
ତେବେ କ'ଣ ଘଟିଲା ତା' ଜୀବନରେ।
ଦୁର୍ଘଟଣା ଏପରି ଏକ ନିର୍ଣ୍ଣାୟକ ମୋଡ ଉପରେ
ମଣିଷକୁ ଛାଡିଦିଏ ଯାହା ବୁଝିବା କଳ୍ପନା ବାହାରେ
ଅସମୟେ କାହାକୁ ଯେ କେତେବେଳେ କବଳିତ କରେ
ପ୍ରକୃତରେ ବିଧିର ବିଧାନ ବଡ ବିଚିତ୍ର ସତେ
ମଣିଷ ତ ଏସବୁ କିଛି ବୁଝିପାରେନି
ବରଂ ଫୁକୁରୁ ଫୁକୁରୁ ଡେଉଁଥାଏ କ୍ଷଣିକ ସୁଖରେ।

*ବିଜେଇଏମ୍-୨, ସତ୍ୟଭାମାପୁର*

କବିତା

# ହାୟରେ ହୃଦୟ



ରଞ୍ଜିତା ପଣ୍ଡା

ନିଜର ସବୁ ଅସହାୟତାକୁ ଫାଙ୍କିଦେଇ
ଦେଖନା, କେତେ ଦେଖେଇ ହେଉଛି
ଦୁଃଖ ବେଳର ଲୁହରେ ଓଦା ପାଲଟି ଯାଇଥିବା
ରୁମାଲକୁ ଝାଡିଝୁଡି ଦେଇ
ଗଛ ଅଗରେ ଟାଙ୍ଗି ଦେଉଛି ରଙ୍ଗୀନ ପତାକା ପରି।

ଏତେ ବେହିଆ ଏ ହୃଦୟ ଯେ
ସବୁ ଅପମାନ ଜର୍ଜରିତ ଘଟଣାପରେ
ତା' ଗୋରାମୁହଁ ଲାଲ ହୁଏ
କିଛି କ୍ଷଣ ପାଇଁ,
ପୁଣି ପରକ୍ଷଣରେ ଲାଞ୍ଛିଦିଏ ଜୀବନକୁ
ବଞ୍ଚିବାର ବାହାନାଟିଏ ଯୋଗାଡି ଦେବା ପାଇଁ।



ହୃଦୟ ଗୋଟେ କୋରଡ
ଯା' ଭିତରୁ ଆଞ୍ଜୁଳା ଆଞ୍ଜୁଳା କରି
ମୁକ୍ତା ମୁଁ କାଢ଼େ ମନଇଚ୍ଛା,
ଯେଉଁମାନେ କନ୍ଦାଇ କନ୍ଦାଇ ଆଖିପତାରେ
ଖଞ୍ଜି ଦେଇଛନ୍ତି ଗୋଟେ ଆଖିଦୃଶିଆ ବିବର୍ତ୍ତନ
ସେମାନଙ୍କୁ ବି ଦିଶିଯାଏ ସେଇ ମୁକ୍ତାର ଚମକ-
ଯେଉଁ ଚମକ ଅନାୟାସେ
ଦୂରେଇ ଦେଇପାରେ ସକଳ ତମସା।

ହୋଇପାରେ ସମୟର ବଡପଣ
ରିକ୍ତ ଦୀର୍ଘଶ୍ୱାସର ତିକ୍ତ ମୁହୂର୍ତ୍ତ ପାଖେ ହିଁ
ଅଟକିଯାଏ ମୋ ହୃଦୟର
ସମୁଦାୟ ଆକର୍ଷଣ।

ଏ ଆକର୍ଷଣ ହୃଦୟର ସନ୍ତାପିତ ଅଞ୍ଚଳରେ
ଚିକ୍‌ମିକ୍ ତୋରଣ ପରି
ଏ ଆକର୍ଷଣ ଭୋକିଲାର ଭୋକ ସାମ୍ନାରେ
କଂସାଏ ତୋରାଣୀ ପରି।
ଏ ଆକର୍ଷଣ ଫିଟେଇ ଦେଇପାରେ
ରୁଦ୍ଧତା ଭିତରୁ ଗୋଟେ ଶୁଦ୍ଧ ଉଚ୍ଚାରଣ,
ଅବା ଫୁଟେଇ ଦେଇପାରେ
ହୃଦୟର ମରୁଭୂଇଁରେ କୋଟିଏ ସ୍ଥଳପଦ୍ମ।

*ଆନନ୍ଦ ନଗର, ସୋନପୁର*
*ମୋ : ୯୯୩୭୯୩୨୯୭୮*



# ଆ' ଜହ୍ନମାମୁଁ ସରଗ ଶଶୀ

ଅମିନୀଲୁ ରାୟ

ଗ୍ରୀଷ୍ମ ଦିନ । ଚାରିଆଡେ ମାଟି ଫାଟି ଆଁ କରିଛି । ଅସହ୍ୟ ତାତି । ଗଛରେ ପତ୍ରଟିଏ ବି ହଲୁନି । ଜଳ ଅଭାବରୁ ଜୀବଜଗତ ସୂର୍ଯ୍ୟଙ୍କ କୋପରେ ଅସ୍ତବ୍ୟସ୍ତ ହୋଇପଡିଲେଣି । ଅପରାହ୍ନରେ ତାତି ଧିରେ ଧିରେ କମୁଥିଲେ ବି ଗୁଳୁଗୁଳି ରାତି ତମାମ୍ ରହୁଛି ।

ସଂଧ୍ୟା ସମୟ । ଗାଁ'ର ଶେଷ ମୁଣ୍ଡରେ ଥିବା ଶିବ ମନ୍ଦିରରୁ ଘଂଟ ଓ ମାଦଳର ଗୁରୁଗମ୍ଭିର ଶବ୍ଦ ଭାସିଆସୁଥାଏ । ଜହ୍ନ ପୂର୍ବାକାଶରେ ଉଇଁଲେଣି । ରଜନୀ ବୁଢୀ ବୃନ୍ଦାବତୀଙ୍କୁ ମୁଣ୍ଡିଆଟା ମାରି, ଘର ଅଗଣାରେ ମଶିଣାଟା ବିଛାଇ ଦେଇ, ତା ଗେହ୍ଲି ନାତୁଣୀ କୁନି ଦେହରେ ଅତି ଯତନରେ ହଳଦୀ ମାଖିଲାବେଳେ ଗୁଣୁଗୁଣୁ ହୋଇ ଗାଏ –

"ଆ' ଜହ୍ନମାମୁଁ ସରଗ ଶଶୀ,
ମୋ କୁନି ହାତରେ ପଡରେ ଖସି ॥"

ବୁଢୀ ଶ୍ରଦ୍ଧାରେ ତା ନାତୁଣୀକୁ କୁନି ବୋଲି ଡାକେ । ଜହ୍ନର ଶୀତଳ ଆଲୋକରେ, ହଳଦୀ ମାଲସ୍ ପରେ ଛୁଆଟା ଆରାମ୍‌ରେ ଶୋଇପଡିଲେ ସେ ବୋହୁକୁ ବଡ ପାଟିରେ ଡାକି କହେ – "ଆଲୋ ... , କୁନି ଶୋଇପଡିଲାଣି । ଆଉ ଘଡିଏ କି ଦି'ଘଡି ଯାଉ, ସେ ଉଠିଲେ ତାକୁ ପୁ'ଣି ଟିକେ ଖୁଆଇଦେବୁ । ମୋ ଅଂଟା ପିଠି କ'ଣ ହେଇଯାଉଛି । ମୁଁ ଏଇଠି ଟିକିଏ ଗଡିପଡେ ... ।"

ସୂର୍ଯ୍ୟ ଆସି ମୁଣ୍ଡ ଉପରେ ହେଲେଣି । ରଜନୀ ବୁଢୀ ଗାଇ ପାଇଁ ଘାସ ଦି'ଟା ଆଣିବାକୁ ସକାଳୁ ସକାଳୁ ବିଲକୁ ଯାଇଛି, ଏ ପର୍ଯ୍ୟନ୍ତ ଫେରିନି । ଯାଡେ ଛୁଆଟା ଖାଇବାର ନାଁ ଧରୁନି । ଖାଦ୍ୟ ପାଟି ପାଖକୁ ନେଲେ ଖାଲି ରାହା ଧରି କାନ୍ଦୁଛି । ମାଆଟା ତା'ର ଖୁଆଇବାକୁ ଯାଇ ନାକେଦମ୍ ହେଲାଣି । ଏହି ସମୟରେ ବୁଢୀ ଝାଳନାଳ ହୋଇ, ମୁଣ୍ଡରୁ ଘାସ ଗୋଛାଟା ପିଣ୍ଡା ଉପରେ ରଖି, ଥମ୍ କିନା ବସିପଡିବାବେଳେ ହଠାତ୍ କୁନିର କାନ୍ଦ ଶୁଣି, ସେ ଦୌଡି ଆସି ତା ବୋହୁକୁ କହିଲା – "ମୋତେ ଦେ' , ମୁଁ ଖୁଆଇ ଦେଉଛି । ନେ, ଏଇ କଳମ ଶାଗ ଦି'ଟା ଟିକେ ଭାଜି ଦେ' । ମୁଁ ପଖାଳ ଖାଇବି ।" ସେ ସଙ୍ଗେ ସଙ୍ଗେ ତା କୋଳକୁ ଛୁଆଟାକୁ ଆଣି, ଆ' ଜହ୍ନମାମୁଁ .... ଗୀତ ଗାଇ ଗାଇ, ଅଗଣାରେ ବୁଲେଇ, ଗିନାକଯାକ ଖାଦ୍ୟ ଖୁଆଇ ଦେଲା । ଛୁଆଟା ଖାଇ ଶୋଇପଡିବାରୁ ବୁଢୀ ତା ବୋହୂକୁ ପାଖକୁ ଡାକି କହିଲା – "ଆ' ଦେ'ଖେ । କହୁଥିଲୁ ପରା ଖାଉନି । ଅଝଟ କରୁଛି । ପୁ'ଣି ଖାଇଲା କେମିତି ? ତମେ ସବୁ ଆଉ ହବନି । ଆଜିର ମାଆମାନେ ଖାଲି ଛୁଆ ଜନ୍ମକରି ଜାଣିଛନ୍ତି ସତ, ହେଲେ ଲାଳନ ପାଳନ କରିବା ଶିଖି ନାହାନ୍ତି ।" ସେ ତା ବୋହୂ ହାତକୁ ଛୁଆକୁ ଦେଇ, ଗଲା ଗାଧୋଇବାକୁ।

ପ୍ରବଳ ଗୁଳୁଗୁଳି ସାଙ୍ଗକୁ ମଝିରେ ମଝିରେ ଝାଞ୍ଜି ବହୁଥିଲା ଦକ୍ଷିଣ ଦିଗରୁ । ବୁଢୀ ପଖାଳ ଗଣ୍ଡାଏ ଖାଇ, ଘରର ପଛ ପଟେ ଥିବା ଆମ୍ବ ଗଛ ମୂଳେ ପଡିଥିବା ଦଉଡିଆ ଖଟଟା ଉପରେ ଶୋଇପଡିଲା ଲମ୍ବ ହୋଇ ।

ଦିନ ପରେ ଦିନ ଗଡିଚାଲିଥାଏ । କୁନି ଏବେ ଠୁକୁଠୁକୁ ହୋଇ ଚାଲିଲାଣି । ଖନେଇ ଖନେଇ କଥା ବି କହିଲାଣି । ବୁଢୀ ସହ ସେ ସଦାବେଳେ କଥା ଟିକେ ନହେଲେ ସତେ ଯେମିତି ତା ଭାତ ହଜମ୍ ହୁଏନି । ସେଦିନ ଜହ୍ନ ରାତିରେ, ସୁଲୁସୁଲିଆ ପବନରେ, ଅଗଣାରେ ପଡିଥିବା ଖଟିଆଟା ଉପରେ ବସି ବୁଢୀ ପାନ ଭାଙ୍ଗୁଥିଲାବେଳେ, କୁନି ଥିରିଥିରି ପାଦରେ ତା ପାଖକୁ ଆସି, ଜହ୍ନ ଆଡକୁ ଆଙ୍ଗୁଠି ଦେଖାଇ, ଜିଦି କରି କହିଲା –

-ଆଇ, ମୋ'ର ଏଇ ଜହ୍ନମାମୁଁ ଦରକାର । ତୁ ଆଣି ଦେ' । ମୁଁ ତା ସହ ଖେଳିବି ।

-ଆଲୋ ହୁଣ୍ଡି, ସେ କ'ଣ ଏତେ ଦୂରରୁ ଆସିପାରିବ ?

-ହଁ, ସେ ଆସିବ । ତୁ ତାକୁ ହାତ ଠାରି ଡା'କେ ।

-ତୁ ଡାକୁନୁ ?

-ସେ ମୋ ଉପରେ ରାଗିଛି ତ, ସେଥିପାଇଁ ଆସୁନି । ତୁ ଡା'କେ... ।

ସେ ଡା'କେ ଡା'କେ କହି କହି ତା ଆଇକୁ ଭିଷଣ ବିରକ୍ତ କରାଉଥିଲା । ଯେତେ ବୁଝେଇଲେ ଜମା ବୁଝୁ ନଥିଲା । ଯାହା ବି ହେଲେ ଛୋଟ ପିଲାଟା ତ । ସେ ବା ଜହ୍ନ ବିଷୟରେ କ'ଣ ଜାଣିଛି ? ଶେଷରେ ବୁଢୀ ଅନୋନ୍ୟପାୟ ହୋଇ ସ୍ମିତ ହସଟିଏ ହସି କହିଲା – "ହଉ, ତୁ ଆଉ ମନ ଦୁଃଖ ନକରି ଦେ'ଖେ, ମୁଁ କେମିତି ହାତ ଠାରି ଡାକୁଛି ।"

"ଆ' ଜହ୍ନମାମୁଁ ସରଗ ଶଶୀ,
ମୋ କୁନି ହାତରେ ପଡରେ ଖସି ॥"

ବୁଢୀ ଗୀତ ମାଧ୍ୟମରେ ଓ ସ୍ୱରରେ ହାତ ବଢାଇ ଡାକୁଥିଲାବେଳେ ହଠାତ୍ କୁଆଡୁ ଭସା ବାଦଲ୍‌ଟା ଆସି ଜହ୍ନକୁ ସଙ୍ଗେ ସଙ୍ଗେ ଢାଙ୍କି ଦେବାରୁ ସେ ତା ଗେହ୍ଲି ନାତୁଣୀକୁ ଦେଖାଇ ସ୍ମିତ ହସି କହିଲା – "ବୁଝିଲୁ, ଜହ୍ନମାମୁଁ ତାଙ୍କ ଘରକୁ ଖାଇବାକୁ ଗଲାଣି । ଖାଇ ସାରି ଆସିବ । ତୁ ଚା'ଲେ ଖାଇବୁ ।"

ସମୟ କ୍ରମେ କୁନି ବଡ ହୋଇ ଗାଁ ଚାଟଶାଳୀକୁ ପଢିବାକୁ ଯାଏ । ପ୍ରତିଦିନ ଗୁରୁଜୀ ପିଲାମାନଙ୍କୁ ମଜା ମଜା ଗପ କହି ପଢାଉଥାନ୍ତି । ଦିନେ ସେ ଜହ୍ନମାମୁଁ ବିଷୟରେ କହିବା ଆରମ୍ଭ କରିଛନ୍ତି, ସେତିକିବେଳେ କୁନି ହଠାତ୍ କହିଲା-

-ଗୁରୁଜୀ, ମୁଁ ଜହ୍ନମାମୁଁକୁ ଯେତେ ଡାକିଲେ ବି ସେ ମୋ ପାଖକୁ ଆସୁନି କାହିଁକି ?

-କାହିଁକିନା ସେ ଜହ୍ନ ରାଇଜର ରାଜା । ତା'ର ସେଠାରେ ବହୁତ କାମ । ସେ ରାଜ୍ୟ ଛାଡି କ'ଣ ତୋ ପାଖକୁ ଆସିପାରିବ ?

-ହଁ ସେ ଆସିବ । ତମେ ତାକୁ ଆଜି ରାତିରେ ଡାକ । ମୁଁ ତା ସହ ଖେଳିବି ।

ଗୁରୁଜୀ ତା କଥା ଶୁଣି ହସି ହସି କହିଲେ – "ଆଚ୍ଛା, ଠିକ୍ ଅଛି । ମୁଁ ତାକୁ ଆଜି ରାତିରେ ଯେମିତି ହେଉ ତୁମ ଘରକୁ ନେଇକି ଯିବି । ତୋ ଆଇ ଆସିଲାଣି । ତୁ ଏବେ ଖୁସି ମନରେ ଯାଆ ... ।"

ରାତିରେ କୁନି ଜହ୍ନମାମୁଁ କଥା ଭାବି ଭାବି ନିଘୋଡ ନିଦରେ ଶୋଇପଡିଥିଲାବେଳେ ସ୍ୱପ୍ନରେ ଦେଖିଲା – ଜହ୍ନମାମୁଁ ସହ ସେ ଖେଳୁଛି । ତା ହାତ ଧରି ଜହ୍ନ ରାଇଜ ବୁଲି ବୁଲି କେତେ ନୂଆ ନୂଆ କଥା ଶିଖୁଛି । କିଛି ସମୟ ପରେ ଜହ୍ନମାମୁଁ ତା'ଠାରୁ ବିଦାୟ ନେବା ବେଳେ ସେ କହିଲା-

-କହିଲନି ତ, ତୁମ ଦେହରେ ଠେକୁଆ ଚିତ୍ର କାହିଁକି ଦେଖାଯାଏ ?

-ହଁ କହୁଛି । ମୋ ଦେହରେ ଥିବା ପାହାଡ ପର୍ବତ ସବୁ ଦୂରକୁ ଠେକୁଆ ପରି ଦେଖାଯାଆନ୍ତି । ତୁ ଏସବୁ କଥା ଏବେ କିଛି ବୁଝିପାରିବୁନି । ବଡ ହୋଇ ଅଧିକ ପାଠ ପଢିଲେ ଯାଇ ଜାଣିବୁ ।

ଏହା ମଧ୍ୟରେ ତେର ବର୍ଷ ଅତିକ୍ରାନ୍ତ ହୋଇଯାଇଛି । ରଜନୀ ବୁଢୀ ଆଉ ଏ ଦୁନିଆରେ ନାହିଁ । କୁନିକୁ ଏବେ ଅଠର ବର୍ଷ ହେଲାଣି । ହେଲେ ଜହ୍ନମାମୁଁ ଓ ଜହ୍ନ ରାଇଜ ପ୍ରତି ଦୁର୍ବଳତା ତା ମନରୁ ଏପର୍ଯ୍ୟନ୍ତ ଲିଭିନି । ଏବେ ବି ସେ ଜ୍ୟୋସ୍ନା ବିଧୌତ ରଜନୀରେ ଛାତ ଉପରେ ଏକା ଏକା ବୁଲୁଥିଲାବେଳେ ଜହ୍ନମାମୁଁ ବିଷୟରେ ଭାବେ । ସେତେବେଳେ ତା ଆଈ କହିଥିବା କଥା ତା'ର ମନେ ପଡିଗଲେ ତାକୁ ବହୁତ ଦୁଃଖ ଲାଗେ । ତା ଆଖିରେ ଲୁହ ଆସେ । ପିଲାଦିନେ ଆଈର କଥା କେଇ ପଦ ଆଜି ତା'ର ଗୋଟି ଗୋଟି କରି ସବୁ ମନେପଡିଯାଉଛି । ପ୍ରତିଦିନ ପରି ଦିନେ ରାତିରେ କୋଳରେ ତାକୁ ଧରି ବୁଢୀ ଅସୁରୁଣୀ ଗପ, ମଣ୍ଡାଖିଆ ଅସୁର ଗପ ଇତ୍ୟାଦି କହି ପିଠି ଥାପୁଡାଇ ଶୁଆଇଦେଉଥିଲାବେଳେ ତା ଆଈ କହିଥିଲା –" ଯେଉଁମାନେ ମରିଯାଆନ୍ତି, ସେମାନେ କୁଆଡେ ଆକାଶର ତାରା ହୁଅନ୍ତି ।" ସତରେ, ତା ଆଈ କ'ଣ ଦୂର ଆକାଶର ତାରା ହୋଇଯାଇଛି ? ସେ ପିଲାଟିଏ ହୋଇଥିଲାବେଳେ ତାକୁ ବୁଝାଇବାକୁ ଯାଇ ଆଈ ଏଇ କଥା ସବୁ କହିଥିଲା । ଏବେ ଏ ବୟସରେ ତା'ର ସେହି କଥା ଗୁଡିକ ମନେପଡିଗଲେ ତାକୁ ଭାରି ହସ ଲାଗେ । ଇଚ୍ଛା ହୁଏ ଆଈ ଏବେ ଯଦି ବଂଚିଥାଆନ୍ତା ତା'ହେଲେ ସେ ତାକୁ ପଚାରନ୍ତା –" ମଣିଷ ମଲେ ତାରା ହୁଅନ୍ତି କେମିତି ?"

କିଛି ବର୍ଷ ପରେ କୁନିର ବିବାହ ହୁଏ ବିମଳ ସହିତ । ବହୁ ଦିନୁ ବିମଳର ବାପା ମାଆ ଆରପାରିକୁ ଚାଲିଯାଇଛନ୍ତି । ସେ ପିଲାଟି ଦିନୁ ମାମୁଁ ଘରେ ରହି ବଡ ହେଇଛି । ଏବେ ନିଜ ଗାଁରେ ବ୍ୟାଙ୍କରୁ ଲୋନ୍ ଆଣି କୁକୁଡା ଚାଷ ଓ ମାଛ ଚାଷ କରି ବେଶ୍ ଖୁସିରେ ଅଛି । ପୂଜା ପାର୍ବଣରେ ମାମୁଁମାଇଁ ତା ପାଖକୁ ବୁଲି ଆସନ୍ତି । ସେମାନଙ୍କର ଭଲମନ୍ଦ କଥା ସବୁ ବୁଝନ୍ତି । ତାଙ୍କର ଝିଅ ନଥିବାରୁ ସେ କୁନିକୁ ନିଜର ଝିଅ ଭାବେ ଦେଖନ୍ତି ।

କୁନି ଏବେ ତିନି ମାସର ଗର୍ଭବତୀ । ଡାକ୍ତର ତାକୁ ସିଡି ଚଢିବାକୁ, ଭାରି ଜିନିଷ ଉଠାଇବାକୁ ମନା କରିଛନ୍ତି । ସେଥିପାଇଁ ବିମଳ ତା ମାଇଁକୁ ନେଇ ଆସିଛି କୁନିର ଦେଖାଶୁଣା କରିବାକୁ । ପିଲା ପେଟରେ ଥିବାରୁ କୁନିର ଭଲ ଭଲ ଜିନିଷ ଖାଇବାକୁ ମନ ହୁଏ । ମାଇଁ ତା ମନ କଥା ବୁଝି ପାରି ତାକୁ ନିଜ ହାତରେ ପ୍ରସ୍ତୁତ ଖାଦ୍ୟ କରି ଖୁଆଇ ଦିଅନ୍ତି । ତେଣୁ ସେ ତା ମାଇଁକୁ ନିଜ ମାଆଠାରୁ ଆଧିକ ଭଲପାଏ ।

ଡାକ୍ତରଙ୍କ କହିବା ମୁତାବକ କୁନି ତା ମାଇଁ ସହିତ ପ୍ରତି ମାସରେ ଥରେ ଚେକପ୍ କରିବାକୁ ଡାକ୍ତରଖାନା ଆସେ । ତାଙ୍କ ପରାମର୍ଶ ନିଏ । ଏହା ବାଦ୍ ଗାଁର ଆଶା କର୍ମୀ ଦିଦି ବି ତାକୁ ଦେଖିବାକୁ ଆସନ୍ତି । ଭଲ ମନ୍ଦ ପଚାରି ବୁଝନ୍ତି । ସୁସ୍ଥ ପିଲାଟିଏ କିପରି ଜନ୍ମ ହେବ ସେ ବିଷୟରେ ତାକୁ ବୁଝାନ୍ତି । ହେଲେ ସେମାନଙ୍କ ପାଖରେ ଟିକିନିକି ସବୁ କଥା କହିବାକୁ କୁନିକୁ ଭାରି ଲାଜ ଲାଗେ । ସେଥିପାଇଁ ସେ ମାଇଁକୁ ତା ସାଙ୍ଗରେ ଯିବାକୁ କହେ ।

ଏଇ କିଛି ଦିନ ହେବ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ, ବିନା ଅସ୍ତ୍ରପଚାରରେ କୁନିର ସୁନ୍ଦର ଝିଅଟିଏ ହେଇଛି । କୁନି ତାକୁ ସ୍ନେହରେ ରାଣୀ ବୋଲି ଡାକେ । ରାଣୀ ସଦାବେଳେ ଖାଇବାରେ ହଇରାଣ କରେ । ଭାରି ବିରକ୍ତ କରାଏ । ସେଦିନ ସଂଧ୍ୟାରେ, ଜହ୍ନର ତୋଫା ଆଲୁଅରେ କୁନି ତାକୁ ଅଗଣାରେ ବୁଲେଇ ବୁଲେଇ ଖୁଆଉଥିଲାବେଳେ ସେ ଆଦଂ ଖାଉନଥିଲା । ସେତିକିବେଳେ ହଠାତ୍ ତା'ର ତା ଆଈ କଥା ମନେପଡିଯିବାରୁ ସେ ସଙ୍ଗେ ସଙ୍ଗେ ଖୁସିରେ ଝିଅକୁ କାଖରେ ଧରି ପିଲାଦିନେ ଆଈଠାରୁ ସେ ଶିଖିଥିବା ଗୀତଟିକୁ ଗାଇ ଗାଇ ଖୁଆଇବାକୁ ଚେଷ୍ଟା କରୁଥିଲା ।

"ଆ' ଜହ୍ନମାମୁଁ ସରଗ ଶଶୀ
ମୋ ରାଣୀ ହାତରେ ପଡରେ ଖସି ॥"

*ଘାଗଡା, ରାହାମା, ଜଗତ୍‌ସିଂହପୁର*
*ମୋ- ୯୯୩୭୪୧୨୫୧୫*



## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେଡି ନବଗଠିତ ଆଇଟି ସାମ୍ମୁଖ୍ୟ



**ଭୁବନେଶ୍ୱର :** ବିଜୁ ଜନତା ଦଳର ନବଗଠିତ ଆଇଟି ସାମ୍ମୁଖ୍ୟର ମୁଖ୍ୟ ଡ. ଅମର ପଟ୍ଟନାୟକ ଏବଂ ସାମ୍ମୁଖ୍ୟର ସଭ୍ୟସଭ୍ୟା ଯଥା, ସୁଲୋଚନା ଦାସ, ଶ୍ରେୟା ମିଶ୍ର, ଅମରେଶ ପତ୍ରୀ, ରାଣାପ୍ରତାପ ପାତ୍ର, ପ୍ରସେନଜିତ୍ ପତି ଏବଂ ଡ. ସସ୍ମିତ ପାତ୍ର ବିଜୁ ଜନତା ଦଳ ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଇଟି ସାମ୍ମୁଖ୍ୟ ଗଠନ କରି ସେମାନଙ୍କୁ ଏହି ଗୁରୁ ଦାୟିତ୍ୱରେ ନିଯୁକ୍ତ କରିଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ ଆଇଟି ସାମ୍ମୁଖ୍ୟର ସଭ୍ୟମାନଙ୍କୁ ସୋସିଆଲ୍ ମିଡିଆରେ ଦଳର ଆଭିମୁଖ୍ୟକୁ ଯଥାର୍ଥ ଭାବରେ ଉପସ୍ଥାପନ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକୁ ଆଇଟି ସେଲ୍ ମାଧ୍ୟମରେ ସାଧାରଣ ଜନତାଙ୍କ କିଭଳି ନିକଟତର ହୋଇପାରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ମଧ୍ୟ କହିଥିଲେ।

# କର୍ମଭୂମିର ସେବା କରିବି : ଅପରାଜିତା



**ଭୁବନେଶ୍ୱର :** ଓଡ଼ିଶାର ବିକାଶ ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଅଛି। ଓଡ଼ିଶାକୁ ଦେଶର ସମୃଦ୍ଧି ସମ୍ପନ୍ନ ରାଜ୍ୟ କରିବାର ଅଛି। ଓଡ଼ିଶା ମୋର କର୍ମଭୂମି, ଓଡ଼ିଶାର ବନ୍ଧୁ ଭାବେ ଏବେ କର୍ମଭୂମିର ସେବା କରିବାର ସୁଯୋଗ ମିଳିଛି ବୋଲି ପୂର୍ବତନ ଆଇଏଏସ୍ ଅଧିକାରୀ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ନୂଆଦିଲ୍ଲୀଠାରେ ଅମିତ ଶାହଙ୍କ ଉପସ୍ଥିତିରେ ବିଜେପିରେ ଯୋଗ ଦେଇଥିବା ଶ୍ରୀମତୀ ଷଡ଼ଙ୍ଗୀ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିମାନବନ୍ଦରରେ ସକାଳ ୧୦ଟା ୩୦ରେ ପହଞ୍ଚିବା ପରେ ଜିଲ୍ଲା ସଭାପତି ହରେକୃଷ୍ଣ ଖୁଣ୍ଟିଆଙ୍କ ନେତୃତ୍ୱରେ ଜିଲ୍ଲା ବିଜେପି ତରଫରୁ ଶ୍ରୀମତୀ ଷଡ଼ଙ୍ଗୀଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ସହ ବହୁସଂଖ୍ୟାରେ ସାଧାରଣ ଜନତା, ପୂର୍ବତନ ବିଏମ୍ସି କର୍ମଚାରୀ ଓ ସଫେଇ କର୍ମଚାରୀମାନେ ଉପସ୍ଥିତ ରହି ଶ୍ରୀମତୀ ଷଡ଼ଙ୍ଗୀଙ୍କୁ ସ୍ୱାଗତ ଜଣାଇଥିଲେ। ଏହା ପରେ ଶ୍ରୀମତୀ ଷଡ଼ଙ୍ଗୀ ବିଶ୍ୱପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିରକୁ ଯାଇ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିଥିଲେ। କିଛି ସମୟ ବିନ୍ଦୁସାଗରରେ ଅତିବାହିତ କରିବା ପରେ ଶ୍ରୀମତୀ ଷଡ଼ଙ୍ଗୀ ପୁରୁଣା ଭୁବନେଶ୍ୱରର ସ୍ମୃତିକୁ ମଧ୍ୟ ଉପଭୋଗ କରିଥିଲେ। ସେଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମତୀ ଷଡ଼ଙ୍ଗୀ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗ ଦେଇଛି। ରାଜଧାନୀବାସୀଙ୍କ ସ୍ୱାଗତ ଦେଖି ବହୁତ ଖୁସି ଅଛି। ରାଜନୀତି ହେଉଛି ଲୋକ ସେବାର ବହୁତ ବଡ଼ ମଞ୍ଚ। ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରେ କାର୍ଯ୍ୟ କରିଛି। କେନ୍ଦ୍ର ସରକାରଙ୍କ ଅଧୀନରେ ପାଞ୍ଚ ବର୍ଷ କାର୍ଯ୍ୟ କରିବା ସମୟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଶୈଳୀକୁ ଅତି ନିକଟରୁ ଦେଖିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶ ପ୍ରତି ଅଙ୍ଗୀକାରବଦ୍ଧତା, କଠିନ ପରିଶ୍ରମ କରିବାର କ୍ଷମତା ଓ ଦୃଢ଼ ଇଚ୍ଛାଶକ୍ତି ଦେଖି ଦଳରେ ସାମିଲ ହୋଇଛି। ଏହା ସହ ଦଳର ଗତିଶୀଳ ପ୍ରଗତି ଏବଂ ବିକାଶ କେନ୍ଦ୍ରୀୟ ବିଚାରଧାରା ସହ ମୋ ବିଚାରଧାରା ମିଶୁଛି। ମୁଁ ସକାରାତ୍ମକ ରାଜନୀତି କରିବାକୁ ଆସିଛି। ଦଳର ନିଷ୍ପତ୍ତି ଅନୁସାରେ କାମ କରିବି ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି। ରାସ୍ତାକଡ଼ରେ ବସି ଚା ପିଇବା ସହିତ ଅଟୋଚାଳକ ତଥା ଜନସାଧାରଣଙ୍କ ସହ କଥା ହୋଇ ଆଗାମୀ ଦିନରେ ଭୁବନେଶ୍ୱର ସହରର ଉନ୍ନତି ପାଇଁ ସେମାନଙ୍କର ସହଯୋଗ କାମନା କରିଥିଲେ। ଆଗାମୀ ଦିନରେ ଦଳର ନିର୍ଦ୍ଦେଶ ମତେ ସମସ୍ତଙ୍କ ସହ ମିଳିମିଶି କାମ କରି ଏକ ପ୍ରଗତିଶୀଳ ଓଡ଼ିଶା ଗଢ଼ି ତୋଳିବା ପାଇଁ କାର୍ଯ୍ୟ କରିବି ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି।

# ପଞ୍ଚାୟତ ସ୍ତରୀୟ ବନ୍ଧୁ ମିଳନ ଉତ୍ସବ

**ମାର୍ଶାଘାଇ :** ମାର୍ଶାଘାଇ ବ୍ଲକ ଦେରୁହାଁ ପଞ୍ଚାୟତର ପବିତ୍ର ମିଳିମିଳା ପୀଠରେ ମହାକାଳପଡା ନିର୍ବାଚନ ମଣ୍ଡଳୀର ୯ ଗୋଟି ପଞ୍ଚାୟତର ଶତାଧିକ ଯୁବକଯୁବତୀ ଓ ପୁରୁଷ ମହିଳା ମାନଙ୍କୁ ନେଇ ପଞ୍ଚାୟତ ସ୍ତରୀୟ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନାରୀନେତ୍ରୀ ମିତାଲି ସାମନ୍ତରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କଂଗ୍ରେସ ନେତା ରାଜକିଶୋର ପ୍ରଧାନ ଯୋଗ ଦେଇଥିଲେ। ଓଡ଼ିଶାରେ ବିଜେଡି ଶାସନ ଓ କେନ୍ଦ୍ରରେ ବିଜେପି ଶାସନ ଦ୍ୱାରା ସାଧାରଣ ଜନତା ନିଷ୍ପେସିତ ଓ ନିର୍ଯାତିତ ହେଉଛନ୍ତି। ଚୋରି, ରାହାଜାନୀଠାରୁ ନାରୀ ନିର୍ଯାତନ ବୃଦ୍ଧି ପାଉଛି। ଯାହାଫଳରେ ସାଧାରଣ ଜନତା ନ୍ୟାୟ ପାଇବାରୁ ବଞ୍ଚିତ ହେଉଚନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଓ ମହାକାଳପଡା ନିର୍ବାଚନ ମଣ୍ଡଳୀର ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ରାସନକାର୍ଡରେ ବ୍ୟାପକ ଅନିୟମିତତା ହେଉଥିବା ଦେଖାଦେଇଛି। ଫଳରେ ସାଧାରଣ ଲୋକେ ବାରମ୍ବାର ଜିଲ୍ଲାପାଳ ଓ ବ୍ଲକକୁ ଦୌଡି ଦୌଡି ନିରାଶ ହେଉଛନ୍ତି। ଶାସକ ଦଳର ନେତା ଓ କୁଜିନେତା ନାଲିଆଖି ଦେଖାଇ ସାଧାରଣ ଲୋକଙ୍କୁ ଧମକ ଚମକ ଦେବା ସହ ଆବାସ ଯୋଜନା ଦେବା ନାଁରେ ଖୁଲମଖୁଲା ଅର୍ଥ ଆଦାୟ କରୁଛନ୍ତି। ଏହାକୁ ପ୍ରତିବାଦ କରିବାକୁ ହେଲେ ରାଜ୍ୟ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱ ଓ ଜିଲ୍ଲା କଂଗ୍ରେସଙ୍କ ନେତୃତ୍ୱକୁ ଆପଣାଇ ନେବା ସହ ଆଗାମୀ ୨୦୧୯ ନିର୍ବାଚନରେ ବିଜେଡିକୁ ହଟାଇ କଂଗ୍ରେସର ବିଜୟ ବାନା ଉଡାଇବା ପାଇଁ କର୍ମୀମାନଙ୍କୁ ଶ୍ରୀ ପ୍ରଧାନ କହିଥିଲେ। ଏହି ବନ୍ଧୁ ମିଳନ ଉତ୍ସବରେ ବରିଷ୍ଠ କାର୍ଯ୍ୟକତା ରଘୁ ସେଠୀ, ଯୁବନେତା ପ୍ରଦୀପ ସେଠୀ, ସମାଜସେବୀ ରୋଜାଲିନୀଙ୍କ ସମେତ ପରକୁଳା, ରାଘବପୁର, ଗରଜଙ୍ଗା, ଡାଳସଙ୍ଗା, ବେରୁହା, ମଙ୍ଗରାଜପୁର, ବଟିରା, ତିଖିରି, ଅମେଇପାଳ ଆଦି ପଞ୍ଚାୟତରୁ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ଖୋର୍ଦ୍ଧା ପଞ୍ଚାୟତ ସମିତିର ସାଧାରଣ ପରିଷଦ ବୈଠକ



**ଖୋର୍ଦ୍ଧା :** ପଞ୍ଚାୟତ ସମିତିର ତୃତୀୟ ସାଧାରଣ ପରିଷଦ ବୈଠକ ଅଧ୍ୟକ୍ଷା ଲିଲି ନାୟକଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧିନରେ ଥିବା ୨୨ଗୋଟି ଗ୍ରାମପଞ୍ଚାୟତରୁ ସରକାରୀ ଅନୁଦାନ ବଣ୍ଟନରେ ପାତର ଅନ୍ତର ନୀତି ଅବଲମ୍ବନ କରାଯାଉଥିବା ନେଇ ଅଧିକାଂଶ ପଞ୍ଚାୟତ ସମିତି ସଭ୍ୟ, ସଭ୍ୟା ଓ ସରପଞ୍ଚମାନେ ଅଭିଯୋଗ କରିଥିଲେ। ଚଳିତ ତିତିଲି ବାତ୍ୟାରେ କ୍ଷତିଗ୍ରସ୍ତ ଅଞ୍ଚଳ ଗୁଡ଼ିକ ନିମନ୍ତେ ଖୋର୍ଦ୍ଧା ପଞ୍ଚାୟତ ସମିତିକୁ ୩କୋଟି ୬୨ ଲକ୍ଷ ଟଙ୍କା ସରକାରୀ ଅନୁଦାନ ଆସିଥିବା ଜଣାପଡ଼ିଛି। ପ୍ରକୃତରେ କେଉଁ ଗ୍ରାମପଞ୍ଚାୟତ ଗୁଡ଼ିକ ଅଧିକ କ୍ଷତିଗ୍ରସ୍ତ ହୋଇଛି ସେହି ପଞ୍ଚାୟତ ଗୁଡ଼ିକୁ ଆର୍ଥିକ ଅନୁଦାନ ପ୍ରଦାନ ନ କରି କ୍ଷତିଗ୍ରସ୍ତ ହୋଇ ନଥିବା ପଞ୍ଚାୟତ ଗୁଡ଼ିକୁ ଅନୁଦାନ ପ୍ରଦାନ କରାଯାଇଥିବା ନେଇ ସଭ୍ୟ ସଭ୍ୟାମାନେ ଅଭିଯୋଗ କରିଥିଲେ। ଠିକ୍ ସେହିପରି ଭାବରେ ଆଦୌ କ୍ଷତିଗ୍ରସ୍ତ ହୋଇ ନଥିବା ପଲ୍ଲାତୋଟାପଡ଼ା ଗ୍ରା.ପକୁ ୩୨ ଲକ୍ଷ ଓ ନାଳିପଡ଼ା ଅର୍ଜୁନପୁର ଗ୍ରାମପଞ୍ଚାୟତକୁ ୧୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାକୁ ନେଇ ସଭ୍ୟ ସଭ୍ୟାମାନେ ଆପତ୍ତି ଉଠାଇଥିଲେ। ସବୁଠାରୁ ବାତ୍ୟାରେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ନରଣଗଡ଼ ଓ ବ୍ରଜମୋହନପୁର ଗ୍ରାମପଞ୍ଚାୟତକୁ ୧୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବାରୁ ସଭାରେ ଅସନ୍ତୋଷ ଦେଖାଯାଇଥିଲା। ଅନୁଦାନ ପ୍ରଦାନ କରିବା ସମ୍ପର୍କରେ ସରପଞ୍ଚମାନଙ୍କୁ ଅବଗତ କରାନଯିବା ଆମଗାଁ ଆମ ବିକାଶ କାର୍ଯ୍ୟକ୍ରମ ଠିକ୍ ଭାବରେ ନ ହେବା, ରାସ୍ତାନିର୍ମାଣ କାର୍ଯ୍ୟରେ ଦୁର୍ନୀତି, ଏମ.ଜି.ଏନ.ଆର.ଇ.ଜି.ଏସ୍. କାର୍ଯ୍ୟ ଠିକ୍‌ରେ ହେଉ ନଥିବା ମିଥ୍ୟା ବିଲ୍ କରି ଟଙ୍କା ହଡ଼ପ କରିବା ନେଇ ମଧ ସଭ୍ୟ ସଭ୍ୟାମାନେ ଅଭିଯୋଗ କରିଥିଲେ। ଦୀର୍ଘ ଦିନ ହେବ ନଳକୂଳ ଗୁଡ଼ିକ ଅଚଳ ହୋଇ ପଡ଼ିଥିଲେ ମଧ ସେଗୁଡ଼ିକୁ ମରାମତି କରାନଯିବା, ନିର୍ବାଚିତ ପ୍ରତିନିଧିମାନଙ୍କୁ ପ୍ରଶାସନିକ ଅଧିକାରୀମାନେ ଅଣଦେଖା କରୁଥିବାକୁ ମଧ ସଭାରେ ଅସନ୍ତୋଷ ପ୍ରକାଶ ପାଇଛି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ପିପିଲି :** ସ୍ଥାନୀୟ ପାଟଯୋଶୀପୁର ଗାଁର ଜଣାଶୁଣା ବ୍ୟକ୍ତି ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ଧର୍ମପତ୍ନୀ ନୟନା ସାହୁଙ୍କର ଗତ ୨୪ ତାରିଖ ରାତିରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୪ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତା ସାହୁ ଜଣେ ଧର୍ମପ୍ରାଣା ମହିଳା ଭାବେ ବେଶ୍ ପରିଚିତ ଥିଲେ। ଚନ୍ଦକା ସିମିଳିପାଟଣାରେ ଜନ୍ମିତ ନୟନାଙ୍କ ପିତା ପ୍ରଭାକର ସାହୁ ସେହି ଅଞ୍ଚଳର ଜଣେ ଜଣାଶୁଣା ଲୋକ ଥିଲେ। ନୟନାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବୈଜୟନ୍ତ ...

ରାଉରକେଲାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବାରେ ବିଫଳ ହୋଇଛନ୍ତି ବୋଲି ସେ ବିଜେପି ଅଧ୍ୟକ୍ଷ ଅମିତ ଶାହଙ୍କୁ ଲେଖିଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିପାଇଁ ରାଉରକେଲାବାସୀଙ୍କ ନିକଟରେ କ୍ଷମା ମାଗୁଛନ୍ତି ବୋଲି ସେ କହିଛନ୍ତି। ସେ ଇସ୍ତଫା ଦେବାର କିଛି ସମୟ ପରେ ନିଜ ବାସଭବନରେ ବରିଷ୍ଠ ନେତା ବିଜୟ ମହାପାତ୍ର ସାମ୍ବାଦିକ ସମ୍ମିଳନୀରେ ନିଜର ଇସ୍ତଫା ନେଇ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ବିଜେପି କହିଛି, ବିଜୟ ମହାପାତ୍ରଙ୍କୁ ଦଳରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ବିଜୟ ବାବୁ ଦଳକୁ ନିଜର ଭାବିଲେ ନାହିଁ। ଘର ପୁଅ ଘର ଭିତରେ ରହି ଘର ବିରୋଧରେ ବକ୍ତବ୍ୟ ରଖିବା ଦୁର୍ଭାଗ୍ୟଜନକ ବୋଲି ଦିଲୀପ ରାୟ ଓ ବିଜୟ ମହାପାତ୍ର ଦଳ ଛାଡିବା ପ୍ରସଙ୍ଗରେ ଦଳର ରାଜ୍ୟ ଉପ ସଭାପତି ସମୀର ମହାନ୍ତି କହିଛନ୍ତି। ଅନ୍ୟ ସହିତ ମିଳିମିଶି କାମ କରିବା ବିଜୟ ମହାପାତ୍ରଙ୍କ ଡିଏନଏରେ ନାହିଁ। ଦଳକୁ ଗୋଷ୍ଠୀରେ ବିଭକ୍ତ କରିବା ପାଇଁ ଶତ ଚେଷ୍ଟା ବିଫଳ ହେବା ପରେ ବିଜୟ ବାବୁ ଦୀର୍ଘ ଦିନରୁ ଦଳୀୟ କାର୍ଯ୍ୟରୁ ନିଜକୁ ଦୂରେଇ ରଖୁଥିଲେ। ଏପରିକି ନା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ନା ରାଜ୍ୟ କାର୍ଯ୍ୟକାରିଣୀ ବୈଠକକୁ ଉଭୟ ଆସୁଥିଲେ। ସେ ଦଳରେ ରହିଲେ ବା ଦଳ ଛାଡିଲେ ଦଳ ଉପରେ ଏହାର କୌଣସି ବି ପ୍ରଭାବ ପଡ଼ିବ ନାହିଁ। କୋଲ ବ୍ଲକ୍ ଆବଣ୍ଟନ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଦିଲ୍ଲୀପ ରାୟ ସିବିଆଇ ତଦନ୍ତର ସାମନା କରୁଛନ୍ତି। ବିଜେପି ଏହି ମାମଲାରେ ନାଚାର ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଦିଲୀପ ରାୟ ରାଉରକେଲାବାସୀଙ୍କ ସ୍ୱାର୍ଥକୁ ନେଇ ମିଛ ନାଟକ କରୁଛନ୍ତି। ଗତ ୟୁପିଏ ସରକାର ଶାସନ କାଳ ସମୟରେ ବୀରମିତ୍ରପୁର-ବ୍ରାହ୍ମଣୀ-ରାଜାମୁଣ୍ଡା-ବାରକୋଟ ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ଦୁଇ ଥର ଉଦ୍ୟମ ବିଫଳ ହୋଇଥିଲା। ମାତ୍ର ମୋଦି ସରକାର ଏହି ପ୍ରକଳ୍ପ ପାଇଁ ସୁବନ୍ଦୋବସ୍ତ କରିବା ସହ ବ୍ରାହ୍ମଣୀ ଦ୍ୱିତୀୟ ପୋଲକୁ ଚାରି ଲେନରୁ ଛଅ ଲେନ କରିବାର କାର୍ଯ୍ୟ ଆରମ୍ଭ ହୋଇସାରିଛି। ମାତ୍ର ରାଜ୍ୟ ସରକାର ଜମି, ଜଙ୍ଗଲ ନିୟମ, ଗଛ କଟା ଅନୁମତି ଆଳରେ ଏହି ପ୍ରକଳ୍ପକୁ ନକରାଇ ଦେବାର ଷଡ଼ଯନ୍ତ୍ର କରୁଛନ୍ତି। ହେଲେ ଦିଲୀପ ସବୁ ଜାଣି ସୁଦ୍ଧା କେନ୍ଦ୍ର ସରକାରଙ୍କ ବିରୋଧରେ ଅଭିଯୋଗ କରିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ରାଉରକେଲା ଆଇଜିଏଚ୍ ସୁପର ସ୍ପେସାଲିଷ୍ଟ ହସ୍‌ପିଟାଲ ଓ ମେଡିକାଲ କଲେଜ ପ୍ରସଙ୍ଗରେ ଏହି ମେଡିକାଲ କଲେଜକୁ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ନିୟମାନୁଯାୟୀ କେନ୍ଦ୍ର ସରକାରଙ୍କର ଅଂଶଧନ ୬୦%କୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସେଲ ଦେବ ଏବଂ ବାକି ୪୦% ରାଜ୍ୟ ସରକାର ଦେବେ। ହେଲେ ରାଜ୍ୟ ସରକାର ତାଙ୍କର ୪୦% ଅଶଂଧନ ଦେବା ପାଇଁ କୌଣସି ଆଗ୍ରହ ଦେଖାଉ ନାହାନ୍ତି। ସେହି କାରଣ ପାଇଁ ନିର୍ମାଣ କାମ ବିଳମ୍ବ ହେଉଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କୁ କୌଣସି ପ୍ରଶ୍ନ ନକରି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଉଦ୍ଦେଶ୍ୟ ରଖି କେନ୍ଦ୍ର ସରକାରଙ୍କୁ ଦୋଷାରୋପ କରିବା କେତେ ଦୂର ଗ୍ରହଣୀୟ ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି। ବିଜୟ ଓ ଦିଲ୍ଲୀପଙ୍କ ବିଜେପି ଛାଡିବା ପ୍ରସଙ୍ଗରେ ବିଜେଡି ରାଜ୍ୟସଭା ସାଂସଦ ପ୍ରତାପ ଦେବ କହିଛନ୍ତି ଯେ, ଏହି ଦୁଇ ତୁଙ୍ଗନେତା କାହିଁକି ଦଳ ଛାଡିଲେ ସେ ନେଇ ବିଜେପି ଏବେଠାରୁ ଆତ୍ମସମୀକ୍ଷା କରୁ। କଂଗ୍ରେସ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, ରାଜନୀତିରେ ବିଜୟଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ସେ ଯେଉଁ ଦଳକୁ ଯିବେ ସେ ଦଳ ପାଇଁ ନିଶ୍ଚିତ ଭାବେ ସହାୟକ ହେବେ। ହେଲେ ଉଭୟ ନେତା ବିଜେଡିକୁ ଫେରିପାରନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ବିଜୟ ମହାପାତ୍ର ନିଜର ରାଜନୈତିକ ଭବିଷ୍ୟତ ସମ୍ପର୍କରେ ମୁହଁ ଖୋଲୁ ନଥିଲେ ବି ଯାହା ବିଶ୍ୱାସ କରାଯାଉଛି ବିଜେଡି କ୍ଷମତା କେନ୍ଦ୍ର ସହିତ ସମ୍ପର୍କରେ ରହିଛନ୍ତି। ଆଉ କିଛି ବିଶ୍ୱସ୍ତ ସୂତ୍ର ଖବର ଅନୁସାରେ କେନ୍ଦ୍ରାପଡା ଲୋକସଭା ଆସନରେ ବୈଜୟନ୍ତ ପଣ୍ଡାଙ୍କୁ ଟକ୍କର ଦେବା ପାଇଁ ବିଜେଡି ବିଜୟଙ୍କୁ ସ୍ୱାଗତ କରିବ। ଅନୁରୂପ ଭାବେ ଦିଲ୍ଲୀପ ରାୟଙ୍କୁ ସୁନ୍ଦରଗଡ଼ ଲୋକସଭା ଟିକଟ ଦେବାକୁ ବିଜେଡି ମନସ୍ଥ କରିଥିବା ସୂଚନା ମିଳିଛି। ଯଦି ପ୍ରାପ୍ତ ସୂଚନା ସତ ହୁଏ, ତେବେ ବୈଜୟନ୍ତ ପଣ୍ଡା ଏବଂ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ବାଟରେ ବିଜୟ ଓ ଦିଲ୍ଲୀପ ନିଶ୍ଚିତ କଣ୍ଟା ସାଜିବେ।

### ଚାଷୀ ନେତାଙ୍କ ...

ସେହିଭଳି କଂଗ୍ରେସ ମଧ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛି। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନିପତି କହିଛନ୍ତି, ୮ ବର୍ଷ ଧରି ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ୍ ଦାବିରେ ଚାଷୀ ଆନ୍ଦୋଳନ ଚଳାଇଛନ୍ତି। ଏବେ ୨୦୧୯ ନିର୍ବାଚନ ପାଖଉଥିବାରୁ ଚାଷୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ରାଜ୍ୟ ସରକାର କ'ଣ ଗୋଟିଏ ଘୋଷଣା କରିବା ପାଇଁ ଯୋଜନା କରୁଛନ୍ତି। ଏ ସରକାର ଚାଷୀଙ୍କ ଦାବି ପୂରଣ କରିବେ ନାହିଁ। ଚାଷୀ ଭାଇମାନଙ୍କର ଯେଉଁ ସବୁ ଦାବି ରହିଛି ତାହାକୁ ସରକାର ପୂରଣ କରିବା ପାଇଁ କୌଣସି ନିଷ୍ପତ୍ତି ନେଉନାହାନ୍ତି। ଅନ୍ୟପଟେ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ରାଜ୍ୟ ସରକାର ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ସରକାର ଚାଷୀଙ୍କ ସମସ୍ୟ ସମାଧାନ ନକରି ନାଟକ କରୁଛନ୍ତି। ଯଦି ସରକାର ଚାଷୀଙ୍କ ପାଇଁ କିଛି କରିବା ପାଇଁ ଚାହୁଁଛନ୍ତି ତାହେଲେ ଅଧ୍ୟାଦେଶ ଜାରି କରନ୍ତୁ। ଆମ ଦାବି ଆମେ ସରକାରଙ୍କୁ ଜଣାଇଦେଇଛୁ। ଆଉ ଆଲୋଚନାର ଆବଶ୍ୟକତା ନାହିଁ। ଚାଷୀ ସୁରକ୍ଷା ଭତ୍ତା, ପେନ୍‌ସନ୍ ନେଇ ବିଲ୍ ଆଣନ୍ତୁ। ଚାଷୀ ଆତ୍ମହତ୍ୟା କରୁଛନ୍ତି। ଚାଷୀର ପୁଅ ଦାଦନ ଖଟିବା ପାଇଁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ଆନ୍ଦୋଳନ ତୀବ୍ର ହେଉଛି। ସରକାର ଯେ ପର୍ଯ୍ୟନ୍ତ ଅଧ୍ୟାଦେଶ ଘୋଷଣା କରିନାହାନ୍ତି ସେ ପର୍ଯ୍ୟନ୍ତ ଆମେ ଆଲୋଚନା କରିବୁ ନାହଁ ବୋଲି ରୋକ୍‌ଠୋକ୍ ମନା କରିଦେଇଛନ୍ତି ଅକ୍ଷୟ କୁମାର। ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ୍ ଦାବି ନେଇ ନବନିର୍ମାଣ କୃଷକ ସଂଗଠନର ଆନ୍ଦୋଳନ ଯୋଗୁଁ ସରକାର ଗତ ୫ ତାରିଖରେ ଏହି କମିଟି ଗଠନ କରିଥିଲେ।

### ପ୍ରକଳ୍ପ ତ୍ୱରାନ୍ୱିତ ...

ଏହା ସହ ପାରାଦୀପ ପ୍ଲାଷ୍ଟିକ ପାର୍କ ଏହି ପ୍ରକଳ୍ପରୁ କଞ୍ଚା ମାଲ ପାଇ ପାରିବ। ଏହି ସମୟ ସୁଦ୍ଧା ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠା ନହେଲେ ପୁଞ୍ଜି ନିବେଶ ପ୍ରଭାବିତ ହେବା ଆଶଙ୍କା ଥିବା ଶ୍ରୀ ପ୍ରଧାନ ଏହି ପତ୍ରରେ କହିଛନ୍ତି। ଭାରତୀୟ ତୈଳ ନିଗମ ଓ ଇଡକୋର ଜଏଣ୍ଟ ଭେଞ୍ଚର ତୁରନ୍ତ ପ୍ରସ୍ତୁତ ହେଲେ ହିଁ ପୁଞ୍ଜିନିବେଶକାରୀଙ୍କ ଆବଶ୍ୟକତାକୁ ପୂରଣ କରା ଯାଇ ପାରିବ ଓ ଏହି କାମକୁ ତ୍ୱରାନ୍ୱିତ କରା ଯାଇ ପାରିବ ବୋଲି ଶ୍ରୀ ପ୍ରଧାନ ବୁଧବାର ଦିନ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି କହିଛନ୍ତି। ଇତି ମଧ୍ୟରେ ଭାରତୀୟ ତୈଳ ନିଗମ ଓଡ଼ିଶା ସରକାରଙ୍କୁ ସାମିଲ କରି ଚେନ୍ନାଇ, କୋଲକାତା, ହାଇଦ୍ରାବାଦ ଓ ଭୁବନେଶ୍ୱର ଆଦି ସ୍ଥାନରେ ପୁଞ୍ଜି ନିବେଶକାରୀଙ୍କୁ ଆକର୍ଷିତ କରିବା ପାଇଁ ରୋଡ୍ ଶୋ' ଆୟୋଜିତ କରିଛି। ଏହା ଦ୍ୱାରା ଅନେକ ପୁଞ୍ଜିନିବେଶକାରୀ ପାରାଦୀପ ପ୍ଲାଷ୍ଟିକ ପାର୍କରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ସେଥି ମଧ୍ୟରୁ ୬ଟି କମ୍ପାନୀ ପ୍ରକଳ୍ପ ପାଇଁ ଭୂମି ଯୋଗାଇ ଦେବାକୁ ଆବେଦନ କରିଛନ୍ତି। ଇତି ମଧ୍ୟରେ ଭାରତୀୟ ତୈଳ ନିଗମ ଅଗଷ୍ଟ ୨୦୧୮ରୁ ଇଡ୍‌କୋ ସହ ଜଏଣ୍ଟ ଭେଞ୍ଚର ପାଇଁ ନୀତି ଆୟୋଗର ଏନ୍‌ଓସି ଲାଭ କରି ସାରିଛି। ଏହାର ନାମ ପାରାଦୀପ ପ୍ଲାଷ୍ଟିକ ପାର୍କ ଲିମିଟେଡ ରହିବ ଓ ଏଥିପାଇଁ ସାର ଓ ରସାୟନ ମନ୍ତ୍ରଣାଳୟ ଭିତ୍ତିଭୂମି ନିର୍ମାଣ ପାଇଁ ୪୦ କୋଟି ଟଙ୍କା ମଞ୍ଜୁର କରି ସାରିଛି। ଏହି ପ୍ରକଳ୍ପ ପାଇଁ ଜଏଣ୍ଟ ଭେଞ୍ଚର ସ୍ୱାକ୍ଷର ପାଇଁ ଓଡ଼ିଶା ସରକାର ଅନୁମତି ଦେବା ମାତ୍ରେ ଆଇଓସିଏଲ ୩୨.୭୨ କୋଟି ଟଙ୍କା ଇକ୍ୟୁଟି ରାଶି ପ୍ରଦାନ କରିବ ବୋଲି ଏହି ପତ୍ରରେ ସେ ଉଲ୍ଲେଖ କରିଛନ୍ତି। ସେହିଭଳି ୨୦୧୭ ନଭେମ୍ବର ୧୬ ତାରିଖରେ ରାଜ୍ୟ ସରକାରଙ୍କର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏବଂ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ତଥା ତାଙ୍କ ନିଜ ଉପସ୍ଥିତିରେ ପେଟ୍ରୋକେମିକାଲ ଇନଭେଷ୍ଟର ସମ୍ମିଳନୀରେ ଏହି ପ୍ଲାଷ୍ଟିକ ପାର୍କ ପାଇଁ ସହମତି ହୋଇଥିଲା। ଭାରତୀୟ ତୈଳ ନିଗମ, ଇଡ୍‌କୋର ଅନୁରୋଧ କ୍ରମେ ଏହି ପ୍ରକଳ୍ପରେ ଅଂଶୀଦାର ହେବା ପାଇଁ ସହମତି ପ୍ରଦାନ କରିଥିଲା। ମିଳିତ ଭାବେ ଏହି ପ୍ରକଳ୍ପକୁ ଆଗକୁ ନେବା ପାଇଁ ଏକ ସ୍ପେଶାଲ ପର୍ପସ ଭେହିକଲ ଗଠନ ପରେ ଇଣ୍ଡିଆନ ଅଏଲ ଓ ଇଡ୍‌କୋର ମିଳିତ ଉଦ୍ୟମରେ ଏକ ନୂଆ ଜଏଣ୍ଟ ଭେଞ୍ଚର ବୋର୍ଡ ଗଠନ ପାଇଁ ନିଷ୍ପତ୍ତି ହୋଇଥିବା ସେ ଉଲ୍ଲେଖ କରିଛନ୍ତି। ଗତ ସେପ୍ଟେମ୍ବର ମାସରେ ସୁରଟ ଠାରେ ଇଡକୋ ଓ ଇପିକଲକୁ ଅଂଶଗ୍ରହଣ ପାଇଁ ମଧ୍ୟ ନିମନ୍ତ୍ରିତ କରିଥିଲା। ପାରାଦୀପ ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଜେ ହସ୍ତକ୍ଷେପ କରିବାକୁ ସେ ଏହି ପତ୍ରରେ ଅନୁରୋଧ କରିଛନ୍ତି।

### 'ଉଚ୍ଚଶିକ୍ଷାର ପ୍ରମୁଖ ...

୮ଟି ନୂତନ ମଡେଲ୍ ଡିଗ୍ରୀ କଲେଜ ଖୋଲାଯାଇଥିବା ବେଳେ ଆଉ ୬ଟି ନୂଆ ମଡେଲ୍ ଡିଗ୍ରୀ କଲେଜ ଖୁବ୍‌ଶୀଘ୍ର ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ଏହାବ୍ୟତୀତ ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଗଠନ କରାଯାଇଥିବା ବେଳେ ଦୁଇଟି ଅତିରିକ୍ତ ଆଞ୍ଚଳିକ ନିର୍ଦ୍ଦେଶାଳୟ ମଧ୍ୟ ସ୍ଥାପନା ହୋଇଛି। 'କଳିଙ୍ଗ ଶିକ୍ଷାସାଥି' ଯୋଜନା ଜରିଆରେ ଛାତ୍ରଛାତ୍ରୀଙ୍କୁ ୧ ପ୍ରତିଶତ ସୁଧହାରରେ ଋଣ ସହାୟତା, ଲାପଟପ୍ ପ୍ରାବଧାନ, ଅନାଥ ଛାତ୍ରଛାତ୍ରୀଙ୍କ ପାଇଁ ଗ୍ରୀନ୍ ପାସେଜ୍ ସ୍କିମ୍ ଭଳି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଇଛି। ସହଯୋଗୀ ଗବେଷଣା, କାର୍ଯ୍ୟକ୍ରମ ବିନିମୟ ଏବଂ ଶିକ୍ଷାନୁଷ୍ଠାନ ସହ ଜ୍ଞାନ ସହଭାଗିତା ଲାଗି ଆମର ବିଶ୍ୱବିଦ୍ୟାଳୟ ତଥା ପ୍ରତିଷ୍ଠିତ ଜାତୀୟ, ଆନ୍ତର୍ଜାତିକ ସଂସ୍ଥାନ ସହ ୧୮୨ଟି ବୁଝାମଣା ସ୍ୱାକ୍ଷର ହୋଇଥିବା ନେଇ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ। ଏ ପରିପ୍ରେକ୍ଷୀରେ ସରକାରୀ କଲେଜରେ ନବନିଯୁକ୍ତ ୧୩୫ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। "ଆପଣମାନେ ଏବେ ଏକ ମହାନ୍ ବୃତ୍ତିରେ ଅନ୍ତର୍ଭୁକ୍ତ, ଛାତ୍ରଛାତ୍ରୀଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ଦିଗରେ ଆପଣମାନେ ଉତ୍ସର୍ଗୀକୃତ ଭାବେ ଦାୟିତ୍ୱ ନିର୍ବାହ କରିବେ" ବୋଲି ମୁଖ୍ୟମନ୍ତ୍ରୀ ଏହି ନବନିଯୁକ୍ତଙ୍କ ଉପରେ ଆଶା ପ୍ରକଟ କରିଛନ୍ତି। ସେହିପରି ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ରାଜ୍ୟରେ ଉଚ୍ଚଶିକ୍ଷା କ୍ଷେତ୍ରରେ ସର୍ବାଧିକ ବିକାଶ ଘଟିଛି। ସବୁ ବର୍ଗର ପିଲା ଯେପରି ପ୍ରାଥମିକ ଶିକ୍ଷା ଠାରୁ ଉଚ୍ଚଶିକ୍ଷା ହାସଲ କରିପାରିବେ ସେ ଦିଗରେ ଗୁରୁତ୍ୱ ଦିଆଯାଉଛି। ବିଶେଷକରି ଗବେଷଣା କ୍ଷେତ୍ରରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ମେଧାବୀଙ୍କ ଲାଗି ବିଭିନ୍ନ ସୁବିଧା ସରକାର ଯୋଗାଇଦେଉଛନ୍ତି। ତେବେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଏବଂ ଉନ୍ନତ ଭିତ୍ତିଭୂମି ଲାଗି ଗୁରୁତ୍ୱ ଦିଆଯାଉଥିବା ବେଳେ ଛାତ୍ରଛାତ୍ରୀମାନେ ଯେପରି ସବୁ ପ୍ରକାର ସୁବିଧା ହାସଲ କରିବେ ସେ ଦିଗରେ ଦୃଷ୍ଟି ଦିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଦାସ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଡ. ପ୍ରସନ୍ନ ପାଟ୍ଟଶାଣୀ, ବିଧାୟକ ବିଜୟ ମହାନ୍ତି ଓ ପ୍ରିୟଦର୍ଶୀ ମିଶ୍ର, ମେୟର ଅନନ୍ତ ନାରାୟଣ ଜେନା, ବିଭାଗୀୟ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ପ୍ରମୁଖ ଉପସ୍ଥିତ ରହି ଉଚ୍ଚଶିକ୍ଷା କ୍ଷେତ୍ରରେ ଆସିଥିବା ବିକାଶ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।

## ରତ୍ନଭଣ୍ଡାର ଚାବି ହଜିବା ଘଟଣା

# ଚୂଡାନ୍ତ ରିପୋର୍ଟ ଦେଲେ କମିଶନ



**କଟକ :** ପୁରୀ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ଗଠିତ ଜଷ୍ଟିସ୍ ରଘୁବୀର ଦାସ କମିଶନଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚୁଡାନ୍ତ ରିପୋର୍ଟ ପ୍ରଦାନ କରାଯାଇଛି। କମିଶନଙ୍କ ସଚିବ କାଶୀନାଥ ପାଣିଗ୍ରାହୀ ରାଜ୍ୟ ସରକାରଙ୍କ ଗୃହ ବିଭାଗର ଅନୁ ସଚିବ (ଅଣ୍ଡର ସେକ୍ରେଟାରୀ) ପି.କେ ଦେଙ୍କୁ ୨୯ ତାରିଖ ସଂଧ୍ୟାରେ ଏହି ରିପୋର୍ଟ ପ୍ରଦାନ କରିଛନ୍ତି। ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେ ସମ୍ପର୍କରେ କମିଶନ ଏହି ରିପୋର୍ଟରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିବା ଜଣାଯାଇଛି। ୫ ଜଣଙ୍କର ସତ୍ୟପାଠ ଓ ୨ ଜଣଙ୍କର ସାକ୍ଷ୍ୟ ପ୍ରଦାନ ଆଧାରରେ କମିଶନ ୩୨୪ ପୃଷ୍ଠାର ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି ବୋଲି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ୧୨ଟି ବୈଠକରେ ସବୁଠୁ କମ୍ ସମୟର ଅବଧ ଓ ସ୍ୱଳ୍ପ ଖର୍ଚ୍ଚରେ କମିଶନ ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଆସନ୍ତା ଡିସେମ୍ବର ୭ ତାରିଖରେ କମିଶନଙ୍କ କାର୍ଯ୍ୟକାଳ ଶେଷ ହେବାର ଥିଲା। ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଜଗନ୍ନାଥ ମନ୍ଦିରର ରତ୍ନ ଭଣ୍ଡାର ଚାବି ହଜିବା ଘଟଣାକୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ବିରୋଧଭାସ ତୀବ୍ର ହେବାରୁ ରାଜ୍ୟ ସରକାର ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ରଘୁବୀର ଦାସଙ୍କୁ ତଦନ୍ତ କମିଶନ ଭାବେ ନିଯୁକ୍ତି ଦେଇଥିଲେ। ଆଇନ ବିଭାଗ ପକ୍ଷରୁ ଧାର୍ଯ୍ୟ ଟର୍ମ ଅଫ୍ ରେଫରେନସ୍ ମୁତାବକ କମିଶନଙ୍କୁ ୩ ମାସ ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଥିଲା। ପ୍ରଥମେ ଗତ ଜୁନ୍ ୮ରେ ଏ ନେଇ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହା ପରେ ଜୁଲାଇ ୩୦ରେ କମିଶନଙ୍କ ପ୍ରଥମ ବୈଠକ ବସିଥିଲା। ଏଥିରେ ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ସତ୍ୟପାଠ ଆହ୍ୱାନ କରାଯାଇଥିଲା। କମିଶନରେ ଏହି ମାମଲାରେ ଆଇନ ବିଭାଗ ମୁଖ୍ୟ ସଚିବ ଶଶୀକାନ୍ତ ମିଶ୍ର, ପୁରୀ ଟ୍ରେଜେରୀ ଅଫିସର୍ ରମାରଞ୍ଜନ ଦାସ, ପୁରୀ ଜିଲ୍ଲାପାଳ, ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରଦୀପ୍ କୁମାର ଦାସ, ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ କୁମାର ମହାପାତ୍ର, ପୁରୀ ମୁକ୍ତିମଣ୍ଡପର ବ୍ରାହ୍ମଣ ସୂର୍ଯ୍ୟକାନ୍ତ ରଥ, ଦୁର୍ଗାପ୍ରସାଦ ମହାପାତ୍ର, ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟ ନାୟକ, ସଚେତନ ନାଗରିକ ସଘର ସଭାପତି ପ୍ରସନ୍ନ କୁମାର ଦାସ, ବରିଷ୍ଠ ନାଗରିକ ରାଜ୍ କୁମାର ମହାନ୍ତି, ହାଇକୋର୍ଟର କର୍ମଚାରୀ ନମୁଚୀ ଶବର, ବାବା ବଳିଆ ଟ୍ରଷ୍ଟ ପକ୍ଷରୁ ସତ୍ୟପାଠ ଦାଖଲ ହୋଇଥିଲା। ତେବେ କମିଶନଙ୍କ ଅବଧି ଶେଷ ହେବାରୁ କାର୍ଯ୍ୟକାଳ ବୃଦ୍ଧି କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ କମିଶନଙ୍କ ଅବଧିକୁ ଆଉ ତିନି ମାସ ବୃଦ୍ଧି କରାଯାଇଥିଲା। ତେବେ ମାମଲାର ଶୁଣାଣି କରି କମିଶନ ଆଇନ ବିଭାଗ ସଚିବ ଶ୍ରୀ ମିଶ୍ର, ପୁରୀ ଟ୍ରେଜେରୀ ଅଫିସର୍ ରମାରଞ୍ଜନ ଦାସ, ପୁରୀ ଜିଲ୍ଲାପାଳ, ଶ୍ରୀମନ୍ଦିର ନିତି ପ୍ରଶାସକ ପ୍ରଦୀପ୍ କୁମାର ଦାସ, ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଶ୍ରୀ ମହାପାତ୍ର ପ୍ରମୁଖଙ୍କ ସତ୍ୟପାଠ ଓ ପୂର୍ବତନ ଶ୍ରୀମନ୍ଦିର ପ୍ରଶାସକ କାଳୀ କୁମାର ରଥ ଏବଂ ରବିନ୍ଦ୍ର ନାରାୟଣ ମିଶ୍ରଙ୍କ ସାକ୍ଷ୍ୟ ପ୍ରଦାନ ଆଧାରରେ ଚୁଡାନ୍ତି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। କମିଶନଙ୍କ ସଚିବ ଶ୍ରୀ ପାଣିଗ୍ରାହୀ ଓ ଷ୍ଟେନୋ ଅଫିସର ସୋମନାଥ ପଣ୍ଡା ମାମଲାର ଶୁଣାଣିବେଳେ ସହାୟତା କରିଥିଲେ।

ପର୍ଯ୍ୟଟନ

# କଳା ସ୍ଥାପତ୍ୟର ଗନ୍ତାଘର ତୌଲିମ୍

ଗୋଆରେ ଥିବା ବିଭିନ୍ନ ଚର୍ଚ୍ଚ ବୁଲିବା ମୋର ଶେଷ ପର୍ଯ୍ୟାୟରେ ଥିଲା। ଆପଣମାନଙ୍କୁ ମୁଁ ଆଗରୁ ମଧ୍ୟ ସୂଚନା ଦେଇଥିଲେ ଯେ, ଗୋଆରେ ମୋର ବୁଲିବା ତିନୋଟି ପର୍ଯ୍ୟାୟରେ ଦିନ ତମାମ୍ ଚାଲିଥିଲା। ସକାଳେ ଗୋଆରେ ଥିବା ବିଭିନ୍ନ ମନ୍ଦିର ବୁଲୁଥିଲି, ମଧ୍ୟାହ୍ନ ଭୋଜନ ପରେ ବିଭିନ୍ନ ଚର୍ଚ୍ଚ ଏବଂ ଅପରାହ୍ନ ଠାରୁ ରାତି ଗୋଆର ନାଇଟ୍ ଲାଇଫ୍ ଏବଂ ବେଳାଭୂମୀ। ତେବେ ଆଜି ମୁଁ ଆପଣ ମାନଙ୍କୁ ଦୁଇଟି ଚର୍ଚ୍ଚ ସମ୍ପର୍କରେ ସୂଚନା ଦେବି। ପ୍ରଥମ ଚର୍ଚ୍ଚଟି ହେଉଛି ଚର୍ଚ୍ଚ ଅଫ୍ ସେଣ୍ଟ ଆନା। ଏହି ଚର୍ଚ୍ଚଟି ସିରିଦାଓ ନଦୀ କୂଳରେ ଅବସ୍ଥିତ। ପୁରୁଣା ଗୋଆର ତୌଲିମ୍ ଅଞ୍ଚଳର ଏହି ଚର୍ଚ୍ଚଟି ତା'ର ସ୍ଥାପତ୍ୟ କଳା ପାଇଁ ଖୁବ୍ ପ୍ରସିଦ୍ଧ ଲାଭ କରିଛି। ଆପଣ ଯେତେବେଳେ ଏହି ଚର୍ଚ୍ଚ ନିକଟରେ ପହଞ୍ଚିବେ ତା'ର ପରିବେଶ ନିହାତି ଭାବେ ଆପଣ ମାନଙ୍କୁ ଆକୃଷ୍ଟ କରିବ। ଆମେ ଚର୍ଚ୍ଚରେ ପହଞ୍ଚିବା ବେଳକୁ ବେଶ୍ କିଛି ଦେଶୀ-ବିଦେଶୀ ପର୍ଯ୍ୟଟକମାନଙ୍କ ଗହଳି ଲାଗିଥିଲା। ଏହି ଚର୍ଚ୍ଚଟି ସେଣ୍ଟ ଆନାଙ୍କ ପାଇଁ ସମର୍ପିତ। ମୋର ଯାହା ଅନୁଭବ ହେଲା ଏହି ଚର୍ଚ୍ଚର ସ୍ଥାପତ୍ୟ ଯେତିକି ମନମୁଗ୍ଧ କର ତା' ସହିତ ଏହାର ପରିବେଶ ମଧ୍ୟ ବେଶ୍ ଆକର୍ଷଣୀୟ। ଆମେ କିଛି ସମୟ ଚର୍ଚ୍ଚ ଭିତରେ ବୁଲିବା ପରେ ସେଠାରୁ ବାହାରିଥିଲୁ। ଦକ୍ଷିଣ ଗୋଆର ଆଉ ଏକ ଚର୍ଚ୍ଚ ହେଉଛି ରାଚୋଲ୍ ସେମିନାର। ବିଶେଷ ଭାବରେ ଏହା ଖ୍ରୀଷ୍ଟଧର୍ମର ଦର୍ଶନ ଶିକ୍ଷା ପାଇଁ ଖୁବ୍ ପ୍ରସିଦ୍ଧ। ୧୫୭୪ ମସିହାରୁ ୧୬୧୦ ମସିହା ମଧ୍ୟରେ ଏହା ନିର୍ମାଣ କରାଯାଇଥିଲଶ। ଏହି ଚର୍ଚ୍ଚଟି ମଧ୍ୟ କୁଆରୀ ନଦୀର କୂଳରେ ଅବସ୍ଥିତ। ଅତି







ସୌନ୍ଦର୍ଯ୍ୟମୟ ପ୍ରାକୃତିକ ପରିବେଶ ମଧ୍ୟରେ ଏହି ଚର୍ଚ୍ଚଟି ଅବସ୍ଥିତ। ପ୍ରକୃତରେ ମୋର ଗୋଆରେ ଚର୍ଚ୍ଚ ବୁଲିବା ଏଠାରେ ହିଁ ସରିଥିଲା। ଏହାପରେ ଏହି ସ୍ତମ୍ଭରେ ମୁଁ ଆପଣମାନଙ୍କୁ ଗୋଆର ବିଭିନ୍ନ ସମୁଦ୍ରକୂଳ ଏବଂ ରାତ୍ରୀକାଳୀନ ଜୀବନ ଶୈଳୀ ଉପରେ ସୂଚନା ପ୍ରଦାନ କରିବି। ପ୍ରକୃତରେ ଆମେ ଗୋଆର ନାଁ ଶୁଣିବା ମାତ୍ରେ ଆପଣମାନଙ୍କ ମନକୁ ସୁନ୍ଦର ବେଳାଭୂମୀ କଥା ହିଁ ଆସିଥାଏ। ଆଉ ପ୍ରକୃତରେ ବି ଗୋଆର ବେଳାଭୂମୀକୁ ନେଇ ମୋର ଅନେକ ଅନୁଭୂତି ବି ରହିଛି। ଯାହା ଆପଣମାନଙ୍କୁ ଭଲ ଲାଗିପାରେ। ଆସନ୍ତା ସ୍ତମ୍ଭରୁ ସେ ଅନୁଭୂତି ବଖାଣିବି ଆପଣମାନଙ୍କ ପାଖରେ। ***କ୍ରମଶଃ...***






ଉପସ୍ଥାପନା
ଜାହ୍ନବୀସୁତ



**ପଶ୍ଚିମ ଓଡିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି**

# ସୁବର୍ଣ୍ଣପୁର ଜିଲ୍ଲାରେ ଶାନ୍ତିପୂର୍ଣ୍ଣ ମହାବନ୍ଦ

**ସୋନପୁର :** ପଶ୍ଚିମ ଓଡିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଆସନ୍ତା ୨୯ ଓ ୩୦ ତାରିଖରେ ୪୮ ଘଣ୍ଟିଆ ମହାବନ୍ଦ ଶାନ୍ତି ପୂର୍ଣ୍ଣ ଭାବରେ ହୋଇଛି । ପଶ୍ଚିମ ଓଡିଶା ଓକିଲ ସଂଘ ସମୂହ କ୍ରିୟାନୁଷ୍ଠାନ କମିଟି । ଓ ଜିଲ୍ଲା ଓକିଲ ସଂଘର ଆହ୍ୱନ କ୍ରମେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସ୍କୁଲ, କଲେଜ, ଦୋକନ ବଜାର, ଯାନବାହାନ ଶନ୍ତି ପୂର୍ଣ୍ଣ ଭାବେ ବନ୍ଦ ହୋଇଛି ।ଅତି ଜରୁରୀ କାଳିନ ବ୍ୟବସ୍ଥାକୁ ସୁବିଧା ଯୋଗାଇ ଦିଆଯାଇଛି । ଏହି ବନ୍ଦ ଡାକରା ରେ ଜିଲ୍ଲାର ବଣିକ ସଂଘ, ଜିଲ୍ଲା ସାମ୍ବାଦିକ ସଂଘ, ବିଭିନ୍ନ ରାଜନୈତିକ ଦଳ,ଓଡିଶା ସାମ୍ବାଦିକ ସଂଘ ସୋନପୁର ଶାଖା ସମତେ ସମସ୍ତ କ୍ଲବ୍ ବିଭିନ୍ନ ଅନୁଷ୍ଠାନ ଏହି ମହାବନ୍ଦ ରେ ସାମିଲ ହୋଇଥିଲେ । ଜିଲ୍ଲା ଓକିଲ ସଙ୍ଘ ସଭାପତି ସର୍ବେସର ପୂରେହିତ, ଆଇନଜୀବୀ ଶ୍ୟାମା ଓଁ ପ୍ରସାଦ ମିଶ୍ର ।ଜିଲ୍ଲା ଓକିଲ ସଂଘ ସମ୍ପାଦକ ରାଜେନ୍ଦ୍ର ଅଗ୍ରଓଲା । ଅନ୍ୟ ମାନଙ୍କ ମଧ୍ୟରେ ଆଇନଜିବି ଦଶରଥ ମହାଣା, ମଧୁସୁଧନ ପ୍ରଧାନ, ସନ୍ତୋଷ ମେହେର, ମୁଜାଫର ଅଲ୍ଲି, ଭଗବତୀ ପ୍ରସାଦ ମିଶ୍ର, ବିପିନ ବିହାରି ବିଦ୍ୟାଧର, ବାବୁଲାଲ ଦାସ, ,ବ୍ରଜେନ୍ଦ୍ର ବିଶି, ନନ୍ଦକିଶୋର ତ୍ରିପାଠି, ଅଜିତ ବାରିକ, ରସାନନ୍ଦ ସାହୁ, ଆଇନଜୀବି ଆଦିକନ୍ଦ ପାଣିଗ୍ରାହି, ଓଁକାର ପ୍ରଧାନ, ବିବେକାନନ୍ଦ ମିଶ୍ର,ନରଦେବ ଭୋଇ, ଅଭୟ ରଞ୍ଜନ ରଥ, ନନ୍ଦ କିଶୋର ତ୍ରିପାଠୀ , ପୂର୍ବତନ ବିଧାୟକ ବିନୋଦ ପାତ୍ର,ଜିଲ୍ଲା କଂଗ୍ରେସ ସଭାପତି ସଙ୍କର ଦାସ,ରାଜ୍ୟ ବିଜେଡି ଏସସି ସେଲ ଉପସଭାପତି ଅଭିମନ୍ୟୁ କୁଶଲ,ଜିଲ୍ଲା ବଣିକ ସଂଘ ସଭାପତି ଧିରେନ୍ଦ୍ର ପଟ୍ଟନାୟକ, ସତ୍ୟନାରାୟନ ଦରୁଆନ,ରାଜେନ୍ଦ୍ର ମିଶ୍ର, ମନୋରଞ୍ଜନ ତ୍ରିପାଠୀ,ସୁଧିର ପଣ୍ଡା, ଦିଲିପ ପାତ୍ର, ଚକ୍ରାୟୁଦ୍ଧ ନାଏକ, ହଜାରି ପଧାନ,ଶିବ ପ୍ରସାଦ ଗୁରୁ,ଶେଶଦେବ ମେହେର,ମାଧବ କୁମ୍ଭାର, ରାଜେନ୍ଦ୍ର ନାୟକ, ଆଇନଜୀବି ନିମେଇଁ ଚରଣ ପାଣିଗ୍ରାହି, ପିସିସି ସଭ୍ୟ ଜିତେନ୍ଦ୍ର ପଟ୍ଟନାୟକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁମିତ ପୂଝାରି, ଦୈତାରି ଥନାପତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ନ୍ୟାୟ ପାଇଁ ଥାନାରେ ଧାରଣା

**ଖୋର୍ଦ୍ଧା :** ଗତ ୧୪.୦୯.୨୦୧୮ରିଖ ଦିନ ବେଗୁନିଆ ଥାନା ଅଧିନସ୍ଥ ପରିଛଳ ଗୋବିନ୍ଦପୁର ଗ୍ରାମର ଶାରଙ୍ଗ ଧର ସାହୁଙ୍କର ନାବାଳକ ପୁଅ ସରୋଜ କୁମାର ସାହୁ ଗଣେଷ ପୂଜା ନିମନ୍ତେ ଭୁବନେଶ୍ୱରରୁ ନିଜ ପୈତୃକ ଗ୍ରାମ ପରିଛଳ ଗୋବିନ୍ଦପୁରକୁ ଆସିଥିବା ସମୟରେ ପୂର୍ବ ଶତୃତାକୁ କେନ୍ଦ୍ର କରି ସେହି ଗ୍ରାମର ଗଦାଧର ସାହୁ, ପିତା-ଆନନ୍ଦ ସାହୁ, ମୁନା ସାହୁ, ଟୁନା ସାହୁ, ପିତା-ଗଦାଧର ସାହୁ ଉଭୟେ ମିଶି ଜୀବନରେ ମାରିଦେବା ସହ ବେକରେ ଲୁଗା ବାନ୍ଧି ଓହଳାଇ ଦେଇଥିଲେ। ଏ ସମ୍ପର୍କରେ ମୃତ ସରୋଜ କୁମାର ସାହୁ ଓ ପିତା ସାରଙ୍ଗଧର ସାହୁ ଖବର ପାଇ ଭୁବନେଶ୍ୱରରୁ ଆସି ବେଗୁନିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ବେଗୁନିଆ ଥାନା ପକ୍ଷରୁ କେଶ ନଂ.୧୫୪/୧୮ ଦଫା ୩୦୨/୩୪ରେ ମାମଲା ରୁଜୁ କରି ଚୁପ୍ ହୋଇ ବସିରହିଛନ୍ତି। ଅଭିଯୁକ୍ତମାନେ ଖୋଲାଖୋଲି ଭାବରେ ନିଜ ଗ୍ରାମରେ ବୁଲିବା ସହିତ ତାଙ୍କୁ ମଧ୍ୟ ଜୀବନରେ ମାରିଦେବା ପାଇଁ ଧମକ ଦେଉଥିବା ନେଇ ସାରଙ୍ଗଧର ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମୃତ ସରୋଜ କୁମାର ସାହୁଙ୍କ ପିତା ରାଜ୍ୟ ମାନବ ଅଧିକାର କମିଶନ, ରାଜ୍ୟ ଗୃହ ସଚିବ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବରେ ଅଭିଯୋଗ କରିବା ପରେ ମଧ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ପୁଲିସ ଟାଳ ଟୁଳ ନୀତି ଅବଲମ୍ବନ କରୁଛି। ଫଳରେ ସେ ବାଧ୍ୟ ହୋଇ ସପରିବାର ଭାରତର ରାଷ୍ଟ୍ରପତିଙ୍କର ଦୃଷ୍ଟି ଆକର୍ଷଣ କରିବା ସହିତ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଆମରଣ ଅନଶନରେ ବସିବା ପାଇଁ ଆସିଥିବା ବେଳେ ତାଙ୍କୁ ଅତି ଚତୁରତାର ସହିତ ଖୋର୍ଦ୍ଧା ଟାଉନ ଥାନାକୁ ନେଇ ଆସିଥିଲେ। ସେଠାରେ ବେଗୁନିଆ ଥାନା ଅଧିକାରୀଙ୍କୁ ଡ଼କାଇ ଘଟଣାଟିର ତର୍ଜମା ଚାଲିଥିବା ଜଣାପଡ଼ିଛି। ଏଠାରେ ସ୍ୱଷ୍ଟ ହେଉଛି ଯେ, ପୁଲିସ ଜାଣି ଶୁଣି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ବିଳମ୍ବ କରୁଛି ।ଖୋର୍ଦ୍ଧା ଜିଲ୍ଲା ପୁଲିସର କାର୍ଯ୍ୟ ଶୈଳିକୁ ନେଇ ମଧ୍ୟ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ଏ ସମ୍ପର୍କରେ ପୁଲିସ ବିଭାଗର ଉଚ୍ଚକର୍ତ୍ତୃପକ୍ଷ ବିଶେଷ ଦୃଷ୍ଟି ଦେବା ସହ ମୃତ ସରୋଜ କୁମାର ସାହୁଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବା ପାଇଁ ସାଧାରଣରେ ଦାବି ହେଉଛି।



# ବିକାଶ'ର ଅପହଞ୍ଚ ଦୂରରେ ରକ୍ତତୀର୍ଥ ତୁଡିଗଡିଆ

**ସୋର :** ଓଡିଶାରେ ମାନ୍ୟତା ପ୍ରାପ୍ତ ପର୍ଯ୍ୟଟନ ସ୍ଥଳୀ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଖଇରା ବ୍ଲକରେ ଥିବା ରକ୍ତଥୀର୍ଥ ତୁଡିଗଡିଆ ୩ ବର୍ଷ ତଳୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇସାରିଛି । ଏଠାରେ ପାଖାପାଖି ୫୦ଲକ୍ଷ ଟଙ୍କା ଆସି କାଗଜ କଲମରେ ଗଡୁଛି । ଠିକାଦାର ପରେ ଠିକାଦାର ବଦଳି ହୋଇ ଶେଷରେ ଗତ ବର୍ଷା ଋତୁରେ କିଛି କାମ ହୋଇଛି । ପ୍ରଶାସନର ଅପାରଗତା ଏବଂ ଅସହଯୋଗ ଯୋଗୁଁ ଏ କାର୍ଯ୍ୟ ଆଗକୁ ଯାଇପାରୁନାହିଁ । ବିଶେଷ କରି ତୁଡିଗଡିଆ ଓ ତେନ୍ତୁଳିଆପଡା ମୌଜାରେ ଥିବା ଏହି ଜାଗାର ସୀମା ନିର୍ଦ୍ଧାରଣ ହୋଇପାରୁନଥିବାରୁ ଏହି କାର୍ଯ୍ୟରେ ବିଳମ୍ବ ଘଟୁଛି ବୋଲି ଗଗନଧୂଳୀ ଗ୍ରାମପଞ୍ଚାୟତର ବିଜେପି ସମର୍ଥୀତ ସରପଞ୍ଚ ତିଳୋତ୍ତମା ମଲିକ ଅଭିଯୋଗ କରିଛନ୍ତି । ତହସିଲଦାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ । ପ୍ରଶାସନର ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଆଗକୁ ନିର୍ବାଚନ ଥିବାରୁ ଜାଣିଶୁଣି ଏ କାର୍ଯ୍ୟ କରାଯାଉନାହିଁ ବୋଲି କେତେକ ଅଭିଯୋଗ କରିଛନ୍ତି । ପୂର୍ବରୁ ନିର୍ମାଣ ହୋଇଥିବା ଡ୍ରେନରେ ଜଳ ନିଷ୍କାସିତ ହୋଇପାରୁନାହିଁ । ତାହାଯୋଗୁଁ ଏଠାରେ ଦୁର୍ଗନ୍ଧରେ ବଜାରବାସୀ ହନ୍ତସନ୍ତ ହେଉଛନ୍ତି । ଶୁଳଭ ଶୈଚାଳୟ ଟିଏ ନାହିଁ । ସ୍ୱାଧିନତା ପରଠାରୁ ଯାତ୍ରୀ ବିଶ୍ରାମାଗାରଟିଏ ଦାବି ହେଉଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ । ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ 'ହମସ୍' ଟିଏ ପ୍ରଶାସନ କରିବାକୁ ନାରାଜ। ପୂର୍ବରୁ ଏକ ହାଇମାକ୍ସ ଲାଇଟ୍ ପୋଷ୍ଟ କାଳୀ ମଣ୍ଡପ ଆଗରେ ଥିଲେ । ତାହା ଆଜି ଦେଖିବାକୁ ମିଳୁନାହିଁ। ଜବରଦଖଲ ଯୋଗୁଁ ବଜାର ମଧ୍ୟ ଦେଇ ଯିବା ରାସ୍ତା ଅଣ ଓସାରିଆ ଥିବାରୁ ଆମ୍ବୁଲାନ୍ସ ଟିଏ ଯିବାପାଇଁ ଭାରି କଷ୍ଟ ହେଉଛି ।



ସ୍ୱାଧିନତା ସଂଗ୍ରାମୀ ରଘୁ, କେଲୁ ଓ ମକରଙ୍କର ଏକ ଶହୀଦ୍ ସ୍ମୃତି ସ୍ତମ୍ଭ ଅଛି । ଯାହା ଏ ଅଞ୍ଚଳର ସମ୍ମାନ। କିନ୍ତୁ ଦୁଃଖର କଥା ସେହି ସ୍ତମ୍ଭର ଶୀର୍ଷରେ ଏକ ବଡ 'ଓସ୍ତଗଛ' ନିଜର କାୟା ବିସ୍ତାର କରିଛି । ଏଠାରେ ସମସ୍ତେ କାନ୍ଦୁଛନ୍ତି । କାହାରି ଆଖିରୁ ଲୁହ ଆସୁନାହିଁ। ଭୋଟ ସମୟ ଆସିଲେ ନେତାମାନେ ଏଠାରେ ଡେରା ପକାଉଛନ୍ତି । ଭୋଟ ସରିଲେ ଦେଖାନାହିଁ । ଯୋଗ୍ୟ ନେତାମାନଙ୍କ ଅଭାବରୁ ଏହିଭଳି ଏ ଅଞ୍ଚଳ ଅନଗ୍ରସର ଅବସ୍ଥାରେ ପଡି ରହିଛି । ଆଗାମୀ ଦିନରେ ଯଦି ଏ ଅଞ୍ଚଳକୁ ବିକାଶ ପଥରେ ସାମିଲ୍ କରାନଯାଏ ତେବେ ଭୋଟରମାନେ ଏଥର ପାନେ ଦେବାପାଇଁ ମନସ୍ଥିର କରିସାରିଛନ୍ତି।

# ରାଜନୀତିରେ ହିଂସା କାହିଁକି ?



**ଉପକ୍ରମ**

ରାଜନୀତିରେ ହିଂସା ଘଟଣା ନୂଆ କଥା ନୁହେଁ। କେବେକେବେ କେତେକ ରାଜନେତା ଅସହିଷ୍ଣୁ ହୋଇପଡିବା ଦ୍ୱାରା ସେମାନେ ପ୍ରତିପକ୍ଷଙ୍କୁ ସମାଲୋଚନା କରିବା ସହିତ ବିଭିନ୍ନ ଅସୁବିଧାରେ ପକାଇଥାନ୍ତି। ଯଦ୍ୱାରା ହିଂସାକାଣ୍ଡ ଭଳି ଘଟଣା ଏହାର ଏକ ପ୍ରତିଫଳନ। ହେଲେ ପୂର୍ବାପେକ୍ଷା ଆଜିକାଲି ରାଜନୀତିରେ ବହୁଳ ଭାବରେ ଅସୂୟା ଭାବ ପ୍ରକଟ ହେଉଛି। ନକାରାତ୍ମକ ଦୃଷ୍ଟିକୋଣର ରାଜନୀତି ଯୋଗୁଁ ଶାସକ-ବିରୋଧୀ ଗୋଷ୍ଠୀ ମୁହାଁମୁହିଁ ପରିସ୍ଥିତିରେ ରହୁଛନ୍ତି। ଲୋକଙ୍କୁ ସ୍ୱଚ୍ଛ ଶାସନର ଆବଶ୍ୟକତା ଥିଲା ବେଳେ ଯେଉଁମାନେ ଏଥିରେ ବ୍ୟତିକ୍ରମ କରୁଛନ୍ତି ସେମାନଙ୍କୁ ଚେତେଇ ଦେବା ପାଇଁ ରାଜ୍ୟରେ ବିରୋଧୀ ଦଳମାନେ କେବେ ଆନ୍ଦୋଳନ ତ ଆଉ କେବେ ସଭା ମଞ୍ଚରେ ଭାଷଣ ମାଧ୍ୟମରେ ଶାସକ ଦଳକୁ ସମାଲୋଚନା କରୁଛନ୍ତି। ସମାଲୋଚନାକୁ ସହିବାର ଶକ୍ତି ନଥିବା ରାଜନେତାମାନେ ଯେଉଁଥିପାଇଁ ପ୍ରତିକ୍ରିୟାଶୀଳ ହୋଇଉଠୁଛନ୍ତି। ଯାହାର ଚରମ ପରିଣତି ହିଂସାରେ ପରିଣତ ହେଉଛି। ନିକଟରେ ଉତ୍କଳ ଭାରତ ସଭାପତି ଐରଖାରବେଳ ସ୍ୱାଇଁଙ୍କ ଉପରେ ଆକ୍ରମଣ ଘଟଣାରୁ ଏହା ସ୍ପଷ୍ଟ ଅନୁମେୟ। ଏହି ଘଟଣାକୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ କଡା ସମାଲୋଚନା କରାଯାଉଥିବା ବେଳେ ପୋଲିସ ପକ୍ଷରୁ ସୁରକ୍ଷା ବନ୍ଦୋବସ୍ତ କମ୍ ଥିବା ନେଇ ମଧ୍ୟ କଥା ଉଠିଛି। ଏହା ଖୋଦ ଖାରବେଳ ବାବୁ ଅଭିଯୋଗ କରିଛନ୍ତି। ଘଟଣା ପରେ ପୋଲିସ ମହାନିର୍ଦ୍ଦେଶକ ଖାରବେଳଙ୍କୁ ପୋଲିସ ସୁରକ୍ଷା ଯୋଗାଇ ଦିଆଯିବାକୁ ସବୁ ଜିଲ୍ଲାର ଏସ୍‌ପି ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଖାରବେଳଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମଧ୍ୟ ନିର୍ଦ୍ଦେଶ ଦେଇସାରିଛନ୍ତି। **ତେବେ ରାଜନୀତିରେ ହିଂସା କାହିଁକି?** ଏହାକୁ ନେଇ **ଏକମାତ୍ର** ପକ୍ଷରୁ ଏ ସପ୍ତାହର ଜନମତ।



**ଗାୟତ୍ରୀ ଦାଶ**
**ଲେଖିକା**

ଭାରତ ବର୍ଷର ରାଜନୀତିରେ ହିଂସା ସବୁ ସମୟରେ ଅଙ୍ଗେବହୁତେ ରହିଆସିଛି। ଏ ଦେଶରେ ଜାତିର ପିତା ମହାତ୍ମା ଗାନ୍ଧି ମଧ୍ୟ ଆତତାୟୀର ଗୁଳିରେ ପ୍ରାଣ ହରାଇଥିଲେ। ଏମିତି ଅନେକ ଘଟଣା ରହିଛି କିନ୍ତୁ ଏକଥା ଅବଶ୍ୟ ସତ୍ୟ ଯେ ରାଜନୀତିରେ ଏକ ଅସହିଷ୍ଣୁତାର ବାତାବରଣ ଦିନକୁ ଦିନ ବଢ଼ିବାର ପରିଲକ୍ଷିତ ହେଉଛି। ଆମେ ଭଲ, ତୁମେ ଖରାପ, ଆମେ ଠିକ୍ କରୁଛୁ, ତୁମେ ଭୁଲ୍ କରୁଛ ଏହିଭଳି ମାନସିକତା ସାଧାରଣ ଜନମାନସରେ ତ ବଢ଼ିଯାଉଛି, ରାଜନୀତିରେ ମଧ୍ୟ ଦୃଷ୍ଟିଗୋଚର ହେଉଛି। ପ୍ରଥମରେ ତୃଣମୂଳ ସ୍ତରରୁ ଆରମ୍ଭ କରି ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ରାଜନୀତି ସହିତ ସଂଶ୍ଳିଷ୍ଟ ପ୍ରତ୍ୟେକ ବ୍ୟକ୍ତି ଏହି ସମାଜରୁ ହିଁ ଆସୁଛନ୍ତି। ବାହାର ଦୁନିଆରୁ ନୁହେଁ। ଯେତେବେଳେ ସମାଜରେ ଅହଂଭାବ, ଈର୍ଷା, ଦ୍ୱେଷ ଓ କ୍ରୋଧର ମାତ୍ରା ଆଧୁନିକ ସଭ୍ୟତା ସହ ତାଳ ଦେଇ ବଢ଼ି ଚାଲିଛି। ରାଜନୀତିରେ ମଧ୍ୟ ଏହି ସବୁ ଅସହିଷ୍ଣୁ ଭାବର ପ୍ରତିଫଳନ ଘଟିବା ସ୍ୱାଭାବିକ। ଦ୍ୱିତୀୟରେ- ରାଜନୀତିକୁ ଆସୁଥିବା ସମସ୍ତ ବ୍ୟକ୍ତିବିଶେଷ ଯେ, କେବଳ ଉତ୍ସର୍ଗୀକୃତ ଜନସେବାର ମନୋଭାବ ନେଇ ଆସୁଛନ୍ତି, ତାହା ନୁହେଁ। କିଛି ବ୍ୟକ୍ତିମାନଙ୍କ ପାଇଁ ଏହା ଯୋଗ୍ୟତା ତୁଳନାରେ ଅଧିକ କ୍ଷମତା ହାସଲ। ଅର୍ଥ ଉପାର୍ଜନ ଓ ପ୍ରତିଷ୍ଠା ଲାଭ କରିବାର ଏକ ସୁନ୍ଦର ମାଧ୍ୟମ ହୋଇଛି। ଶାସକ ଦଳରେ ରହୁନ୍ତୁ ବା ବିରୋଧୀ ଦଳରେ ହୁଅନ୍ତୁ ଯେନତେନ ପ୍ରକାରେଣ ରାଜନୀତିରେ ରହି ନିଜର ଉଦ୍ଦେଶ୍ୟ ସାଧନ କରିବା ଏହି ସୁବିଧାବାଦୀ ବ୍ୟକ୍ତିମାନଙ୍କର ଲକ୍ଷ୍ୟ। ସ୍ଥିତି ବଜାୟ ନ ରହିଲେ ଉଦ୍ଦେଶ୍ୟ ସାଧନ ହୋଇପାରିବ ନାହିଁ। ତେଣୁ ସମାଲୋଚନା ଯୁକ୍ତିଯୁକ୍ତ ହେଉ ନ ହେଉ, ପ୍ରତିକ୍ରିୟା ଶାଳ ନହେଲେ ସ୍ଥିତି ଟଳମଳ ହେବାର ଆଶଙ୍କା ରହୁଛି। ତେଣୁ ରାଜନୀତିରେ ହିଂସା ଦେଖାଯାଉଛି। ବୃକ୍ଷଟିଏ ମଞ୍ଜିର ଗୁଣବତ୍ତା, ଚାରାର ବୃଦ୍ଧି ପାଇଁ ଆବଶ୍ୟକ ଜଳ, ବାୟୁ, ସୂର୍ଯ୍ୟକିରଣ ଇତ୍ୟାଦି ମିଳିଥିବା ଅନୁସାରେ ହିଁ ବଢ଼ିଥାଏ ଓ ସେହି ଭାବରେ ଫଳ ପ୍ରଦାନ କରେ। ଯେପର୍ଯ୍ୟନ୍ତ ବଳିଷ୍ଠ ସତ୍ ଚରିତ୍ର ଗଠନ ଦିଗରେ ପରିବାର, ରାଷ୍ଟ୍ର ବା ବିଭିନ୍ନ ସାମାଜିକ ବ୍ୟବସ୍ଥା ପକ୍ଷରୁ ଧ୍ୟାନ ଦିଆଯିବନାହିଁ, ସେ ପର୍ଯ୍ୟନ୍ତ କେବଳ ରାଜନୀତି କାହିଁକି ସବୁ କ୍ଷେତ୍ରରେ ହିଂସା ଦେଖାଯିବ ଓ ଏହାର ମାତ୍ରା ବଢ଼ିବ। ଆମେ ଯଦି ବର୍ତ୍ତମାନର ବ୍ୟବସ୍ଥା ଗୁଡିକୁ ନିରେଖି ଅନୁଧ୍ୟାନ କରିବା, ଦେଖିବା ଗୋଟିଏ ବ୍ୟକ୍ତି ପ୍ରତିକୂଳ ପରିସ୍ଥିତିରେ ସଂଯମ ଆଚରଣ ଦେଖାଇବା ପାଇଁ ତା'ର ପରିବାର, ରାଷ୍ଟ୍ର ବା ସମାଜରେ ବାଲ୍ୟ କାଳରୁ ଆଜୀବନ ସଠିକ୍ ଶିକ୍ଷା ଲାଭ କରୁନାହିଁ କି ଦିଗ୍‌ଦର୍ଶନ ପାଉନାହିଁ। ତେଣୁ ରାଜନୀତି ହେଉ ଅଥବା ଅନ୍ୟ ଯେ କୌଣସି କ୍ଷେତ୍ର ହେଉ ମନୁଷ୍ୟର ଆଚରଣରେ ଶାଳୀନତା ଆଶା କରିବା ବୃଥା।



**ମାନସ ରଞ୍ଜନ ମହାପାତ୍ର**
**ପୂର୍ବତନ ଚେୟାରମ୍ୟାନ୍, ଓଡ଼ିଶା ବାର କାଉନସିଲ**

ରାଜନୀତି ସହିତ ହିଂସା ଓତୋପ୍ରୋତଃ ଭାବେ ଜଡିତ। କାହିଁକିନା ରାଜନୀତିରେ କ୍ଷମତା ପାଇଁ ପ୍ରତିଯୋଗିତା ଚାଲିଥାଏ। ଯଦି ପୁରାଣ ପୃଷ୍ଠାରୁ ଆମେ ଆଲୋଚନା କରିବା ତେବେ ତ୍ରେତୟାରେ କୈକେୟୀଙ୍କୁ ମନ୍ଥରାର କୁମନ୍ତ୍ରଣା ଓ ଶ୍ରୀରାମଙ୍କ ବନବାସ ବି ଏକ ରାଜନୀତି। ତା'ପରେ ଦ୍ୱାପରରେ ଝିମିଟି ଖେଳ ବି ରାଜନୀତି। ଏଥିରୁ ମହାଭାରତର ମହାଯୁଦ୍ଧ। ସମୟକ୍ରମେ ରାଜନୀତିର ପରିଭାଷା ବଦଳିଗଲା। ଯେତେବେଳେ ରୋମ୍ ସାମ୍ରାଜ୍ୟରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ହିଂସାତ୍ମକ ଘଟଣା ଘଟିଲା ଏବଂ ରାଜନୀତିରେ ପରିବର୍ତ୍ତନ ଆସିଥିଲା। ବିଶିଷ୍ଟ ଦାର୍ଶନିକ ହବ୍‌ସଙ୍କ ମତାମତରେ 'ରାଜନୀତି କଦର୍ଯ୍ୟ ଏବଂ ହିଂସ୍ର'। ତେଣୁ ରାଜତନ୍ତ୍ର ସମୟରେ ହିଂସା ଦ୍ୱାରା କ୍ଷମତା ହାସଲ କରାଯାଉଥିଲା। ଅତୀତର ଭାରତ ଇତିହାସ ଏହାର ଚାକ୍ଷୁସ ପ୍ରମାଣ। ପୁତ୍ର ପିତାକୁ ବଧ କରି ଏବଂ ଭାଇ ଭାଇକୁ ହତ୍ୟା କରି ରାଜନୀତିରେ କ୍ଷମତା ହାସଲ କରିଛନ୍ତି। ଏଣୁକରି ଏଥିରୁ ପ୍ରମାଣିତ ହୁଏ ଯେ, ଯଦି ରାଜନୀତିରୁ କ୍ଷମତା ପାଇଁ ଲଢ଼େଇ କରାଯାଏ ତେବେ ହିଂସା ଅପରିହାର୍ଯ୍ୟ। ବ୍ୟକ୍ତିବିଶେଷ ରାଜନୀତି କରୁଥିଲେ ବି ମାନବିୟତା କିମ୍ବା ସେବାକୁ କେବେ ପ୍ରବୃତ୍ତି ଭାବେ ନେଇ ନଥିଲେ। କିନ୍ତୁ କ୍ଷମତାର ଲୋଭ ସେହି ବ୍ୟକ୍ତି ହିଂସାକୁ ଏକ ପ୍ରବୃତ୍ତି ଭାବେ ଗ୍ରହଣ କରି କ୍ଷମତା ହାସଲ କରିଛନ୍ତି। ବର୍ତ୍ତମାନ ରାଜନୀତିରେ ଥିବା ବ୍ୟକ୍ତି ମାନବିୟତା, ସହିଷ୍ଣୁତା ଏବଂ ସେବା ଠାରୁ ବହୁ ଦୂରରେ। ଯାହାଦ୍ୱାରା ରାଜନୀତି ମାଧ୍ୟମରେ କ୍ଷମତା ଦଖଲ ପାଇଁ ବାହୁବଳ, ଅର୍ଥବଳ ଏବଂ ଅନୈତିକ ଉପାୟର ବ୍ୟବହାର ଅପରିହାର୍ଯ୍ୟ ହୋଇପଡିଛି। ଭାରତର ଗଣତାନ୍ତ୍ରିକ ରାଜନୀତିରେ ସ୍ୱାଧୀନତା ପୂର୍ବର ରାଜନେତାମାନେ ସମାଜ ପ୍ରତି ବହୁ ଗୁରୁଦାୟିତ୍ୱ ବହନ କରିବା ସହିତ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରୁଥିଲେ। କିନ୍ତୁ ୭୦ ଦଶକ ପରେ ଭାରତର ରାଜନୀତିରୁ ହିଂସା ଏବଂ ପରଶ୍ରୀକାତରତା ଏକ ପ୍ରମୁଖ ଅସ୍ତ୍ର ଭାବେ ବ୍ୟବହାର କରି କ୍ଷମତା ଦଖଲ ପାଇଁ ମୂଳ ଲକ୍ଷ୍ୟ ରଖାଗଲା। ଯଦ୍ୱାରା ସମାଜରେ ଅସାମାଜିକ ବ୍ୟକ୍ତି ନିଜର ଆଧିପତ୍ୟ ବିସ୍ତାର କରି ରାଜନୀତିରେ ଅଂଶୀଦାର ହେଲେ ଏବଂ ରାଜନେତାମାନେ ନିଜର କ୍ଷମତା ଲୋଭରେ ସେଭଳି ବ୍ୟକ୍ତିଙ୍କୁ ବ୍ୟବହାର କରି ଧର୍ମ, ଭାଷା, ପ୍ରାନ୍ତୀୟତାକୁ ଗୁରୁତ୍ୱ ଦେଇ ହିଂସାକୁ ପ୍ରୋତ୍ସାହନ ଦେଇଛନ୍ତି। ଯଦ୍ୱାରା ସମାଜର ବହୁ ବୁଦ୍ଧିଜୀବୀ ଏବଂ ମାନବିକ ଦୃଷ୍ଟିଭଙ୍ଗୀ ଥିବା ବ୍ୟକ୍ତି ରାଜନୀତିରେ ପ୍ରବେଶ କରିବା ପାଇଁ କିମ୍ବା ରାଜନୀତି ମାଧ୍ୟମରେ ସମାଜ ପ୍ରତି ଥିବା ଉତ୍ତର ଦାୟିତ୍ୱ ଗ୍ରହଣ କରିପାରୁନାହାନ୍ତି। କ୍ଷମତାରେ ରହୁଥିବା ରାଜନୈତିକ ଦଳମାନେ ସମାଜକୁ ଆର୍ଥିକ କିମ୍ବା ବୌଧିତ ଉନ୍ନତିର ମାର୍ଗ ନ ଦେଖାଇ ବିଭିନ୍ନ ସମାଜ କଲ୍ୟାଣ ବ୍ୟବସ୍ଥାରେ ଲୋକମାନଙ୍କୁ ପଙ୍ଗୁ କରିବାର ଅପଚେଷ୍ଟା କରୁଛନ୍ତି। ଯାହା ଫଳରେ ସମାଜରେ କର୍ମନିଷ୍ଠା, ସହଯୋଗ ଏବଂ ସ୍ଥାୟୀ ଉନ୍ନତି ପାଇଁ କୌଣସି ମାର୍ଗଦର୍ଶନ ଦେଉନାହାନ୍ତି। ସମସ୍ତ ରାଜନୈତିକ ଦଳଙ୍କ ଉଦ୍ଦେଶ୍ୟ କେବଳ କ୍ଷମତା ଦଖଲ କରିବା। ଏହି କ୍ଷମତା ଦଖଲ ଦ୍ୱାରା ନିଜ ନିଜର ସ୍ୱାର୍ଥ ସାଧନ ହେଉଛି ମୂଳ ଲକ୍ଷ୍ୟ। ଯେଉଁଥିପାଇଁ ସମାଜରେ ହିଂସା, ଦ୍ୱେଷ ଓ ପରଶ୍ରୀକାତରତା ବୃଦ୍ଧି ପାଉଛି। ସମାଜକ୍ରମେ ମାନବିୟତା ଦୃଷ୍ଟି କୋଣରୁ ବହୁ ଦୂରକୁ ଚାଲିଯାଉଛି। ଯେଉଁଥିପାଇଁ ଭ୍ରଷ୍ଟାଚାର, ଅନିୟମିତତା ଏବଂ ରକ୍ତାକ୍ତ ହିଂସା ବୃଦ୍ଧି ପାଉଛି। ବର୍ତ୍ତମାନ ରାଜନୀତି କେବଳ କ୍ଷମତା ହାସଲ ପାଇଁ ଉଦ୍ଦିଷ୍ଟ ବୋଲି ମନେହୁଏ। ଏପରି ପରିସ୍ଥିତିରେ ଦେଶର ବୁଦ୍ଧିଜୀବୀ ଏବଂ ବିବେକୀ ବ୍ୟକ୍ତିମାନେ ନିଜକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଚେଷ୍ଟା କରିବା ଦରକାର। ଏଥିପାଇଁ ସଂଘର୍ଷ ତ ନିଶ୍ଚିତ ରହିବ। କିନ୍ତୁ ସମସ୍ତ ସଂଘର୍ଷକୁ ସାମ୍ନା କରି ସମାଜକୁ ନୂତନ ଦିଗ୍‌ଦର୍ଶନ ଦେବା ହେଉଛି ଏମାନଙ୍କ ଦାୟିତ୍ୱ। ଯୁଗେ ଯୁଗେ ବିବେକମାନ ବ୍ୟକ୍ତି ଓ ବଡବଡ ବୁଦ୍ଧିଜୀବୀମାନେ ହିଁ ସଂସାରକୁ ପରିବର୍ତ୍ତନର ମାର୍ଗ ଦେଖାଇଛନ୍ତି। ନଚେତ୍ ସାରା ସଂସାର ଏକ ପ୍ରଳୟର ସମ୍ମୁଖୀନ ନ ହେବ ବୋଲି କହିହେବନାହିଁ।



**ପବିତ୍ର ରାଉତରାୟ**
**ଚେୟାରମ୍ୟାନ୍**
**ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ**

ଆମ ଦେଶ ଭାରତ ୧୯୪୭ ମସିହାରେ ସ୍ୱାଧୀନତା ହାସଲ କରିଥିଲେ ବି ୧୯୫୮ ମସିହାରେ ଏହା ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରର ମର୍ଯ୍ୟାଦା ଲାଭ କଲା ସତ, କିନ୍ତୁ ଏଯାଏ ଏ ଦେଶରୁ ରାଜତନ୍ତ୍ରର ବାସ୍ନା ହଟିନାହିଁ। ଦେଶର ସମ୍ବିଧାନ ଅନୁସାରେ ପ୍ରତି ପାଞ୍ଚ ବର୍ଷରେ ନିର୍ବାଚିତ ପ୍ରତିନିଧିମାନେ ଶାସନ କ୍ଷମତାକୁ ଆସୁଥିଲେ ବି ସେମାନଙ୍କ ମନରେ ରାଜତନ୍ତ୍ର ଭଳି ମାନସିକତା ଭରି ରହିଛି। ଯେଉଁଥିପାଇଁ ଲୋଭ, ହିଂସା ଓ ବିଦ୍ୱେଷ ଭାବ ତାଙ୍କୁ କବଳିତ କରି ରଖିଛି। ଅତୀତର ପୃଷ୍ଠା ଦେଖିଲେ କ୍ରୁର ଶାସକମାନେ କ୍ଷମତା ଲୋଭରେ ଯେଭଳି ପିତା, ଭ୍ରାତା ଓ ଆତ୍ମୀୟସ୍ୱଜନଙ୍କୁ ହତ୍ୟା କରି ଶାସନ କ୍ଷମତା ମାଡି ବସୁଥିଲେ ଆଜି ମଧ୍ୟ ସେଭଳି କିଛି ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି। 'ଜୋର ଜାର ମୁଲକ ତାର' ନୀତିରେ ପରିବର୍ତ୍ତନ ଘଟିନାହିଁ। ଯେଉଁଥିପାଇଁ ଅବହେଳିତମାନେ ଉଚିତ୍ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଗରିବ ଲୋକ ଆଜି ମଧ୍ୟ ନ୍ୟାୟ ପାଇବାକୁ ସମ୍ବିଧାନ ଆଗରେ ଚିତ୍କାର କରିବା ବ୍ୟତିରେକ ଅନ୍ୟ କୌଣସି ରାସ୍ତା ପାଉନାହିଁ। ହେଲେ ଗରିବର ଚିତ୍କାର ନ୍ୟାୟ ପାଳିକାର ଅନ୍ଧ ପୁତୁଳି ଖୋଲିବାକୁ ସକ୍ଷମ ନୁହେଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ଏତିକି କହିବି ଯେ, ହେ ମୋ ଦେଶବାସୀ! ଦେଶରେ ଅଖଣ୍ଡତା ଓ ଶାନ୍ତି ବଜାୟ ରଖିବାକୁ ହେଲେ ନିର୍ବାଚନ ବେଳେ ନିଜର ମୂଲ୍ୟବାନ ଭୋଟ ଖଣ୍ଡିକ ସଠିକ୍ ଲୋକଙ୍କୁ ଦିଅନ୍ତୁ। ଉତ୍ତମ ପ୍ରାର୍ଥୀ ରାଜନୀତିକୁ ଆସିଲେ ଗଣତନ୍ତ୍ର ସୁଦୃଢ଼ ହେବା ସହିତ ଲୋକ ନ୍ୟାୟ ପାଇପାରିବେ। କାରଣ ଏହି ପବିତ୍ର ଭାରତରେ ଶ୍ରୀରାମଙ୍କ ପରି ରାଜା ରାଜ୍ୟ ଶାସନ କରୁଥିଲେ ଏବଂ ଧର୍ମାବତାର ଯୁଧିଷ୍ଠିର ମଧ୍ୟ ପ୍ରଜାବତ୍ସଳ ଶାସକ ଭାବେ ପରିଗଣିତ ହୋଇପାରିଥିଲେ। ତେଣୁ ଆମକୁ ଏମିତି ଏକ ଭାରତ ସରକାର ଯେଉଁଠାରେ ମଣିଷ ମଣିଷ ଭିତରେ ପାର୍ଥକ୍ୟ ନଥିବ, ଉତ୍ତମ ଭାଇଚାରା ଥିବ ଏବଂ ହିଂସା, ବିଦ୍ୱେଷ ଓ ଘୃଣା ନଥିବ। ଶାସକ ଯେତବେଳେ ନୀତିନିଷ୍ଠ ନହୁଏ ପ୍ରଜାମାନେ ନିର୍ଯାତିତ ହୁଅନ୍ତି। ତେଣୁ ନୀତିବାନ ନେତାଙ୍କ ସ୍ଥାନରେ ଯେତେଦିନ ପର୍ଯ୍ୟନ୍ତ ନୀତିଭ୍ରଷ୍ଟ ନେତାମାନେ ରହିଥିବେ ସେତେଦିନ ପର୍ଯ୍ୟନ୍ତ ଗଣତନ୍ତ୍ର ପ୍ରତି ବିପଦ ବଢୁଥିବ। ଗଣତନ୍ତ୍ର ସୁଦୃଢ଼ ନରହିଲେ ଦେଶବାସୀ ଭଲରେ ରହିପାରିବେ ନାହିଁ। ଏହିଭଳି ହିଂସା ବଢ଼ି ଚାଲିଥିବ। ତେଣୁ ପ୍ରତ୍ୟେକ ଭାରତୀୟ ଦେଶ ପ୍ରତି ସମର୍ପଣ ଭାବ ରଖି ଉତ୍ତମ ପ୍ରାର୍ଥୀଙ୍କୁ ନିର୍ବାଚିତ କରିପାରିଲେ ଅଖଣ୍ଡ ଭାରତର ସ୍ୱପ୍ନ ସାକାର ହୋଇପାରିବ।



**ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ**
**ବରିଷ୍ଠ କଂଗ୍ରେସ ନେତା**
**ବ୍ଲକ ସଭାପତି, ପିପିଲି**

ପ୍ରଥମେ ରାଜନୀତିରେ ପ୍ରାର୍ଥୀ ଭାବେ ଯେଉଁମାନଙ୍କୁ ଚୟନ କରାଯାଉଛି ସେମାନଙ୍କ ସମ୍ପର୍କରେ ସମ୍ପୃକ୍ତ ଦଳ ସବିଶେଷ ତଥ୍ୟ ହାସଲ କରୁନାହିଁ କିମ୍ବା ଭଲ ଭାବେ ପରୀକ୍ଷା ନିରୀକ୍ଷା କରୁନାହିଁ। ଯେଉଁଥିପାଇଁ ଅପରାଧୀକ ପୃଷ୍ଠଭୂମି ଥିବା ବ୍ୟକ୍ତିମାନେ ରାଜନୀତି କ୍ଷେତ୍ରକୁ ସୁରକ୍ଷିତ ଜାଗା ମଣି ପ୍ରବେଶ କରୁଛନ୍ତି। ରାଜନୀତିରେ ଅପରାଧୀମାନେ ଅଂଶୀଦାର ହେଲେ ସେମାନେ ଅଧିକ କ'ଣ ଆଉ କରିପାରିବେ। କାରଣ ଯଦି ଗୋଟିଏ ଜଙ୍ଗଲରେ ଗୋଟିଏ ସିଂହ ରାଜୁତି କରେ ତେବେ ସେଠାରେ ଶାନ୍ତି, ଶୃଙ୍ଖଳା ବିରାଜମାନ ଥାଏ। କିନ୍ତୁ ଯେତେବେଳେ ଗୋଟିଏ ଜଙ୍ଗଲରେ ଶତାଧିକ ସିଂହ ରାଜୁତି କରିବାକୁ ବାହାରନ୍ତି ସେତେବେଳେ ହିଂସା ଘଟିବା ସ୍ୱାଭାବିକ। ଯାହାକି ଓଡ଼ିଶା ରାଜନୀତିରେ ଦେଖିବାକୁ ମିଳୁଛି। ନିର୍ବାଚନ ବେଳେ ଗୋଟିଏ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳର ଅନେକ ବ୍ୟକ୍ତି ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହେଉଛନ୍ତି। ତେଣୁ ନୀତି ଆଦର୍ଶର ଭିନ୍ନତା ଦୃଷ୍ଟିରୁ ସେମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସହିତ ହିଂସାକାଣ୍ଡ ନିହାତି ଘଟିବ। ତା'ପରେ ଆଉ ଗୋଟିଏ କଥା ହେଉଛି ଗୋଟିଏ ଦଳ ଦୀର୍ଘବର୍ଷ ଧରି ଶାସନ କ୍ଷମତାରେ ରହିଲେ ସେମାନଙ୍କ ନେତା ଓ କର୍ମୀମାନେ ମନମୁଖୀ କାର୍ଯ୍ୟ କରିବା ସ୍ୱାଭାବିକ। ଏମାନଙ୍କ ମନମୁଖୀ କାର୍ଯ୍ୟକୁ ଯେଉଁମାନେ ବିରୋଧ କରିବେ ସେମାନଙ୍କୁ ଚପେଇ ରଖିବା ପାଇଁ ହିଂସାକାଣ୍ଡ ବଢ଼ିବ। ପ୍ରଶାସନ ଏ ଦିଗରେ ନିରପେକ୍ଷ କାର୍ଯ୍ୟାନୁଷ୍ଠାନ ବଦଳରେ ଯେତେବେଳେ ଶାସକ ଦଳର କର୍ମୀ ବା ନେତା ଅପରାଧ କଲେ ସେମାନଙ୍କୁ ଛାଡିଦେଇ ଅନ୍ୟମାନଙ୍କୁ ଦଣ୍ଡିତ କରନ୍ତି ସେତେବେଳେ ମଧ୍ୟ ହିଂସା ଉଗ୍ରରୂପ ଧାରଣ କରେ। ତେଣୁ ପ୍ରକୃତ ଅପରାଧୀଙ୍କୁ ଦଣ୍ଡ ନଦେଲେ ହିଂସାକାଣ୍ଡ କମିବ ନାହିଁ। ସବୁଠୁ ବଡକଥା ପ୍ରାର୍ଥୀ ଚୟନ ବେଳେ ଦଳମାନେ ଯେଉଁ ମାନଙ୍କୁ ଟିକଟ ଦଉଛନ୍ତି ସେମାନଙ୍କ ଚରିତ୍ର ପଞ୍ଜିକା ବିଷୟରେ ଅନୁଧ୍ୟାନ କରିବାର ଆବଶ୍ୟକତା ରହିଛି। ଦୋଷୀଙ୍କୁ ଦଣ୍ଡ ଓ ସାଧାରଣ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ପ୍ରଶାସନର ପାତର ଅନ୍ତର ନୀତିକୁ ନେଇ ଏଭଳି ଅନେକ କିଛି ଘଟିବାର ଆଶଙ୍କା ରହିଛି।



**ଶ୍ରୀରାମ ଦାଶ**
**ବରିଷ୍ଠ ସାମ୍ବାଦିକ ଓ ଲେଖକ**

ଗଣତନ୍ତ୍ରରେ ହିଂସା ସବୁବେଳେ ବିପଦଜନକ। ଯେମିତି ହିଂସା ବିପଦଜନକ ଚ୍ୟାରିଟି ମଧ୍ୟ ସେମିତି। ଯେଉଁମାନେ ମାଗଣାରେ ଛତା, ଜୋତା, କମ୍ବଳ ବଣ୍ଟନ କରି ଭୋଟ ହାତେଇବାକୁ ଚାହୁଁଛନ୍ତି ତାହା ଗଣତନ୍ତ୍ରର ପରିପନ୍ଥି ନୁହେଁ। ଗଣତନ୍ତ୍ରରେ ପ୍ରଜା ମଙ୍ଗଳ ହେଉଛି ଏକମାତ୍ର କାର୍ଯ୍ୟ। କ୍ଷମତା ଦଖଲ ପାଇଁ ବାହୁବଳ, ଅର୍ଥ ପ୍ରୟୋଗ ଓ ଭୟ ପ୍ରଦର୍ଶନ ଗଣତନ୍ତ୍ର ଓ ଦେଶକୁ ଦୁର୍ବଳ କରିଥାଏ। ଭାରତୀୟ ସଂସ୍କୃତି ଓ ବିଶ୍ୱାସରେ ହିଂସାକୁ ଘୃଣା କରାଯାଇଛି। ବଳ ପ୍ରୟୋଗ କରି କାହାର ହକ୍ ଛଡାଇବା, ଦୁର୍ବଳ ଉପରେ ଅତ୍ୟାଚାର କରାଯିବା ଏବେ ବିଭିନ୍ନ ରାଜନୈତିକ ଦଳର ମୁଖ୍ୟ ଅସ୍ତ୍ର। ନିକଟରେ ଭାରତ ବର୍ଷରେ ଯେତେଗୁଡ଼ିଏ ଘଟଣା ଘଟିଛି ସେ ସବୁକୁ ଯଦି ବିଚାରକୁ ନିଆଯାଏ, ତେବେ ଆମ ଦେଶ, ଆମ ରାଜ୍ୟ, ଆମ ବ୍ୟବସ୍ଥା ଓ ଆମ ଗଣତନ୍ତ୍ରର ଗତି କୁଆଡେ ତାହା ସ୍ପଷ୍ଟ ଅନୁମେୟ। ବ୍ୟକ୍ତି ମାନସିକ ସ୍ତରରୁ ହିଂସାକୁ ହତ୍ୟା ନକଲେ ସମାଜ ବଦଳି ପାରିବନାହିଁ। ସମାଜ ନ ବଦଳିଲେ, ଲୋକ ଭାବନା ନ ବଦଳିଲେ ଏହିଭଳି ହିଂସାକାଣ୍ଡ ଗୁଣ୍ଡା ଶ୍ରେଣୀର ଲୋକମାନେ କରିଚାଲିଥିବେ। ସମାଜର ସବୁ ସ୍ତରର ଲୋକ ଏହାକୁ ବିରୋଧ ନକଲେ ସମାଜ, ଦେଶ, ପରିବାର ଓ ଗଣତନ୍ତ୍ର ବିପନ୍ନ ହେବ। ରାଜନୀତିରେ ସବୁବେଳେ ହିଂସା ପ୍ରତିହିଂସା ସୃଷ୍ଟି କରିଥାଏ। 'ମାର ମାର ଭଣ୍ଡାରିଆ ମାର' ବୋଲି ଆମ ଓଡ଼ିଆରେ ଯେଉଁ ରୁଢ଼ି ପ୍ରୟୋଗ କରାଯାଇଛି ତାହା ସତ୍ୟ ପ୍ରମାଣିତ ହେବ। ଯେଉଁଥିରେ ଦର୍ଶକ, ସମର୍ଥକ ଓ ପଥଚାରୀ ରାଜନୀତିକ ହିଂସାର ଶିକାର ହେବେ।

**ସଂଗ୍ରାମ କେଶରୀ ହରିଚନ୍ଦନ**

ନିର୍ମୂଳିଳତା ଗୁଡିକ ନେତା ପାଲଟିଛନ୍ତି। ନୀତି, ଆଦର୍ଶ ଓ ମୂଲ୍ୟବୋଧ ଭଳି ଆଧାର ସେମାନଙ୍କର ନାହିଁ। ରାଜନୀତି ଆଜି ବୃତ୍ତି ପାଲଟିଛି। ଯେତେବେଳେ ଗୋଟିଏ ଖାଦ୍ୟ ପାଖରେ ଦୁଇଟି କୁକୁର ପହଞ୍ଚିଯିବେ ଏହାହିଁ ହେବ।

**କୈଳାଶ ଚନ୍ଦ୍ର ବେହେରା**
**ସାମ୍ବାଦିକ**

ନିଜେ ବଞ୍ଚିଲେ ବାପର ନାଁ, ଅନ୍ୟ ବିରୁଦ୍ଧରେ କହିଲେ ପୋଲିସ କେସ୍ ଓ ମାଡ। ଆଇନ ଶୃଙ୍ଖଳା ନାହିଁ। ପୋଲିସ ସପୋର୍ଟ ଟୁ ରୁଲିଙ୍ଗ୍ ପାର୍ଟି।



**ଦେବ ଚୌଧୁରୀ**
**ବିଜେପି ନେତା**

ରାଜନୀତିରେ ହିଂସାର ତିଳେ ମାତ୍ର ସ୍ଥାନ ନାହିଁ। ରାଷ୍ଟ୍ର ନିର୍ମାଣ ପାଇଁ ଉଦ୍ଦିଷ୍ଟ ଗଣତାନ୍ତ୍ରିକ ରାଜନୀତିରେ ବିଭିନ୍ନ ଦଳର ଆଦର୍ଶ ଓ ଆଭିମୁଖ୍ୟ ଅଲଗା ହୋଇଥିବା ବେଳେ ସମୟ ସମୟରେ ଶାସକ ଦଳର ଅନେକ ନିଷ୍ପତ୍ତି ଜନ ହିତରେ ଲାଗୁ ନଥିବା ହେତୁ ଏହାକୁ ବିରୋଧି ଦଳ କଡା ସମାଲୋଚନା କରିଥାନ୍ତି। ଏହି ସମାଲୋଚନା ଯେବେ ଲୋକାଦୃତ ହେବା ଆରମ୍ଭ କରେ ଓ ଜନମତକୁ ସରକାର ବିରୋଧି କରି ଗଣତାନ୍ତ୍ରିକ ପଦ୍ଧତିରେ ପରିବର୍ତ୍ତନ ଆଡକୁ ବାଟ କଢ଼ାଏ ଠିକ୍ ସେହି ସମୟରେ ଏଭଳି ଜଟିଳ ପରିସ୍ଥିତି ସୃଷ୍ଟି ହୁଏ। ଯଦି ସେହି ସମୟରେ ଏକ ଚିନ୍ତାଶୀଳ ଓ ବିକାଶୋନ୍ମୁଖୀ ସରକାର ନଥାଏ ଓ ଏଭଳି ସ୍ଥିତିରୁ ନିଜକୁ ମୁକାଳି ଜନତାଙ୍କ ପୁନଃ ବିଶ୍ୱାସ ଲାଭ କରିବାରେ ସକ୍ଷମ ହେବାରେ ସନ୍ଦେହ ଉପୁଜେ, ତେବେ ବିରୋଧିଙ୍କ ସ୍ୱରକୁ ଚାପି ଦେବାକୁ ଉଦ୍ୟମ ହୋଇଥାଏ। ଶାସକ ଦଳର ଏହି ମନୋଭାବ ହିଁ ହିଂସାକୁ ଆମନ୍ତ୍ରଣ କରେ। ପରିଶେଷରେ ଅମଲାତାନ୍ତ୍ରିକ ଶାସନରେ ଆଇନର ଶାସନ ମନ୍ତ୍ରକୁ ଭୁଲି ଶାସନରେ ଥିବା ଶାସକ ଦଳୀୟ ପ୍ରୀତି ପାଇଁ ଏହି ହିଂସା ବହୁଗୁଣିତ ହୋଇପଡେ।



**ଅନିଲ କୁମାର ମହାନ୍ତି**
**ସମାଜସେବୀ**

ସାମ୍ପ୍ରତିକ ରାଜନୀତିରେ ହିଂସା, ବ୍ୟକ୍ତିଗତ ଆକ୍ଷେପ, ସମାଲୋଚନା ଓ ଗାଳିଗୁଲଜ ବୃଦ୍ଧି ପାଉଛି। ଏହାର ଅନେକ କାରଣ ରହିଛି। ପ୍ରଥମଃ ଅପରାଧିକ ପୃଷ୍ଠଭୂମିରୁ ଆସିଥିବା ବ୍ୟକ୍ତି ରାଜନୀତିରେ ପ୍ରବେଶ କରିବା ଏବଂ ଅପରାଧି, ମାଫିଆ, ଡନ ମାନଙ୍କ ସହ ନେତାଙ୍କ ସୁସମ୍ପର୍କ। ଦ୍ୱିତୀୟଃ ନେତାଙ୍କ ଦୁର୍ନୀତିକୁ ସମାଲୋଚନା କରୁଥିବା ବ୍ୟକ୍ତି ପ୍ରତି ଅସହିଷ୍ଣୁ ହୋଇ ସେମାନଙ୍କୁ ଆକ୍ରମଣ କରିବା। ତୃତୀୟରେ ଶାସକ ଦଳ ପୋଲିସ ପ୍ରଶାସନକୁ ନିଜ ନିୟନ୍ତ୍ରଣରେ ରଖି ଅପରାଧୀମାନଙ୍କୁ ସୁରକ୍ଷା ଦେବା ଫଳରେ ଆଇନ ପ୍ରତି ଭୟ ରହୁନାହିଁ ଏବଂ ହିଂସା ବୃଦ୍ଧି ପାଉଛି।



**ଗଣେଶ ପ୍ରସାଦ ନାୟକ**
**ବରିଷ୍ଠ ସାମ୍ବାଦିକ**

ରାମାୟଣ, ମହାଭାରତ, ଶ୍ରୀମଦ୍ ଭଗବତ ଗୀତା, ବୁଦ୍ଧ ଓ ଜୈନ ବାଣୀ ଓ ଶେଷରେ ଭାରତୀୟ ସ୍ୱାଧୀନତାର ଅହିଂସା ସଂଗ୍ରାମ ଆମକୁ ହିଂସା ପରିହିତ ସମାଜ ଗଠନର ଅମୂଲ୍ୟ ବାଣୀ ପ୍ରଦାନ କରିଛି। ଭାରତର ଏହି ଅମୂଲ୍ୟ ଦର୍ଶନରେ ସମଗ୍ର ବିଶ୍ୱ ଅନୁପ୍ରାଣିତ। ଅଥଚ ଈଶ୍ୱରଙ୍କ ଭୂମି ଭାରତରେ ବୈଦିକ ଯୁଗରୁ ଆଜିର ଗଣତାନ୍ତ୍ରିକ ଯୁଗ ଯାଏ ରାଜନୈତିକ ହିଂସାର ପ୍ରତିଫଳନ ବିଡମ୍ବନା ବ୍ୟତୀତ ଅନ୍ୟ କିଛି ହୋଇ ନପାରେ। ପୂଣ୍ୟଭୂମି ଭାରତରେ ରାଜନୈତିକ ହିଂସାର କାୟା ବୃଦ୍ଧି ଯେତିକି ଦୁଃଖଦ, ତା'ଠାରୁ ଅଧିକ ଉଦ୍‌ବେଗଜନକ। ସତେ ଯେପରି ସାମାଜିକ ଓ ରାଜନୈତିକ ହିଂସା ଆମ ଜିନ୍‌ଗତ ଅଗତ୍ୟା ଦୁଃଖର ସହ ଏହାକୁ ସ୍ୱୀକାର କରିବାକୁ ପଡୁଛି। କ୍ଷମତା ଦଖଲ ପାଇଁ ତତ୍କାଳୀନ ରାଜାମାନେ ହିଂସା ପଥ ଅନୁସରଣ କରୁଥିଲେ। ଏହାର ନୈତିକ ଅନ୍ତ ଘଟିଥିଲା ସମ୍ରାଟ ଅଶୋକଙ୍କ କ୍ଷେତ୍ରରେ। କଳିଙ୍ଗ ଯୁଦ୍ଧର ବିଜୟ ତାଙ୍କୁ ଆନନ୍ଦ ବଦଳରେ ଦେଇଥିଲା ଅନୁଶୋଚନା। ଚଣ୍ଡାଶୋକରୁ ସେ ପାଲଟିଥିଲେ ଧର୍ମାଶୋକ। କନ୍ୟା-ପୁତ୍ରଙ୍କ ସହ ପରବର୍ତ୍ତୀ ଜୀବନକୁ ସେ କେବଳ ନିୟୋଜିତ କରିଥିଲେ ଅହିଂସା ପ୍ରଚାର ମନ୍ତ୍ରରେ। ଅହିଂସା ମାର୍ଗରେ ଭାରତ ହାସଲ କରିଥିଲା ସ୍ୱାଧୀନତା। ହେଲେ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାରତ ବର୍ଷର ରାଜନୀତି ଯେ ପୁନର୍ବାର ହିଂସା ଭଳି ମାନସିକତାକୁ ଆବୋରି ନେବ, ସେ କଥା ହୁଏତ ସହଜରେ ବିଶ୍ୱାସ କରି ହେଉନଥିଲା। ମାତ୍ର ତାହା ହିଁ ହେଲା। କ୍ଷମତା ଦଖଲ ପାଇଁ ନେତା ଓ ରାଜନୈତିକ ଦଳଙ୍କ ଏବର ପୁଞ୍ଜି ପାଲଟିଛି ଅର୍ଥ ଓ ବାହୁବଳ। ଏହାର କୁପ୍ରଭାବରେ ଆମେ ଗଣତନ୍ତ୍ରରେ ଆଉ ଅବାଧ ଓ ନିରପେକ୍ଷ ନିର୍ବାଚନ ସମ୍ଭବ ହେଉନାହିଁ। ରାଜନୈତିକ ହିଂସା କେବଳ ବିଧାନସଭା କିମ୍ବା ସଂସଦୀୟ ନିର୍ବାଚନ ମଧ୍ୟରେ ଆଉ ସୀମିତ ହୋଇ ରହିନାହିଁ। ବରଂ ଏହାର ବିଜାଣୁ ପଞ୍ଚାୟତ ବା ଗ୍ରାମସଭା ନିର୍ବାଚନକୁ ସଂକ୍ରମିତ କରିଚାଲିଛି। ପରିଣାମସ୍ୱରୂପ ଆମ ସାମାଜିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଧାର୍ମିକ ବିଦ୍ୱେଷ ବା ସାମ୍ପ୍ରଦାୟିକତା ଓ ସର୍ବୋପରି ହୀନ ଦଳୀୟ ରାଜନୀତି ଭାରତୀୟ ସାମାଜିକ ବୈଶିଷ୍ଟକୁ ନଷ୍ଟଭ୍ରଷ୍ଟ କରିବାରେ ଲାଗିଛି। ମୁକ୍ତ, ନିରପେକ୍ଷ ଓ ଅବାଧ ନିର୍ବାଚନ ପାଇଁ ଆମ 'ଲୋକ ପ୍ରତିନିଧି ଆଇନ'ରେ ସ୍ପଷ୍ଟ ବ୍ୟବସ୍ଥା ରହିଛି। ଏହାକୁ ସାକାର କରିବାକୁ ରାଜ୍ୟ ଅଧିକାରଭୁକ୍ତ ପୋଲିସ ପ୍ରଶାସନ କ୍ଷମତାଶୀନ। ଏହାସତ୍ତ୍ୱେ ସାଧାରଣ ଭୋଟର ଅବାଧ ନିର୍ବାଚନର ଚିତ୍ର ଦେଖିବାରୁ ବଞ୍ଚିତ। ତଥାକଥିତ ବିକାଶଶୀଳ ରାଜ୍ୟ ଗୁଡିକରେ ନିର୍ବାଚନୀ ହିଂସାର ଦାରୁଣ ଚିତ୍ର ଯେ କୌଣସି ସୁସ୍ଥ ମାନସିକତାକୁ ବିଦୀର୍ଣ୍ଣ କରେ। କ୍ଷମତାସୀନ କିମ୍ବା ପ୍ରଭାବଶାଳୀ ଦଳଗୁଡିକ ଯେ ରାଜନୈତିକ ହିଂସାକୁ କ୍ଷମତା ଦଖଲର ଏକମାତ୍ର ବିକଳ୍ପ ଭାବେ ଧରି ନେଇଛନ୍ତି, ସେଥିରେ ଦ୍ୱିରୁକ୍ତି ନାହିଁ। ତେବେ ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟରେ ରାଜନୈତିକ ହିଂସା କ୍ରମଶଃ ସ୍ପର୍ଶକାତର ହେଉଥିବା ଉଦ୍‌ବେଗର ବିଷୟ। ପ୍ରତିପକ୍ଷ ଦଳର ନେତାଙ୍କୁ କଳାପତାକା ଦେଖାଇବାରେ ଆଉ ବିରୋଧୀ ସୀମିତ ହୋଇ ରହିନାହିଁ। ବରଂ ଅଣ୍ଡାମାଡ, ଜୋତା ଫୋପଡା ଓ ନେତାଙ୍କୁ ସର୍ବସାଧାରଣରେ ଉଦ୍ଧତ କର୍ମୀଙ୍କ ଆକ୍ରମଣ ଏବେ ନିତିଦିନିଆ ଅଘଟଣରେ ପରିଣତ ହେଲାଣି। ମୋଟାମୋଟି ଭାବେ ଆମ ରାଜନୈତିକ ଓ ସାମାଜିକ ଆଦର୍ଶ ଏବେ ଘୋର ବିପକ୍ଷରେ। ସୁସ୍ଥ ଗରତନ୍ତ୍ର ଓ ସାମାଜିକ ସଦ୍ଭାବନା ବଜାୟ ରଖିବା ପାଇଁ ସଚେତନ ବର୍ଗ ଗଭୀର ଚିନ୍ତା କରିବା ଅପରିହାର୍ଯ୍ୟ ହୋଇପଡିଛି। ଏଭଳି ପରିସ୍ଥିତିରେ କ୍ଷମତା ହାସଲ ପାଇଁ ହିଂସାର ପଥକୁ ବାଛୁଥିବା ଦଳ ବା ନେତାଙ୍କୁ ସାମୂହିକ ବର୍ଜନ ବା ପ୍ରତ୍ୟାଖ୍ୟାନ କରିବାର ସମୟ ଆସି ନାହିଁ କି ?



**ଶିବାଶୀଷ ମହାପାତ୍ର**
**ଆଇନଜୀବୀ**

ରାଜନୀତିରେ ଦିନକୁ ଦିନ ହିଂସା ବଢ଼ିଚାଲିଛି। ବଢ଼ିବା ବି ସ୍ୱାଭାବିକ। ଅଧିକାଂଶ ରାଜନୈତିକ ନେତା ଅପରାଧିକ ପୃଷ୍ଠଭୂମିରୁ ହିଁ ଆସିଥାଆନ୍ତି। ସେମାନେ ନିଜର ସ୍ୱଭାବ ଛାଡି ପାରନ୍ତିନାହିଁ। ରାଜନୀତିରେ ହିଂସା ବଢ଼ିବାର ଏହା ମୂଳ କାରଣ। ଅନ୍ୟାୟ ବିରୁଦ୍ଧରେ ଉଠୁଥିବା ସ୍ୱରକୁ ହିଂସା ମାଧ୍ୟମରେ ଚପେଇ ଦବାକୁ ଅପଚେଷ୍ଟା କରନ୍ତି। କ୍ଷମତାରେ ନ ଥିଲା ବେଳେ ବିରୋଧି ଦଳ ଆନ୍ଦୋଳନ ବାହାନାରେ ହିଂସାକୁ ଅସ୍ତ୍ର କରୁଥିବା ବେଳେ ଶାସକ ଦଳ ଆନ୍ଦୋଳନ ଦମନ ନାଁରେ ବି ହିଂସା ଆଚରଣ କରନ୍ତି। ରାଜନୀତି ଆଜି କଳୁଷିତ। ହିଂସା ବିନା ରାଜନୀତି ସତେ ଯେମିତି ଅସମ୍ଭବ। ସମାଜ ସେବା ଉଦ୍ଦେଶ୍ୟରେ ପ୍ରାୟତଃ କେହି ରାଜନୀତିକୁ ଆଜି ଆସୁନାହାଁନ୍ତି। ଅଶିକ୍ଷିତ ବେକାର ଯୁବକମାନେ ଆଜି ରାଜନୀତିରେ ଆଗ ଧାଡିର ପୁରୋଧା। ଆମେ ସଚେତନ ଭୋଟର ବି କିଛି କମ ନୋହୁଁ। ନ ହେଲେ କ'ଣ ଜଣେ ଯୁବକ ଖାରବେଳବାବୁଙ୍କ ପରି ଜଣେ ଉଚ୍ଚ ଶିକ୍ଷିତ ଜ୍ଞାନୀଗୁଣୀଙ୍କୁ ଆମ ସାମ୍ନାରେ ମାରିବାର ସାହାସ କରିପାରନ୍ତା। ଆମେ ସମସ୍ତେ ଆଜି ନିଜ ନିଜ ସ୍ୱାର୍ଥରେ ବ୍ୟସ୍ତ। ରାଜ୍ୟ ପାଇଁ କି ଦେଶ ପାଇଁ ଟିକେ ଚିନ୍ତା କରିବାକୁ ଆମ ପାଖେ ଆଜି ସମୟ ନାହିଁ। ଗଣତନ୍ତ୍ର ଆଜି ବିପଦ ମୁହାଁ। ଅଧିକାଂଶ ମିଡିଆ ବାବୁମାନେ ଆଜି ନିରପେକ୍ଷ ନୁହଁନ୍ତି। ବସ୍ତୁବାଦୀ ଦୁନିଆରେ ନିଜର କିଛିଟା ସ୍ୱାର୍ଥ ପାଇଁ ସେମାନେ ଏକ ପ୍ରକାର ବିକ୍ରି ହେଇଯାଉଛନ୍ତି। ମାନବିକ ଅଧିକାର ସୁରକ୍ଷା ନାଁରେ ଆଜି ଅପରାଧୀମାନେ ଜେଲ ଭିତରେ ବି ଆରାମରେ ରହୁଛନ୍ତି। ଆଗଭଳି ଜେଲ କଷ୍ଟ ବି ନାହିଁ। ଦିନ ଥିଲା ଜେଲ ଯିବା ତ ଦୂର କଥା ଜେଲ ଗେଟକୁ ଯିବାକୁ ବି ସଙ୍କୋଚ ଲାଗୁଥିଲା। ଏବେ ସେ ପରିସ୍ଥିତି ତ ଆଉ ନାହିଁ। ଜେଲ ଯିବାକୁ କି କାହାକୁ ସାକ୍ଷାତ କରିବାକୁ ଜେଲ ଗେଟକୁ ଯିବା କିଛି ଲୋକଙ୍କୁ ଏକ ପ୍ରକାର ଷ୍ଟାଟସ ଭଳି ଲାଗିଲାଣି। ଦୁଃଖର ସହ କହିବାକୁ ପଡୁଛି ରାଜନୀତିରେ ହିଂସାର ପ୍ରାଦୁର୍ଭାବ ବହୁତ ବଢ଼ିଯାଇଛି। ଭଲ ତଥା ଶିକ୍ଷିତ ଲୋକ ରାଜନୀତିକୁ ଆସିଲେ ହୁଏତ ରାଜନୀତି ହିଂସାମୁକ୍ତ ହୁଅନ୍ତା।



**ଶୀଳଭଦ୍ର ଶାସ୍ତ୍ରୀ**
**ବରିଷ୍ଠ ଆଇନଜୀବୀ**

ପୂର୍ବେ ରାଜା ଭଳି ନୀତି ଥିବା ଲୋକେ ରାଜନୀତି କରୁଥିଲେ। କିନ୍ତୁ ଏବେ ପରିସ୍ଥିତି ଭିନ୍ନ ହୋଇଛି। ପଞ୍ଚାୟତ ସ୍ତରରୁ ରାଜନୀତିକୁ ଆସିଥିବା ଲୋକେ ସାରା ଜୀବନ ଅନ୍ୟର ସେବା ପାଇଁ ନିଜକୁ ଉତ୍ସର୍ଗ କରି ଜମି ଜମା ହରାଇ ସର୍ବସ୍ୱାନ୍ତ ହୋଇ ଶେଷରେ ବିଧାୟକଟିଏ ବି ହୋଇ ପାରୁନାହାନ୍ତି। ପରନ୍ତୁ କିଛି ଅପ୍ରତ୍ୟାଶିତ ଭାବେ ରାଜନୀତିକୁ ପସିଆସି ନିଜସ୍ୱ ସ୍ୱାର୍ଥ ସାଧନ ପାଇଁ ଅର୍ଥ ଓ ବାହୁବଳ ବ୍ୟୟବରାଦ କରି କ୍ଷମତା ହାସଲ କରୁଛନ୍ତି। ଅନ୍ୟ ପକ୍ଷରେ କିଛି ଉଚ୍ଚାଭିଳାସୀ ବ୍ୟବସାୟୀ ଓ ଉଚ୍ଚପଦସ୍ଥ ସରକାରୀ ଚାକିରିଆ, ଯେଉଁମାନେ ସାଧାରଣ ଲୋକଙ୍କ ପାଖରେ ବସିବାକୁ ନାକ ଟେକୁଥିଲେ ସେହିମାନେ ଏବେ ୩୦/୩୫ ବର୍ଷ କ୍ଷମତା ଓ ପ୍ରଚୁର ଅର୍ଥ ପ୍ରାପ୍ତି ପରେ ପୁନର୍ବାର ରାଜନୀତିକୁ ପ୍ରବେଶ କରି ନିଜର ସ୍ୱାର୍ଥ ସାଧନ କରିବାକୁ ଚେଷ୍ଟା କରୁଛନ୍ତି। ତା' ଛଡା ବ୍ୟକ୍ତିଗତ ଆକ୍ରୋଶ ଓ ଆକ୍ଷେପ ଦ୍ୱାରା ରାଜନୀତି ଏକ ଭିନ୍ନ ମୋଡ ନେଉଛି। ତେଣୁ ରାଜନୀତିରେ ହିଂସା ବୃଦ୍ଧି ପାଉଛି।



**ସାରଦା ପ୍ରସାଦ ମହାପାତ୍ର**
**ସମାଜସେବୀ**

ରାଜନୀତିରେ ହିଂସା ଓ ଆକ୍ରୋସ ସର୍ବଦା ଧ୍ୱଂସାଭିମୁଖୀ। ରାଜନୀତିର ପରମଗୁରୁ ଚାଣକ୍ୟଙ୍କ ମତରେ ରାଜନୀତିର ମୂଳମନ୍ତ୍ର ସାମ, ଦାମ, ଦଣ୍ଡ, ଭେଦ। ଏ ଚାରିଟିର ପ୍ରକୃତ ଅର୍ଥକୁ ନବୁଝିଥିବା ବ୍ୟକ୍ତି ହିଂସାର ଆଶ୍ରୟ ନିଅନ୍ତି। ତେବେ ରାଜନୀତିରେ ଦୁଇ ପ୍ରକାରର ହିଂସା ମୁଖ୍ୟତଃ ଦେଖାଯାଏ। ଗୋଟିଏ ହେଉଛି ଅତି ସାଧାରଣ, ଯାହାକି ନିଜ ପ୍ରିୟନେତାଙ୍କ ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତି ବା ସମୂହ ଉପରେ ପ୍ରତ୍ୟକ୍ଷ ଆକ୍ରମଣ ଏବଂ ଅନ୍ୟଟି ହେଲା ରାଜନୀତିରେ ନିଜର ସ୍ଥାନକୁ ସୁଦୃଢ଼ କରିବା ପାଇଁ ଦୁଇ ଗୋଷ୍ଠୀଙ୍କ ଭିତରେ ଥିବା ମତ ପାର୍ଥକ୍ୟକୁ ଜଟିଳ କରି ହିଂସାର ସୂତ୍ରପାତ କରିବା, ଯାହାକୁ ସାଧାରଣ ଅର୍ଥରେ ଦଙ୍ଗା କୁହାଯାଏ। ପ୍ରଥମଟିରେ ଯେହେତୁ ଜଣେ ବ୍ୟକ୍ତିର ସମ୍ପୃକ୍ତି ଥାଏ, ଯାହାକି ଏହି କିଛିଦିନ ତଳେ ଖାରବେଳ ସ୍ୱାଇଁଙ୍କ କ୍ଷେତ୍ରରେ ଦେଖାଦେଇଛି, ତାହା ବ୍ୟକ୍ତିଗତ ଆକ୍ରୋସ ବା ପ୍ରାୟୋଜିତ, ଜାଣିବା ଯେତିକି ସହଜ, ସେତିକି ଜଟିଳ ମଧ୍ୟ। ତେବେ ରାଜନୀତିରେ ହିଂସାର ପ୍ରୟୋଗ ସର୍ବଦା ଧ୍ୱଂସାଭିମୁଖୀ। ଏହା ନିର୍ମଳ ଭାବମୂର୍ତ୍ତିକୁ ନିର୍ମୂଳ କରିପାରେ। ହିଂସାର ରାଜନୀତି ଅପେକ୍ଷା ଲୋକପ୍ରିୟ ହେବାର ପ୍ରଚେଷ୍ଟା ହିଁ ସଫଳତାର ଚାବିକାଠି। ଗଣତାନ୍ତ୍ରିକ ସମ୍ବିଧାନରେ ରାଜନୈତିକ ହିଂସା ସୂତ୍ରପାତ ଘଟାଇବା ଧ୍ୱଂସର ପୂର୍ବ ସୂଚନା।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି